CMYK

• Vol.- 46, Issue No. 10
• Friday, 10 April 2026
• ଶୁକ୍ରବାର, ୧୦ ଏପ୍ରିଲ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

### ଆଜି ରାଜ୍ୟ କ୍ୟାବିନେଟ

## ପଞ୍ଚାୟତିରାଜ ବିଭାଗ ଆଣିବ ନୂଆ ନୀତି !

ଭୁବନେଶ୍ୱର,୯ ।୪(ନିପ୍ର): ଚଳିତ ମାସ ୧୦ତାରିଖରେ ବସିବାକୁ ଯାଉଛି ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କ୍ୟାବିନେଟ ବୈଠକ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତା ଲୋକସେବା ଭବନରେ ଏହା ଅନୁଷ୍ଠିତ ହେବ । ବିଭାଗୀୟ ମନ୍ତ୍ରୀ ଏବଂ ସଚିବମାନେ ଉପସ୍ଥିତ ରହିବେ। ସୂଚନା ମୁତାବକ ଏହି କ୍ୟାବିନେଟରେ ୭ଟି ପ୍ରସ୍ତାବ ଉପରେ ହୋଇପାରେ ଆଲୋଚନା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରହିପାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ । ଏହି ବିଭାଗ କ୍ୟାବିନେଟରେ ଏକ ନୂଆ ନୀତିର ପ୍ରସ୍ତାବ ଉପସ୍ଥାପନ କରିପାରେ। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପାଇଁ ପରିଚାଳନ ଓ ରକ୍ଷଣାବେକ୍ଷଣ ନୀତି '୨୦୨୬' ବିଭାଗ ଆଣିପାରେ । ସେହିଭଳି ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ଏବଂ ଆଇନ ବିଭାଗ ଭଳି ଅନେକ ବିଭାଗର ପ୍ରସ୍ତାବ କ୍ୟାବିନେଟରେ ଆସିପାରେ ।

## ଭିଜିଲାନ୍ସ ଅଧିକାରୀଙ୍କ ସହ ଚଢ଼ାଉ କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୯ ।୪: ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ ଦୁର୍ନୀତି ଅଭିଯୋଗ ପାଇବା ପରେ ଗୁରୁବାର ଭିଜିଲାନ୍ସ ଅଧିକାରୀଙ୍କ ସହ ଶକ୍ତି ବିଭାଗର ଏକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ମୈତ୍ରୀବିହାର ସ୍ଥିତ ଶକ୍ତି ବିଭାଗର ଇଆଇସିଙ୍କ କାର୍ଯ୍ୟାଳୟରେ ଚଢ଼ାଉଦିନ ୩ଟା୧୫ ମିନିଟ୍‌ରେ ହୋଇଥିଲା। ଅଫିସରେ କୌଣସି କର୍ମଚାରୀଙ୍କୁ ନ ପାଇବାରୁ କାର୍ଯ୍ୟାନୁଷ୍ଠାନ ଲାଗି ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ଦୁର୍ନୀତି ସହ ଅନିୟମିତତା ଅଭିଯୋଗ ଜଣେ ମନ୍ତ୍ରୀ ଆଣିଥିଲେ ବୋଲି କୁହାଯାଇଛି।

## ଆଜିଠୁ ସ୍ମାର୍ଟ ସିଷ୍ଟମ୍ସ ଆଧାରିତ ଅନ୍ତର୍ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୯ ।୪(ନିପ୍ର): ଆସନ୍ତା ୧୦ ଏବଂ୧୧ ଏପ୍ରିଲ, ଦୁଇ ଦିନ ପର୍ଯ୍ୟନ୍ତ ଗଣେଶ ଇଞ୍ଜିନିୟରିଂ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନରେ କମ୍ପ୍ୟୁଟେସନାଲ୍ ଇଣ୍ଟେଲିଜେନ୍ସ,ଡାଟା ସାଇନ୍ସ ଏବଂ ସ୍ମାର୍ଟ ସିଷ୍ଟମ୍ସ ଉପରେ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ କରାଯାଇଛି। ଯୁକ୍ତରାଷ୍ଟ୍ର ଆମେରିକା, ଯୁକ୍ତରାଜ୍ୟ, ସାଉଦି ଆରବ, ପୋଲାଣ୍ଡ ଏବଂ ପର୍ତ୍ତୁଗାଲ ଭଳି ଦେଶର ପ୍ରଖ୍ୟାତ ଶିକ୍ଷାବିତ୍ ଏବଂ ଗବେଷକଙ୍କ ସହିତ ଭାରତର ପ୍ରମୁଖ ଅନୁଷ୍ଠାନର ବିଶିଷ୍ଟ ଅଂଶଗ୍ରହଣକାରୀମାନେ ଯୋଗ ଦେଇ ଏହି ସମସ୍ତ ବିଷୟରେ ବିସ୍ତୃତ ତଥ୍ୟ ଦେଖାଇବେ। କାର୍ଯ୍ୟକ୍ରମର ଲକ୍ଷ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଶୈକ୍ଷିକ ଏବଂପ୍ରଯୁକ୍ତିବିଦ୍ୟା ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବା, ଯାହା ଭାରତକୁ ବିଶେଷକରି ଓଡିଶାକୁ ବିଶ୍ୱସ୍ତରୀୟ ସ୍ୱୀକୃତି ପ୍ରଦାନ କରିପାରିବ। ଏହି ଅନ୍ତର୍ଜାତୀୟ ସମ୍ମିଳନୀପାଇଁ ୭୮ଟି ଉପସ୍ଥାପନା ପାଇଁ ଆବେଦନ ଆସିଥିଲେ ସୁଦ୍ଧା ତନ୍ମଧ୍ୟରୁ ମାତ୍ର ୫୦ ଟି ଉପସ୍ଥାପନାକୁ ଅନୁମତି ମିଳିଛି।

### ମଧ୍ୟପ୍ରାଚ୍ୟ ମହାଯୁଦ୍ଧ: ଇରାନ ସ୍ପଷ୍ଟ କଲା

# ହରମୁଜରେ ଯିବ ଦିନକୁ ୧୫ ଜାହାଜ





ନୂଆଦିଲ୍ଲୀ,୯ ।୪: ଗୁରୁବାର ରୁଷର ବୈଦେଶିକ ମନ୍ତ୍ରଣାଳୟ ଲେବାନନ୍ ଉପରେ ଇସ୍ରାଏଲର ଆକ୍ରମଣକୁ ଦୃଢ଼ ନିନ୍ଦା କରିଛି ଏବଂ ତୁରନ୍ତ ଯୁଦ୍ଧବିରତି ପାଇଁ ଆହ୍ୱାନ ଦେଇଛି। ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଲେବାନନ୍‌ବାସୀଙ୍କ ପ୍ରତି ସମର୍ଥନ ପ୍ରକାଶ କରି କହିଛନ୍ତି ଯେ ଇସ୍ରାଏଲ ଲେବାନନ୍ ଉପରେ ଆକ୍ରମଣ ଜାରି ରଖିଛି।ଏଣେ ଇରାନର 'ଟ୍ରିଗର ଉପରେ ଆଙ୍ଗୁଠି' ଅଛି। ଇତିମଧ୍ୟରେ ଇସ୍ରାଏଲ ପକ୍ଷରୁ କୁହାଯାଇଛି ଯେ ଏହା ବେରୁଟ ଉପରେ ଏକ ରାତିର ଆକ୍ରମଣରେ ହିଜବୁଲ୍ଲା ନେତା ନାଇମ୍ କାସେମର ଭଣଜା ଏବଂ ବ୍ୟକ୍ତିଗତ ସଚିବ ଅଲି ୟୁସୁଫ୍ ହାର୍ସିକୁ ହତ୍ୟା କରିଛି। ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଆମେରିକୀୟ ସାମରିକ ଜାହାଜ ଏବଂ ବିମାନ ଇରାନ ଭିତରେ ଏବଂ ଏହାର ଆଖପାଖରେ ରହିବ। ସେ ଚେତାବନୀ ଦେଇ କହିଛନ୍ତି ଯେ ଯଦି ତେହେରାନ ଦୁଇ ପକ୍ଷ ମଧ୍ୟରେ ହୋଇଥିବା ଚୁକ୍ତିନାମାକୁ ସମ୍ପୂର୍ଣ୍ଣ ପାଳନ ନ କରେ ତେବେ ୱାଶିଂଟନ

- ★ ଯୁଦ୍ଧବିରତି ସତ୍ତ୍ୱେ ଅସ୍ତ୍ର ପ୍ରହାର
- ★ ଲେବାନନ୍ ଉପରେ ଇସ୍ରାଏଲର ଆକ୍ରମଣ:୨୫୦ରୁ ଅଧିକ ମୃତ
- ★ ହିଜବୁଲ୍ଲା ନେତା ନାଇମର ଭଣଜାକୁ ହତ୍ୟା
- ★ 'ଆକ୍ରମଣାତ୍ମକ କାର୍ଯ୍ୟ'କୁ ରୁଷର ନିନ୍ଦା
- ★ ଆମେରିକା ଇରାନ ସହିତ ଆଲୋଚନା କରିବ: ହ୍ୱାଇଟ୍ ହାଉସ୍
- ★ ଲେବାନନରେ ଆକ୍ରମଣକୁ ସୀମିତ କରିବାକୁ ଭାନ୍ସଙ୍କ ପ୍ରସ୍ତାବ

'ସୁଟିଂ' (ଗୁଳିଚାଳନା)ପୁଣି ଆରମ୍ଭ କରିବ।ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି ଯେ ଇସ୍ରାଏଲ ଚଳିତ ଆମେରିକା-ଇରାନ ଆଲୋଚନାର ଅବଧି ପାଇଁ ଲେବାନନରେ ଏହାର ଆକ୍ରମଣକୁ ସୀମିତ କରିବାକୁ ପ୍ରସ୍ତାବ ଦେଇଛି। ଇରାନ-ସମର୍ଥିତ ହିଜବୋଲା କହିଛି ଯେ ଏହା ଆମେରିକା-ଇରାନ ଯୁଦ୍ଧବିରତିର ଉଲ୍ଲଂଘନ । ଗତ ମାସରେ ହିଜବୋଲା ସହିତ ସଂଘର୍ଷ ଆରମ୍ଭ ହେବା ପରେ ଇସ୍ରାଏଲ ଲେବାନନ ଉପରେ ଏହାର ସବୁଠାରୁ ଭୟଙ୍କର ଆକ୍ରମଣ ଆରମ୍ଭ କରିଥିଲା। ବୁଧବାର ଆକ୍ରମଣରେ ୨୫୦ ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ଏହି ଉତ୍ତେଜନା ଆମେରିକା-ଇରାନ ଯୁଦ୍ଧବିରତିକୁ ଚାପଗ୍ରସ୍ତ କରିଛି। ମଧ୍ୟପ୍ରାଚ୍ୟରେ ଆମେରିକା ଏବଂ ଇରାନ ମଧ୍ୟରେ ଏକ ଦୁର୍ବଳ ଯୁଦ୍ଧବିରାମ ଲାଗି ରହିଥିବାରୁତେହେରାନ ସ୍ପଷ୍ଟ କରିଛି ଯେ ଅସ୍ତ୍ରବିରତି ସର୍ତ୍ତାବଳୀ ଅନୁଯାୟୀ, ଇରାନ ପ୍ରତିଦିନ ୧୫ ରୁ ଅଧିକ ଜାହାଜକୁ ହରମୁଜ୍ ପ୍ରଣାଳୀ ଦେଇ ପରିବହନ କରିବାକୁ ଅନୁମତି ଦେବ ନାହିଁ। ପାର ହେବା ପାଇଁ ଆଇଆରଜିସିର ଅନୁମୋଦନ ନେବାକୁ ହେବ। ଇତିମଧ୍ୟରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ, ଏକ ଟେଲିଭିଜନ ସମ୍ବୋଧନରେ ଚେତାବନୀ ଦେଇଛନ୍ତି ଯେ ଇସ୍ରାଏଲ 'ଯେକୌଣସି ସମୟରେ ଯୁଦ୍ଧକୁ ଫେରିବାକୁ ପ୍ରସ୍ତୁତ' ।ହ୍ୱାଇଟ୍ ହାଉସ୍ କହିଛି ଯେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ - ଲେବାନନରେ ଇସ୍ରାଏଲୀ ଆକ୍ରମଣ ସମେତ - ଛଅ ସପ୍ତାହ ଧରି ଚାଲିଥିବା ସଂଘର୍ଷରେ ଦୁର୍ବଳ ଯୁଦ୍ଧବିରତିକୁ ଦୁର୍ବଳ କରିବାର ଆଶଙ୍କା ଥିବା ସତ୍ତ୍ୱେ ଆମେରିକା ଇରାନ ସହିତ ସିଧାସଳଖ ଆଲୋଚନା କରି ଆଗକୁ ବଢ଼ିବ।

## ପାଣିରେ ବୁଡ଼ି ୪ ମୃତ



ଉମରକୋଟ/କୋରାପୁଟ,୯ ।୪: ଭିନ୍ନ ଭିନ୍ନ ସ୍ଥାନରେ ପାଣିରେ ବୁଡ଼ି ୪ ଜଣଙ୍କ ଜୀବନ ଯାଇଛି। ଗାଧୋଇବା ବେଳେ ପାଣିରେ ବୁଡ଼ି ୩ ଜଣ ନାବାଳିକାଙ୍କ ପ୍ରାଣ ଚାଲିଯାଇଛି । ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ କୁର୍ସି ଗ୍ରାମ ଉପରପାରାରେ ଏଭଳି ଅଘଟଣ ଘଟିଛି। ଦୁଇ ଜଣଙ୍କ ବୟସ ୬ ବର୍ଷ ଏବଂ ଜଣଙ୍କ ବୟସ ୫ ବର୍ଷ ବୋଲି ଜଣାପଡ଼ିଛି । ମିଳିଥିବା ପ୍ରାଥମିକ ସୂଚନା ମୁତାବକ, ଗୁରୁବାର ସକାଳେ ରାଜମାନ ଗଣ୍ଡଙ୍କର ଦୁଇ ଝିଅ ଏବଂ ବାଲସାହି ଗଣ୍ଡଙ୍କର ଗୋଟିଏ ଝିଅ ସ୍କୁଲକୁ ଯାଇଥିଲେ। ସ୍କୁଲରୁ ଆସିବା ପରେ ସମସ୍ତେ ସାଙ୍ଗ ହୋଇ ଘର ପାଖ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ଗାଧୋଇବା ବେଳେ ତିନି ଜଣଙ୍କର ପାଣିରେ ବୁଡ଼ି ମୃତ୍ୟୁ ହୋଇଛି । ଗାଧୋଇବା ବେଳେ ଅସାବଧାନତା ବଶତଃ ଏଭଳି ହୋଇଥିବା ଅନୁମାନ କରାଯାଇଛି । ସେହିପରି କୋରାପୁଟ ରାଣୀ ଡୁଡୁମା ଜଳପ୍ରପାତରେ ଗାଧୋଇବା ସମୟରେ ଜଣେ ପର୍ଯ୍ୟଟକ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ନାମ ଭବାନୀ ଶଙ୍କର ମହାନ୍ତି,ଘର ଜଗତସିଂପୁର ଜିଲ୍ଲା। ସେ କୋରାପୁଟର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଆକାଉଣ୍ଟାଣ୍ଟ ଭାବରେ କାର୍ଯ୍ୟ କରୁଥିଲେ।

### ୧୧ ପର୍ଯ୍ୟନ୍ତ କାଳବୈଶାଖୀ !

ଭୁବନେଶ୍ୱର,୯।୪:୧୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ଲାଗି ରହିବ ଓ ପରବର୍ତ୍ତୀ ୩ଦିନ ଖରା ସାଙ୍ଗକୁ ଗୁଳୁଗୁଳି ରାଜ୍ୟବାସୀଙ୍କୁ କଳବଳ କରିବ ବୋଲି ପାଣିପାଗ ବିଭାଗ ସୂଚନାରୁ ପ୍ରକାଶ। କାଳବୈଶାଖୀ ଝଡ଼, ବଜ୍ରପାତ ଏବଂ ପବନର ସମ୍ଭାବନା ନେଇ ୧୦ ତାରିଖ ସକାଳ ଠାରୁ ୧୧ ତାରିଖ ସକାଳ ସୁଦ୍ଧା ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ନୟାଗଡ଼, ଗଞ୍ଜାମ, ଗଜପତି,।

## ଆସାମ, କେରଳମ୍, ପୁଡୁଚେରୀରେ ଶାନ୍ତିପୂର୍ଣ୍ଣ ମତଦାନ

### ପୁଡୁଚେରୀରେ ସର୍ବାଧିକ ୮୯.୦୮ ପ୍ରତିଶତ



ନୂଆଦିଲ୍ଲୀ,୯ ।୪: ତିନୋଟି ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳରେ ଗୁରୁବାର ବିଧାନସଭା ନିର୍ବାଚନ ପାଇଁ ମତଦାନ ଶାନ୍ତିପୂର୍ଣ୍ଣ ଭାବରେ ଶେଷ ହୋଇଛି । ଆସାମ, କେରଳ ଏବଂ ପୁଡୁଚେରୀରେ ଗୋଟିଏ ପର୍ଯ୍ୟାୟରେ ମତଦାନ ହୋଇଛି । ଆସାମରେ ୧୨୬ ଆସନ, କେରଳମ୍‌ର୧୪୦ ଆସନ ଏବଂ ପୁଡୁଚେରୀର ୩୦ ଆସନ ପାଇଁ ମତଦାନ ହୋଇଛି । ଆସାମରେ ୮୫.୦୪, କେରଳମ୍‌ରେ ୭୭.୩୮ ଓ ପୁଡୁଚେରୀରେ ୮୯.୦୮ ପ୍ରତିଶତ ମତଦାନ ହୋଇଛି। ଭୋଟ ଗଣତି ଓ ଫଳାଫଳ ମେ ୪ରେ ହେବ।

### ୬୦୦ କୋଟି ବ୍ୟୟ: ରାଜଧାନୀରେ ୩ ନୂତନ ଗ୍ରୀଡ୍ ସବ୍‌ଷ୍ଟେସନ

# ଏଣିକି ନିରନ୍ତର ବିଦ୍ୟୁତ୍ ସେବା: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୯ ।୪(ନିପ୍ର): ଭୁବନେଶ୍ୱରର ବିଦ୍ୟୁତ୍ ସରବରାହ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ବାଲିଅନ୍ତା ଠାରେ ୩ଟି ନୂତନ ଗ୍ରୀଡ୍ ସବ୍‌ଷ୍ଟେସନ ଓ ୮ଟି ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସମିସନ ଲାଇନ୍ ଉଦ୍‌ଘାଟନ କରିଛନ୍ତି। ସବ୍‌ଷ୍ଟେସନ ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଖରାଦିନେ ପାୱାର କଟ୍ ହେବ ନାହିଁ। ଅଘୋଷିତ ବିଦ୍ୟୁତ୍ କାଟ ଏକ ଦଣ୍ଡନୀୟ ଅପରାଧ। ଯେଉଁ ଅଧିକାରୀ ବିଦ୍ୟୁତ କାଟ୍ କରିବେ ତାଙ୍କୁ ଜେଲ ଯିବାକୁ ପଡ଼ିପାରେ। ସୂଚନାଯୋଗ୍ୟ ଯେ ପ୍ରାୟ ୬୦୦ କୋଟି ଟଙ୍କା ବ୍ୟୟରେ ଏହି ୩ଟି ନୂତନ ଗ୍ରୀଡ୍ ସବ୍‌ଷ୍ଟେସନ- ବାଲିଅନ୍ତା, ସତ୍ୟନଗର, ଏବଂ କଟକର ଏସ୍.ସି.ବି. ମେଡିକାଲରେ ସ୍ଥାପନ କରାଯାଇଛି। ଯାହାଦ୍ୱାରା ଅଞ୍ଚଳର ପ୍ରାୟ ୨୨ ଲକ୍ଷ ଉପଭୋକ୍ତା ଲାଭାନ୍ୱିତ ହେବେ। ଏହା ସହିତ ଭୁବନେଶ୍ୱରକୁ ଏକ ବିକଳ୍ପ ବିଦ୍ୟୁତ୍ ଉତ୍ସ ସହିତ ସଂଯୋଗ ମଧ୍ୟ କରାଯାଇଛି। ଆଗାମୀ ଦିନରେ କଟକ ଓ ଭୁବନେଶ୍ୱରକୁ ଏକାଧିକ ଫିଡର ଲାଇନ ଦ୍ୱାରା ସଂଯୁକ୍ତ କରାଯିବ। ଏହାଦ୍ୱାରା ରାଜଧାନୀବାସୀ ନିରନ୍ତର ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇପାରିବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପ୍ରକଳ୍ପଗୁଡିକ ବହୁ ପୂର୍ବରୁ ମଞ୍ଜୁରି ପାଇଥିଲେ ମଧ୍ୟ କୋର୍ଟ କେସ୍ ଓ ବିଭିନ୍ନ ସମସ୍ୟା ଯୋଗୁଁ ଏ ଗୁଡିକର କାର୍ଯ୍ୟ ଆରମ୍ଭ ହୋଇପାରୁ ନ ଥିଲା। ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ, ଏହି ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇ ସମସ୍ତ ସମସ୍ୟାର ସମାଧାନ କରି ବର୍ଷକ ତଳେ କାମ ଆରମ୍ଭ ହୋଇଥିଲା। ମାତ୍ର ୧ ବର୍ଷ ମଧ୍ୟରେ ଓପିଟିସିଏଲ୍ ପକ୍ଷରୁ ୪ଟି ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇଛି। ଏଥିମଧ୍ୟରୁ ନୟାପଲ୍ଲୀ ଗ୍ରୀଡ ଗତବର୍ଷ ଠାରୁ ବିଦ୍ୟୁତ ସେବା ଆରମ୍ଭ ହୋଇସାରିଛି। ରାଜଧାନୀବାସୀଙ୍କୁ ବିଶ୍ୱସ୍ତରୀୟ ବିଦ୍ୟୁତସେବା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ଦୃଢ଼ ସଂକଳ୍ପ ଯୋଗୁ ଏହା ସମ୍ଭବ ହୋଇପାରିଛି । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ 'ଯେଉଁଠି ଦୃଢ଼ ଇଛାଶକ୍ତି ଥାଏ, ସେଠାରେ ଅସମ୍ଭବ ସମ୍ଭବ ହୁଏ'। ସେଥିପାଇଁ ଆମେ ମାତ୍ର ୧ ବର୍ଷ ଭିତରେ ୪ଟି ଗ୍ରୀଡ ସବ୍-ଷ୍ଟେସନ କାମ ସମ୍ପୂର୍ଣ୍ଣ କରିପାରିଲୁ । ଭୁବନେଶ୍ୱରର ବିଦ୍ୟୁତ୍ ଶକ୍ତି ଚାହିଦା ଦୁଇଗୁଣା ହେବ। ଯାହା ବର୍ତ୍ତମାନ ଏକ ହଜାର ମେଗାୱାଟ୍ ଅଛି ତାହା ୨୦୩୦ ସୁଦ୍ଧା ଦୁଇ ହଜାର ମେଗାୱାଟ୍‌ରେ ପହଞ୍ଚିବ। ଆଜି ସ୍ଥିତି ଅନୁଧ୍ୟାନ କରିବା ପରେ ମୁଖ୍ୟମନ୍ତ୍ରୀ ଭିଙ୍ଗାରପୁର, ଉତ୍ତମପୁର, ଗଙ୍ଗେଶ୍ୱର, ପାଣ୍ଡରା, ଜଗନ୍ନାଥ ନଗର, ମଙ୍ଗରାଜ, ପଳାଶୁଣି ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ଆଉ ୩ଟି ଫିଡର ଯୋଗାଇଦେବାକୁ ଟାଟା ପାୱାରକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଭୁବନେଶ୍ୱରର ପାର୍ଶ୍ୱବର୍ତ୍ତୀ ନଦୀଗୁଡ଼ିକର ପୁନରୁଦ୍ଧାର ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ପ୍ରାଚୀ ନଦୀର ପୁନରୁଦ୍ଧାର ପାଇଁ ୩୦୦ କୋଟି ଟଙ୍କା ମଂଜୁର ହୋଇଥିବା ବେଳେ ଭୁବନେଶ୍ୱର-ଜୟଦେବ ଅଂଚଳରେ ଥିବା ଧନୁଆ ନଦୀର ପୁନରୁଦ୍ଧାର ପାଇଁ ଦ୍ୱିତୀୟ ଫେଜ୍ ରେ ୭୫ କୋଟି ଟଙ୍କା ଅନୁମୋଦନ ହୋଇସାରିଛି । ଏଥିସହିତ ସଂଜୀବନୀ ଯୋଜନାରେ ଦୟା ନଦୀର ପୁନରୁଦ୍ଧାର ପାଇଁ ୧୭୦ କୋଟି ଟଙ୍କା ଏବଂ ଦୟା ପଶ୍ଚିମ କେନାଲ ପୁନରୁଦ୍ଧାର ଓ ଉନ୍ନତିକରଣ କରିବା ପାଇଁ ୪୦୦କୋଟି ଟଙ୍କା ଅନୁମୋଦନ ହୋଇଛି, ଏବଂ ଖୁବ ଶୀଘ୍ର ସମସ୍ତ କାର୍ଯ୍ୟ ଆରମ୍ଭ ହେବ ବୋଲି ଘୋଷଣା କରିଥିଲେ।

- ➔ ଅଘୋଷିତ ବିଦ୍ୟୁତ୍ କାଟ ଦଣ୍ଡନୀୟ ଅପରାଧ
- ➔ ୨୦୩୦ ସୁଦ୍ଧା ଚାହିଦା ୨ ହଜାର ମେଗାୱାଟ୍‌ରେ ପହଞ୍ଚିବ
- ➔ ୩ ଫିଡର ଯୋଗାଇବାକୁ ଟାଟା ପାୱାରକୁ ନିର୍ଦ୍ଦେଶ
- ➔ ପାର୍ଶ୍ୱବର୍ତ୍ତୀ ନଦୀଗୁଡ଼ିକର ହେବ ପୁନରୁଦ୍ଧାର

### ଓଏସଏସଟିଇଟି ପରୀକ୍ଷାଫଳ ପ୍ରକାଶିତ

## ପାସ୍ ହାର ୭୨.୩୮ ପ୍ରତିଶତ

କଟକ,୯ ।୪(ନିପ୍ର): ଗୁରୁବାର ପ୍ରକାଶ ପାଇଛି ଓଏସଏସଟିଇଟି-୨୦୨୫ ପରୀକ୍ଷା ଫଳ । ଏଥର ପରୀକ୍ଷାରେ ୭୨.୩୮ ପ୍ରତିଶତ ଆଶାୟୀ ଉତ୍ତୀର୍ଣ୍ଣ ହୋଇଥିବା ନେଇ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ଼) ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ, ଗତ ଜାନୁଆରୀ ମାସ ୨୧ ତାରିଖରେ ଓଏସଏସଟିଇଟି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରୀକ୍ଷା ପାଇଁ ୫୭ହଜାର ୪୫୬ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ଉଭୟ ପେପର-୧ ଓ ପେପର-୨ରେ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଇଥିଲେ। ଆଜି ଏହାର ଫଳ ପ୍ରକାଶ ପାଇଛି । ଚଳିତ ଥର ପାସ ହାର ୭୨.୩୮ ପ୍ରତିଶତ ରହିଛି ବୋଲି ବୋର୍ଡ଼ ସଭାପତି ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଅପରାହ୍ନ ୪ଟା ପରଠାରୁ ବୋର୍ଡ଼ ୱେବସାଇଟ ଡବ୍ଲୁଡବ୍ଲୁଡବ୍ଲୁ. ବିଏସଇଓଡ଼ିଶା.ଏସି.ଇନ ଏବଂ ଡବ୍ଲୁଡବ୍ଲୁଡବ୍ଲୁ. ବିଏସଇଓଡ଼ିଶା.ଏନଆଇସି.ଇନ ରେ ରେଜଲ୍ଟ ଉପଲବ୍ଧ ହେଉଛି। ପାସ କରିଥିବା ପରୀକ୍ଷାର୍ଥୀମାନେ ବୋର୍ଡ଼ ୱେବସାଇଟରୁ ସେମାନଙ୍କର ଡିଜିଟାଇଜଡ ସାର୍ଟିଫିକେଟ ଡାଉନଲୋଡ଼ କରିପାରିବେ ବୋଲି ବୋର୍ଡ଼ ପକ୍ଷରୁ ସୂଚନା ଦିଆଯାଇଛି । ଯେଉଁମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇନାହାନ୍ତି, ସେମାନେ ବୋର୍ଡ଼ ୱେବସାଇଟରୁ ସେମାନଙ୍କ ଓଏମଆର ଉତ୍ତର ଖାତା ଡାଉନଲୋଡ଼ କରିପାରିବେ।

CMYK




# ମହାଦେବଙ୍କ ପ୍ରିୟ ପୁଷ୍ପ

ହିନ୍ଦୁ ଧର୍ମରେ ପ୍ରତ୍ୟେକ ଶୁଭ କାମ, ପୂଜାପାଠରେ ଫୁଲ ବ୍ୟବହାର କରାଯାଏ। ବିଭିନ୍ନ ଦେବଦେବୀଙ୍କୁ ଭିନ୍ନ ଭିନ୍ନ ପୁଷ୍ପ ଅର୍ପଣ କରାଯାଏ। ଏହିକ୍ରମରେ ମହାଦେବଙ୍କୁ କେଉଁ ଫୁଲ ଅର୍ପଣ କଲେ ଶୁଭଫଳ ମିଳିଥାଏ ଆସନ୍ତୁ ଜାଣିବା। ଦୁଦୁରା ଶିବଲିଙ୍ଗରେ ନିୟମିତ ଦୁଦୁରା ଫୁଲ ସହ ବେଲପତ୍ର ଓ ଦୂବ ଅର୍ପଣ କଲେ ଧନପ୍ରାପ୍ତି ହୋଇଥାଏ। ସନ୍ତାନ ପ୍ରାପ୍ତି ଉଦ୍ଦେଶ୍ୟରେ ମହାଦେବଙ୍କୁ ଏହି ଫୁଲ ଅର୍ପଣ କଲେ ମନୋକାମନା ପୂର୍ଣ୍ଣ ହୋଇଥାଏ। ଅରଖ ଫୁଲ ଅର୍ପଣ କରିବା କଥା। ହିନ୍ଦୁ ଧର୍ମରେ ପ୍ରତ୍ୟେକ ଶୁଭ କାମ, ପୂଜାପାଠରେ ଫୁଲ ବ୍ୟବହାର କରାଯାଏ। ବିଭିନ୍ନ ଦେବଦେବୀଙ୍କୁ ଭିନ୍ନ ଭିନ୍ନ ପୁଷ୍ପ ଅର୍ପଣ କରାଯାଏ। ଏହିକ୍ରମରେ ମହାଦେବଙ୍କୁ କେଉଁ ଫୁଲ ଅର୍ପଣ କଲେ ଶୁଭଫଳ ମିଳିଥାଏ

### ଦୁଦୁରା:

ଶିବଲିଙ୍ଗରେ ନିୟମିତ ଦୁଦୁରା ଫୁଲ ସହ ବେଲପତ୍ର ଓ ଦୂବ ଅର୍ପଣ କଲେ ଧନପ୍ରାପ୍ତି ହୋଇଥାଏ। ସନ୍ତାନ ପ୍ରାପ୍ତି ଉଦ୍ଦେଶ୍ୟରେ ମହାଦେବଙ୍କୁ ଏହି ଫୁଲ ଅର୍ପଣ କଲେ ମନୋକାମନା ପୂର୍ଣ୍ଣ ହୋଇଥାଏ।



### ଅରଖ:

ଅରଖ ଫୁଲ ଅର୍ପଣ କରିବା ଦ୍ୱାରା କର୍ମ କ୍ଷେତ୍ରରେ ସଫଳତା ମଳିବା ସହ, ଆର୍ଥିକ ଉନ୍ନତି ଘଟିଥାଏ । ବିଦ୍ୟାର୍ଥୀମାନେ ଶିବଲିଙ୍ଗରେ ଅରଖ ଫୁଲ ଅର୍ପଣ କଲେ ବିଦ୍ୟା କ୍ଷେତ୍ରରେ ଉନ୍ନତି ହୋଇଥାଏ। ଯେଉଁ ବ୍ୟକ୍ତି ନିୟମିତ ଅରଖ ଫୁଲ ଅର୍ପଣ କରେ, ତା'ର ମୃତ୍ୟୁପରେ ତାକୁ ଶିବଲୋକ ପ୍ରାପ୍ତ ହୋଇଥାଏ ବୋଲି କୁହାଯାଏ।





### କନିଅର:

ଏହି ଫୁଲ ଭଗବାନ ଶିବଙ୍କର ଖୁବ ପ୍ରିୟ ଅଟେ। ଏହାକୁ ନିୟମିତ ଅର୍ପଣ କଲେ ନିଜ ଇଚ୍ଛା ଅନୁଯାୟୀ ଭଲ ଜୀବନ ସାଥୀ ପ୍ରାପ୍ତି ହୋଇଥାଏ। ଶିବପୁରାଣରେ ଏହି ଫୁଲର ବିଶେଷତ୍ୱ ବର୍ଣ୍ଣନା କରାଯାଇଛି। ଶାସ୍ତ୍ରରେ କୁହାଯାଇଛି ଯେ, ଏକଲକ୍ଷ କନିଅର ଫୁଲ ଶିବଙ୍କୁ ଅର୍ପଣକଲେ ସମସ୍ତ ରୋଗ ଓ ଶୋକ ନାଶ ହୋଇଥାଏ।

### ଅଗସ୍ତି:

ଏହାକୁ ଅର୍ପଣ କଲେ ସମାଜରେ ମାନସମ୍ମାନ ଓ ଖ୍ୟାତି ପ୍ରାପ୍ତି ହୋଇଥାଏ। ଯେଉଁ ବ୍ୟକ୍ତି ଅଗସ୍ତି ଫୁଲ ମହାଦେବଙ୍କୁ ଅପର୍ଣ କରେ, ସେ ଶ୍ରୀହରିଙ୍କ ମଧ୍ୟ ପ୍ରିୟ ହୋଇଥାଏ।

### ଶେଫାଳି:

ଭଗବାନ ଶିବଙ୍କୁ ଶେଫାଳି ଅର୍ପଣ କଲେ ମାନସିକ ଶାନ୍ତି ମିଳିବା ସହ ଜୀବନରେ ଥିବା ସମସ୍ତ କଷ୍ଟ ଦୂର ହୋଇଥାଏ। ମହାଦେବଙ୍କୁ ଏହି ଫୁଲ ଅତ୍ୟନ୍ତ ପ୍ରିୟ, ତେଣୁ ଏହାକୁ ଅର୍ପଣ କଲେ ମୋକ୍ଷପ୍ରାପ୍ତି ହୋଇଥାଏ।



# ଧନୁର ଐଶ୍ୱରିକ ଶକ୍ତି

ରାବଣ ଜଣେ ବଳଶାଳୀ ରାଜା ଥିଲା। ସେ ଶିବଙ୍କ ସହ କୈଳାସ ପର୍ବତକୁ ହାତରେ ଉଠାଇଥିଲା। ତେବେ ସୀତାଙ୍କ ସ୍ୱୟମ୍ବରରେ ଶିବ ଧନୁ ଉଠାଇ ପାରିନଥିଲା। ସେହି ଧନୁକୁ ଭଗବାନ ଶ୍ରୀରାମ ଉଠାଇ ଗୁଣ ଚଢାଇବା ବେଳେ ତାହା ଭାଙ୍ଗିଯାଇଥିଲା। ତେବେ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେଉଁ ରାବଣ କୈଳାସ ପର୍ବତ ହାତରେ ଟେକି ଧରିଥିଲା ଶିବଧନୁ ଉଠାଇ ପାରିଲାନି କାହିଁକି। ଜାଣିବା ଏହି ପ୍ରଶ୍ନର ଉତ୍ତର। ଶିବଙ୍କ ଧନୁ ବହୁତ ଶକ୍ତିଶାଳୀ ଓ ଚମତ୍କାରୀ ଥିଲା। ଶିବଙ୍କ ଧନୁର ଟଙ୍କାରରେ ବାଦଲ ବି ଫାଟିଯାଉଥିଲା। କୁହାଯାଏ ଏହାର ଟଙ୍କାରରେ ହିମାଳୟ ବି କମ୍ପୁଥିଲା। ଏହି ଧନୁରୁ ବାହାରିଥିବା ଗୋଟିଏ ତୀର ତ୍ରିପୁରାସୁରର ୩ଟି ନଗରୀଙ୍କୁ ଧ୍ୱସ୍ତ ହୋଇଯାଇଥିଲା। ଏହି ଧନୁର ନାମ ଥିଲା ପିନାକ। ତେବେ ଦେବୀଦେବତାଙ୍କ ସମୟ ସମାପ୍ତି ପରେ ଧନୁକୁ ଇନ୍ଦ୍ରଙ୍କ ଦାୟିତ୍ୱରେ ଦିଆଯାଇଥିଲା। ତେବେ ଦେବତାମାନେ ଏହି ଧନୁକୁ ଜନକଙ୍କ ପୂର୍ବଜ ତଥା ନିମିଙ୍କ ଜ୍ୟେଷ୍ଠପୁତ୍ର ଦେବରାଜଙ୍କୁ ଦେଇଦେଇଥିଲେ। ପରିବାରର ଉତ୍ତରାଧିକାରରେ ଧନୁଟି ଜନକଙ୍କ ଅଧୀନକୁ ଆସିଥିଲା। ତେବେ ସୀତାଙ୍କ ସ୍ୱୟମ୍ବରରେ ରଖା ଯାଇଥିବା ଧନୁ ଉଠାଇବାକୁ ସର୍ତ୍ତ ଥିଲା। ରାବଣ ବାହୁବଳରେ କୈଳାସ ପର୍ବତକୁ ହାତରେ ଉଠାଇଥିଲା। ହେଲେ ଅହଂକାର ଯୋଗୁଁ ଧନୁକୁ ଉଠାଇପାରିନଥିଲା। ସେ ଯେତେ ବଳ ପ୍ରୟୋଗ କରୁଥିଲା ଧନୁ ସେତେ ଭାରୀ ହୋଇଯାଉଥିଲା। କାରଣ ଥିଲା ଧନୁର ଦୈବୀ ଶକ୍ତି। ଯେତେବେଳେ ଜଣକ ପରେ ଜଣେ ରାଜା ଧନୁ ଉଠାଇ ନ ପାରି ଲଜ୍ଜିତ ହୋଇ ଫେରିଲେ ଗୁରୁ ବିଶ୍ୱାମିତ୍ର ରାମଙ୍କୁ ଧନୁ ଉଠାଇବାକୁ ଆଦେଶ ଦେଲେ। ରାମଚନ୍ଦ୍ର ଜାଣି ଯାଇଥିଲେ ଧନୁର ଐଶ୍ୱରିକ ଶକ୍ତି ରହିଛି। ଏଣୁ ସେହି ଅନୁସାରେ ପ୍ରସ୍ତୁତି କରି ଉଠିଥିଲେ ଧନୁ ଉତ୍ତୋଳନ ଲାଗି। ରାମଚନ୍ଦ୍ର ଧନୁ ନିକଟରେ ପହଞ୍ଚି ପ୍ରଥମେ ପ୍ରଣାମ କରିବା ସହ ଶସ୍ତ୍ରକୁ ସମ୍ମାନ କରିଥିଲେ। ଏହା ଶିବ ଧନୁ ହୋଇଥିବାରୁ ପ୍ରଦକ୍ଷିଣ କରି ନିଜକୁ ଶରଣ କରିଥିଲେ। ଫଳରେ ଧନୁ ଶୁଖିଲା ତୃଣ ଠାରୁ ବି ହାଲୁକା ହୋଇଯାଇଥିଲା। ଯାହାକୁ ମର୍ଯ୍ୟାଦା ପୁରୁଷୋତ୍ତମ ଅକ୍ଳେଶରେ ଉଠାଇ ଗୁଣ ଦେବାକୁ ଉଦ୍ୟମ କରନ୍ତେ ପ୍ରକାଣ୍ଡ ଧ୍ୱନି କରି ଭାଙ୍ଗିଯାଇଥିଲା।



# ପୂଜା ସମୟରେ କରନ୍ତୁ ନାହିଁ ଭୁଲ୍



ଭଗବାନଙ୍କୁ ପୂଜା କରିବା ପାଇଁ ଭକ୍ତି ଓ ଶ୍ରଦ୍ଧା ଆବଶ୍ୟକ। ଏହାସହିତ କିଛି ନିୟମ ମଧ୍ୟ ଅଛି, ଯାହାକୁ ମାନିବା ଉଚିତ। ପୂଜା କରିବା ସମୟରେ ଅଜାଣତରେ ଏମିତି ଅନେକ କିଛି ଭୁଲ୍ ହୋଇଯାଏ ଯାହାର ପରିଣାମ ବିଷମ ପରିସ୍ଥିତି ସୃଷ୍ଟି କରେ। ତେଣୁ ପୂଜା କରିବା ସମୟରେ କିଛି ନିୟମ ଜାଣିରଖନ୍ତୁ। ଗଣେଶଙ୍କୁ ତୁଳସୀ, ଦେବୀ ଦୁର୍ଗାଙ୍କୁ ଦୂବ ଏବଂ ସୂର୍ଯ୍ୟଙ୍କୁ ବେଲପତ୍ର ଅର୍ପଣ କରନ୍ତୁ ନାହିଁ। ଘିଅ ଦୀପକୁ ସବୁବେଳେ ଡାହାଣ ପଟରେ ଏବଂ ଭଗବାନଙ୍କୁ ପୂଜା କରିବା ପାଇଁ ଭକ୍ତି ଓ ଶ୍ରଦ୍ଧା ଆବଶ୍ୟକ। ଏହାସହିତ କିଛି ନିୟମ ମଧ୍ୟ ଅଛି, ଯାହାକୁ ମାନିବା ଉଚିତ। ପୂଜା କରିବା ସମୟରେ ଅଜାଣତରେ ଏମିତି ଅନେକ କିଛି ଭୁଲ୍ ହୋଇଯାଏ ଯାହାର ପରିଣାମ ବିଷମ ପରିସ୍ଥିତି ସୃଷ୍ଟି କରେ।

### ତେଣୁ ପୂଜା କରିବା ସମୟରେ କିଛି ନିୟମ

- ଗଣେଶଙ୍କୁ ତୁଳସୀ, ଦେବୀ ଦୁର୍ଗାଙ୍କୁ ଦୂବ ଏବଂ ସୂର୍ଯ୍ୟଙ୍କୁ ବେଲପତ୍ର ଅର୍ପଣ କରନ୍ତୁ ନାହିଁ।
- ଘିଅ ଦୀପକୁ ସବୁବେଳେ ଡାହାଣ ପଟରେ ଏବଂ ତେଲ ଦୀପକୁ ବାମ ପଟରେ ରଖିବା ଉଚିତ। ଜଳପାତ୍ର, ଧୂପଦାନି ଓ ଘଣ୍ଟିକୁ ବାମ ପାଖରେ ରଖନ୍ତୁ।
- ଦେବାଦେବୀଙ୍କୁ ସ୍ନାନ କରିବା ପରେ ଅନାମିକା ଆଙ୍ଗୁଠିରେ ଚନ୍ଦନ ତିଳକ ଲଗାନ୍ତୁ।
- ଗଣେଶ, ହନୁମାନ ଓ ମା' ଦୁର୍ଗାଙ୍କ ମୂର୍ତ୍ତିରୁ ସିନ୍ଦୂର ନେଇ ମଥାରେ ଲଗାନ୍ତୁ ନାହିଁ।
- ଆଳତି କରିବା ସମୟରେ ଗୋଟିଏ ଦୀପରୁ ଆଉ ଗୋଟିଏ ଦୀପ, ଧୂପ ଓ କର୍ପୂର ଲଗାନ୍ତୁ ନାହିଁ।
- ପୂଜାସାମଗ୍ରୀ ପାଖରେ ନଥିଲେ, ଫୁଲ କିମ୍ବା ଅକ୍ଷତ ଅର୍ପଣ କରନ୍ତୁ।

# ସେବା ମାଧ୍ୟମରେ ଅନେକ ମହାପୁରୁଷ ହୋଇଥିଲେ





ପିଲାମାନଙ୍କ ମଧ୍ୟରେ ଦାନଶୀଳତାର ଭାବନା ଚାଷ କରିବା ଉଚିତ। ଏହା ପାରସ୍ପରିକ ପ୍ରେମ ଏବଂ ଭ୍ରାତୃତ୍ୱକୁ ସୁଦୃଢ଼ କରେ ଏବଂ ସମାଜରେ ବିଭାଜନ ଏବଂ ଖଣ୍ଡବିଖଣ୍ଡନର ଆଶଙ୍କା ହ୍ରାସ କରେ।

ଇତିହାସର ପୃଷ୍ଠାଗୁଡ଼ିକୁ ଦେଖିବା ଦ୍ୱାରା ଅନେକ ମହାପୁରୁଷଙ୍କ ନାମ ପ୍ରକାଶ ପାଏ ଯାହା ସେମାନଙ୍କ ସେବା ଆଧାରରେ ଲେଖାଯାଇଥିଲା। କେତେକ ଜାତିର ସେବା କରି, କେତେକ ମାନବତାର ସେବା କରି ଏବଂ ଅନ୍ୟମାନେ ପଶୁ ଏବଂ ପକ୍ଷୀଙ୍କୁ ଭଲପାଇ ଏବଂ ସେବା କରି ନିଜର ପତାକା ଉଠାଇଥିଲେ। ଆଜିର ପିଲା ଏବଂ କିଶୋରମାନଙ୍କୁ ଏହି ମହାପୁରୁଷଙ୍କ ଆଦର୍ଶକୁ ଅନୁକରଣ କରି ସେବା ମନୋଭାବରେ ନିୟୋଜିତ ହେବା ଆବଶ୍ୟକ। ଏହା ନିଜର, ପରିବାର, ସମାଜ ଏବଂ ଜାତିର ସର୍ବାଙ୍ଗୀନ ବିକାଶ ସୁନିଶ୍ଚିତ କରିବ। ପିଲାମାନଙ୍କ ମଧ୍ୟରେ ଦାନଶୀଳତାର ଭାବନା ଚାଷ କରିବା ଉଚିତ। ଏହା ପାରସ୍ପରିକ ପ୍ରେମ ଏବଂ ଭ୍ରାତୃତ୍ୱକୁ ସୁଦୃଢ଼ କରେ ଏବଂ ସମାଜରେ ବିଭାଜନ ଏବଂ ଖଣ୍ଡବିଖଣ୍ଡନର ଆଶଙ୍କା ହ୍ରାସ କରେ। ଆଜି ମଧ୍ୟ, ଯେଉଁ ପିଲାମାନଙ୍କ ଭିତରେ ସେବା ମନୋଭାବ ଥାଏ ସେମାନେ ଏକ ସ୍ୱତନ୍ତ୍ର ସଂସ୍କୃତି ପ୍ରଦର୍ଶନ କରନ୍ତି, ପ୍ରମାଣ କରନ୍ତି ଯେ ସେବା ଏବଂ ସଂସ୍କୃତି ପରସ୍ପର ନିର୍ଭରଶୀଳ। ଏହା ଆମର ପରମ୍ପରା ଏବଂ ଐତିହ୍ୟକୁ ସଂରକ୍ଷଣ କରିବାର ଭାବନାକୁ ମଧ୍ୟ ପ୍ରୋତ୍ସାହିତ କରେ।

# ପବିତ୍ର ମନ୍ଦିର



ଆନ୍ଧ୍ରପ୍ରଦେଶର ଖମ୍ମାମ ଜିଲ୍ଲାରେ ରହିଥିବା ଲକ୍ଷ୍ମୀ ନୃସିଂହ ମନ୍ଦିର ଆଧ୍ୟାତ୍ମିକତା ଏବଂ ପ୍ରାକୃତିକ ଦୃଷ୍ଟିକୋଣରୁ ସର୍ବଦା ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜି ଆସିଛି । ସହରର ଭିଡ଼ ଠାରୁ ଦୂର ଏହି ସ୍ଥାନଟି ଚତୁର୍ଦ୍ଦିଗରୁ ପର୍ବତ ପରିବେଷ୍ଟିତ । ଏହି ମନ୍ଦିର ପ୍ରତ୍ୟେକ ସମୟରେ ଭକ୍ତଙ୍କ ପାଇଁ ଖୋଲା ରହିଥାଏ । ଆଧ୍ୟାତ୍ମିକତା ଦୃଷ୍ଟିକୋଣରୁ ଏହି ପୀଠର ମହତ୍ତ୍ୱକୁ ଅନୁଭବ କରି ବହୁ ସଂଖ୍ୟାରେ ଭକ୍ତ ଏହି ସ୍ଥାନକୁ ଧାଇଁ ଆସିଥାନ୍ତି । ଏହି ମନ୍ଦିରରେ ଭଗବାନ ବିଷ୍ଣୁଙ୍କ ଅବତାର ନୃସିଂହଙ୍କୁ ପୂଜା କରାଯାଇଥାଏ । ଭଗବାନ ବିଷ୍ଣୁଙ୍କ ଭିନ୍ନ ଭିନ୍ନ ଅବତାର ମଧ୍ୟରୁ ନୃସିଂହ ଅବତାରର କଥା ମହାନ । ଧର୍ମ ସ୍ଥାପନା ଏବଂ ଭକ୍ତର ରକ୍ଷା ନିମନ୍ତେ ଭଗବାନ ବିଷ୍ଣୁ ଏହି ଅବତାର ଧାରଣ କରିଥିଲେ । ନୃସିଂହ ବା ନରସିଂହ ଅବତାରରେ ଭଗବାନ ବିଷ୍ଣୁଙ୍କ ଶରୀରରେ ମୁଣ୍ଡ ସିଂହ ଭଳି ହୋଇଥିବା ବେଳେ ନିମ୍ନ ଭାଗ ନର ବା ମନୁଷ୍ୟ ଭଳି ହୋଇଥିଲା । ଏହି ସ୍ୱରୂପରେ ସେ ରାକ୍ଷସ ହିରଣ୍ୟକଶ୍ୟପର ବଧ କରିଥିଲେ । ଖମ୍ମାମରେ ଥିବା ଲକ୍ଷ୍ମୀ ନୃସିଂହ ମନ୍ଦିରରେ ସ୍ଥାପନା କରାଯାଇଥିବା ନୃସିଂହ ମୂର୍ତ୍ତିର ଶ୍ରୀ ସ୍ୱରୂପ ପଞ୍ଚ ନୃସିଂହ ମୂର୍ତ୍ତି ରୂପରେ ପୂଜା କରାଯାଇଥାଏ । ମନ୍ଦିର ବାହାରେ ଭଗବାନ ବିଷ୍ଣୁଙ୍କ ଆଉ ଏକ ମୂର୍ତ୍ତି ରହିଛି । ଯେଉଁଥିରେ ଭଗବାନ ବିଷ୍ଣୁ ଯୋଗ ମୁଦ୍ରାରେ ଭକ୍ତଗଣଙ୍କୁ ଆଶୀର୍ବାଦ ଦେଉଥିବା ଦେଖିବାକୁ ମିଳିଥାଏ ।

## ‘ଆସ ବହିଟିଏ କିଣିବା’

କାଶୀନଗର,(ନିପ୍ର): ଓଡ଼ିଆ ପକ୍ଷ ୨୦୨୬ ଆନୁକୂଲ୍ୟରେ ‘ଆସ ବହିଟିଏ କିଣିବା’ ଦିବସ ପାଳନ ଅବସରରେ କାଶୀନଗର ଠାରେ ଥିବା ଶ୍ରୀରାମ ସ୍ନାତକ ମହାବିଦ୍ୟାଳୟ ଠାରେ ଅଧକ୍ଷ ଡ଼ଃ ପ୍ରଶାନ୍ତ ବାନାପାଲିଙ୍କ ନେତୃତ୍ୱରେ ଏକ



କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଆମର ଯୁବ ପିଢ଼ି ତଥା ଆଗାମୀ ପିଢ଼ି କିପରି ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ସଦା ସର୍ବଦା ଆଗ୍ରହ ରଖି ସବୁବେଳେ ଓଡ଼ିଆ ଜାତି ତଥା ଓଡ଼ିଆ ଭାଷାକୁ ଯେଉଁ ମହାପୁରୁଷମାନେ ରାଷ୍ଟ୍ରୀୟ ଭାଷାର ମାନ୍ୟତା ପାଇବା ପାଇଁ ଓଡ଼ିଆ ପୁସ୍ତକ ମାନ ଲେଖି ଓଡ଼ିଆଙ୍କୁ ସଚେତନ କରିବା ସହ ଓଡ଼ିଆ ଭାଷା ମାନ୍ୟତା ପାଇବା ପାଇଁ ଯେଉଁ ସଂଘର୍ଷ କାରି ସଫଳତା ହାସଲ କରିଥିଲେ ସେ ବିଷୟରେ ଆଲୋଚନା ହୋଇଥିଲା। ଏହି ଆଲୋଚନାଚକ୍ରରେ ଅଧ୍ୟାପକ ଅଧ୍ୟାପିକା ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କାରି ଓଡ଼ିଆ ପୁସ୍ତକର ପ୍ରାଧାନ୍ୟ କିପରି ଲୋକଲୋଚନକୁ ଆଣି ହେବ ସେଥିପାଇଁ ସମସ୍ତ ଗୋଟେ ଗୋଟେ ଓଡ଼ିଆ ପୁସ୍ତକ କିଣିଥିଲେ।

**ସୁନ୍ଦରଗଡ଼ :** ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ସୁନ୍ଦରଗଡ଼ ଠାରେ ‘ଆସ ବହିଟିଏ କିଣିବା’ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଏକ ଦିବସୀୟ ମିନି ପୁସ୍ତକ ମେଳା ଆୟୋଜିତ ହୋଇଥିଲା।

ଏହି ଅବସରରେ ଓଡ଼ିଶା ବିଧାନ ସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ବିଧାୟକ ରଘୁନାଥପାଲି ଦୁର୍ଗା ଚରଣ ତନ୍ତୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସନ୍ତୋଷ ଅମାତ,ସୁନ୍ଦରଗଡ଼ ପୌରପାଳିକାର ଅଧ୍ୟକ୍ଷା ତନୟା ମିଶ୍ର, ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଯୋଗ ଦେଇ ଏହି ମିନି ପୁସ୍ତକ ମେଳାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିମାନେ ସମସ୍ତେ ନିୟମିତ ଭାବେ କୌଣସି ନା କୌଣସି ବହି ପଢ଼ିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସେହିଭଳି ସମସ୍ତେ ବହି ପଢ଼ାକୁ ଏକ ଅଭ୍ୟାସରେ ପରିଣତ କରିବା ଦରକାର ଏହା ଦ୍ୱାରା ବ୍ୟକ୍ତିର ସୃଜନଶୀଳତାର ବିକାଶ ଘଟିଥାଏ ବୋଲି ଅତିଥିମାନେ ବୋଲି ମତ ଦେଇଥିଲେ । ପୁସ୍ତକର ବିକଳ୍ପ ନାହିଁ। ଆମେ ଯେତେ ବହି ପଢ଼ିବା ଆମ ମସ୍ତିଷ୍କ ସେତେ ଉର୍ବର ହେବ। ମାତ୍ର ଆଜିକାଲି ବହି କମ ଆଉ ଇଲେକଟ୍ରୋନିକ୍ସ ସାମଗ୍ରୀକୁ ବେଶି ବ୍ୟବହାର କରୁଛନ୍ତି। ମୋବାଇଲକୁ ଆମେ କମ୍ ବ୍ୟବହାର କରିବା ଦ୍ୱାରା ଆମେ ଆମ ମାନସିକ ଅବସାଦକୁ ମଧ୍ୟ ଦୂରେଇ ପାରିବା। ସେହିଭଳି ପୁସ୍ତକ ପଢ଼ିବା ଦ୍ୱାରା ଆମର ଭାଷା, ସାହିତ୍ୟ ମଧ୍ୟ ସୁଦୂର ପ୍ରସାରିତ ହେବ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସଦର ବିଧାୟିକା କୁସୁମ ଟେଟେ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋସ୍ନାରାଣୀ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ଉପସ୍ଥିତ ରହି ବିଭିନ୍ନ ପୁସ୍ତକ କିଣି ଥିଲେ।

## ‘ଆମ ବଜେଟ୍, ଆମେ ଜାଣିବା’

କୃଷ୍ଣପ୍ରସାଦ ,(ନି ପ୍ର ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ସଭାଗୃହରେ ମଣ୍ଡଳ ଉନ୍ନୟନ ଅଧିକାରୀ ଅମୀୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ବୈଠକରେ ଆମେ ଜାଣିବା ଆମ ବଜେଟ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ମୁଖ୍ୟ କିରାଣୀ ପୂର୍ଣ୍ଣ ଚନ୍ଦ୍ର କାଣ୍ଡି, ବିତ୍ତ ଅଧିକାରୀ ମନୋଜ ରଞ୍ଜନ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ, ମଣ୍ଡଳ ମଙ୍ଗଳ ଅଧିକାରୀ ପ୍ରତ୍ୟୁଷ କୁମାର ରଥ, କମ୍ପ୍ୟୁଟର ପ୍ରୋଗ୍ରାମର ପ୍ରଭାତ କୁମାର ଜେନା, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, କନିଷ୍ଠ ଯନ୍ତ୍ରୀ ଅମୀୟ କୁମାର ପଣ୍ଡା, କନିଷ୍ଠ ଯନ୍ତ୍ରୀ ବେଗା ହାଁସଦା, କନିଷ୍ଠ ଯନ୍ତ୍ରୀ ବିପ୍ଳବ କେଶରୀ ପ୍ରଧାନ, ରାଜସ୍ୱ ସହାୟକ କାଶୀମ ମହମ୍ମଦ, ଜଳଯୋଗାଣ ବିଭାଗ ଯନ୍ତ୍ରୀ ବିପିନ ବିହାରୀ ମଙ୍ଗରାଜ, ସମେତ ବ୍ଲକର ସମସ୍ତ କର୍ମଚାରୀ ସମେତ ୨୧ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ଏହି ସ୍ୱତନ୍ତ୍ର ବୈଠକରେ ଆମ ବଜେଟ ଉପରେ ବ୍ଲକ ମଙ୍ଗଳ ଅଧିକାରୀ ପ୍ରତ୍ୟୁଷ କୁମାର ରଥ ବିତ୍ତ ଅଧିକାରୀ ମନୋଜ ରଞ୍ଜନ ସାହୁ ବଜେଟ ଆୟ ବ୍ୟୟ ସମ୍ପର୍କରେ ଆଲୋକପାତ କରି ଉପସ୍ଥିତ ଜନପ୍ରତିନିଧିଙ୍କୁ ଶୁଣାଇବା ସହ ପଞ୍ଚାୟତରାଜ ବିଭାଗରେ ହେଉଥିବା ବିଭିନ୍ନ ପ୍ରକଳ୍ପ ଓ ତାହାର ସଦୁପଯୋଗ ସମ୍ପର୍କରେ ଆଲୋଚନା କରିଥିଲେ ।

## ବହିଟିଏ କିଣିବା ଅଭିଯାନ

ଚାରିଛକ(ନିପ୍ର) ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି ଓଡିଆ ପକ୍ଷ । ଆଜି ଓଡ଼ିଆ ପକ୍ଷ ପାଳନର ନବମ ଦିନରେ ରାଜ୍ୟବ୍ୟାପି ‘ ଆସ ବହିଟିଏ କିଣିବା ଅଭିଯାନ ‘ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମ ଅବସରରେ ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଛି ଓଡ଼ିଆ ପକ୍ଷ -୨୦୨୬ ଅନ୍ତର୍ଗତ “ଆସ ବହିଟିଏ କିଣିବା ଅଭିଯାନ” । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼ଃ ଅଶୋକ କୁମାର ବିଶ୍ୱାଳ ଏହି ଅଭିଯାନର ଶୁଭାରମ୍ଭ କରି ଓଡିଆ ପକ୍ଷ ପାଳନ ଅବସରରେ ରାଜ୍ୟବ୍ୟାପି ଆସ ବହିଟିଏ କିଣିବା ଅଭିଯାନ ଆୟୋଜନ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅଭିହିତ କରିବା ସହ ଛାତ୍ରୀମାନଙ୍କୁ ଓଡିଆ ଭାଷାର ବହୁଳ ପ୍ରଚାର ପ୍ରସାର ପାଇଁ ଓଡ଼ିଆ ବହିଟିଏ କିଣିବା ଏବଂ ସର୍ବତ୍ର ଓଡ଼ିଆ ଭାଷାକୁ ବ୍ୟବହାର ପାଇଁ ଉପଦେଶ ପ୍ରଦାନ କରିଥିଲେ।

# ପାପ ସମ୍ପର୍କ ଲୁଚାଇବାକୁ ବାପାର ଚକ୍ରବ୍ୟୂହ: ୨୪ ଘଣ୍ଟାରେ ପର୍ଦ୍ଦାଫାସ



ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ରେଳ ଷ୍ଟେସନରୁ ୪ ମାସର ଶିଶୁପୁତ୍ର ନିଖୋଜ ଘଟଣାରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ପାପ ସମ୍ପର୍କକୁ ଲୁଚାଇବା ସହ ଶାଳୀଙ୍କ ଠାରୁ ଦୂରେଇ ଯିବା ପାଇଁ ନିଜ ଶିଶୁପୁତ୍ରକୁ ଅପହରଣ କରିବାକୁ ଯୋଜନା କରିଥିଲା ଜନ୍ମକଲା ବାପା । ତେବେ ଖୋର୍ଦ୍ଧା ରୋଡ୍ ରେଳବାଇ ପୋଲିସ ମାତ୍ର ୨୪ ଘଣ୍ଟା ମଧ୍ୟରେ ଏହି ହୀନ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରିବା ସହ ନୟାଗଡ଼ ରଣପୁରରୁ ଶିଶୁଟିକୁ ଉଦ୍ଧାର କରିଛି ।ନୟାଗଡ଼ ଜିଲ୍ଲା ରଣପୁର ଥାନା କଳାମାଟିଆ ଗ୍ରାମର ପ୍ରଶାନ୍ତ ପ୍ରଧାନ ପୂର୍ବରୁ ବିବାହିତ ଥିଲେ ସୁଦ୍ଧା ନିଜ ଶାଳୀ ଚିନୁଲତା ପରିଡ଼ାଙ୍କ ସହ ସମ୍ପର୍କ ରଖି ଚେନ୍ନାଇରେ ରହୁଥିଲେ । ସେଠାରେ ସେମାନଙ୍କର ଏକ ୪ ମାସର ପୁତ୍ର ସନ୍ତାନ ଜନ୍ମ ହୋଇଥିଲା । ଶାଳୀଙ୍କ ସହ ଏହି ସମ୍ପର୍କକୁ ନେଇ ଗାଁରେ କଳହ ସୃଷ୍ଟି ହେବାରୁ ପ୍ରଶାନ୍ତ ଏକ ଭୟଙ୍କର ନାଟକ ରଚିଥିଲେ । ଶାଳୀ ଠାରୁ ପିଲାଟିକୁ ଦୂରେଇ ନିଜ ପ୍ରଥମ ସ୍ତ୍ରୀ ମିନୁଲତାଙ୍କୁ ଦେବା ପାଇଁ ସେ ଯୋଜନା ପ୍ରସ୍ତୁତ କରିଥିଲେ ।ଗତ ମଙ୍ଗଳବାର ରାତିରେ ପ୍ରଶାନ୍ତ ତାଙ୍କ ଶାଳୀ ଓ ଶିଶୁପୁତ୍ର ସହ ତାମିଲନାଡୁ ଯିବା ପାଇଁ ନିରାକାରପୁର ଷ୍ଟେସନରେ ପହଞ୍ଚିଥିଲେ । ରାତିରେ ୩ ନମ୍ବର ପ୍ଲାଟଫର୍ମରେ ବିଶ୍ରାମ ନେଉଥିବା ବେଳେ ପୂର୍ବ ଯୋଜନା ମୁତାବକ ପ୍ରଶାନ୍ତ ନିଜ ପ୍ରଥମ ସ୍ତ୍ରୀ ମିନୁଲତାଙ୍କୁ ଷ୍ଟେସନକୁ ଡକାଇଥିଲେ । ଶାଳୀ ଚିନୁଲତା ଗଭୀର ନିଦରେ ଶୋଇପଡ଼ିବାର ସୁଯୋଗ ନେଇ ପ୍ରଶାନ୍ତ ୪ ମାସର ଶିଶୁଟିକୁ ତାଙ୍କ ପ୍ରଥମ ସ୍ତ୍ରୀଙ୍କ ହାତକୁ ଟେକି ଦେଇଥିଲେ । ମିନୁଲତା ଶିଶୁଟିକୁ ଧରି ରଣପୁର ପଳାଇଥିଲେ । ଏହାପରେ ପିଲାଟି ଚୋରି ହୋଇଯାଇଥିବା ନେଇ ପ୍ରଶାନ୍ତ ତାଙ୍କ ଶାଳୀ ସହିତ ମିଶି ରେଳବାଇ ପୋଲିସରେ ଅଭିଯୋଗ କରି ନାଟକବାଜି ଆରମ୍ଭ କରିଥିଲେ ।ଏହି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେଇ ଅତିରିକ୍ତ ଡି.ଜି (ପୋଲିସ), ରେଳବାଇ ଏବଂ ଉପକୂଳ ସୁରକ୍ଷା, ଭୁବନେଶ୍ୱର ଆଇ.ପି.ଏସ, ଅରୁଣ ବୋଥ୍ରା, ଓ.ପି.ଏସ (ଏସ୍.ଏ.ଜି), ପୋଲିସ ଅଧୀକ୍ଷକ (ଏସ୍.ପି), ରେଳବାଇ, କଟକ ଭବାନୀ ଶଙ୍କର ଉଦ୍‌ଗାତା, ଓ.ପି.ଏସ, ଏସ୍.ଡି.ଆରପି.ଓ, ଖୋର୍ଦ୍ଧା ରୋଡ୍ ଜଗନ୍ନାଥ ମଲ୍ଲିକ, ତଦନ୍ତକାରୀ ଅଧିକାରୀ ନିରାକାରପୁର ଜି.ଆର.ଓ.ପି ଏସ୍.ଆଇ, ଦିଲ୍ଲୀପ କୁମାର ସାହୁ ପ୍ରମୁଖ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଘଟଣାର ତଦନ୍ତ ଆରମ୍ଭ କରାଯାଇଥିଲା । ପ୍ରଶାନ୍ତଙ୍କ ବୟାନରେ ସନ୍ଦେହ ହେବାରୁ ତାଙ୍କୁ ଘନ ଘନ ଜେରା କରାଯାଇଥିଲା । ଯେଉଁଥିରେ ସେ ନିଜର ପାପ ସ୍ୱୀକାର କରିଥିଲେ । ଏହାପରେ ପୋଲିସ ଟିମ୍ ରଣପୁରରୁ ଶିଶୁଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ସହ ଅଭିଯୁକ୍ତ ବାପା ପ୍ରଶାନ୍ତଙ୍କୁ ଗିରଫ କରିଛି ।

ଅଭିଯୁକ୍ତ ପ୍ରଶାନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସେପଟେ ପୀଡ଼ିତା ଶାଳୀ ଚିନୁଲତାଙ୍କ କହିବା ଅନୁଯାୟୀ, ପ୍ରଶାନ୍ତ ତାଙ୍କୁ ସବୁବେଳେ ମାଡ଼ପିଟ୍ କରୁଥିଲେ । ରେଳବାଇ ପୋଲିସ ଶିଶୁଟିକୁ ଖୋର୍ଦ୍ଧା ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି ।

## ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦାୟିତ୍ୱ ନେଲେ ରଘୁନାଥପାଲ୍ଲୀ ବିଧାୟକ

ସୁନ୍ଦରଗଡ଼,(ନିପ୍ର): ରଘୁନାଥପାଲ୍ଲୀ ବିଧାୟକ ତଥା ସୁନ୍ଦରଗଡ଼ ଜିଲ୍ଲା ଯୋଜନା ବୋର୍ଡର ନବନିଯୁକ୍ତ ଅଧ୍ୟକ୍ଷ ଦୁର୍ଗା ଚରଣ ତନ୍ତୀ ଆଜି ଆନୁଷ୍ଠାନିକ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଜିଲ୍ଲା ଯୋଜନା ବୋର୍ଡ କାର୍ଯ୍ୟାଳୟ ସୁନ୍ଦରଗଡ଼ରେ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ରଙ୍କ ସହିତ ଦଳର ବରିଷ୍ଠ ନେତା ଏବଂ କର୍ମୀଙ୍କ ଉପସ୍ଥିତିରେ ଦୁର୍ଗା ଚରଣ ତନ୍ତୀଙ୍କ ଦାୟିତ୍ୱଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଥିଲା ।

ସୁନ୍ଦରଗଡ ଜିଲ୍ଲାରେ ସମର୍ପିତ ଏବଂ ଆନ୍ତରିକତାର ସହିତ ସର୍ବାଙ୍ଗୀନ ବିକାଶ, ଜନ କଲ୍ୟାଣ ଏବଂ ସୁଶାସନ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ତନ୍ତୀ ତାଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ । ସୁନ୍ଦରଗଡ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଦୁର୍ଗା ଚରଣ ତନ୍ତୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା ସମଲେଶ୍ୱରୀଙ୍କ ଅଶେଷ କୃପା ଓ ଆଶୀର୍ବାଦରେ ସୁନ୍ଦରଗଡ଼ ଜିଲ୍ଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ଭାବେ ଆନୁଷ୍ଠାନିକ ଭାବରେ ଦାୟିତ୍ୱ ଗ୍ରହଣ କଲି । ସୁନ୍ଦରଗଡ଼ ଜିଲ୍ଲା ଯୋଜନା ବୋର୍ଡ଼ କାର୍ଯ୍ୟାଳୟରେ ଆୟୋଜିତ ଏହି ଦାୟିତ୍ୱ ଗ୍ରହଣ ଅନୁଷ୍ଠାନରେ ଦଳର ସମସ୍ତ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ମୁହୂର୍ତ୍ତର ସାକ୍ଷୀ ହେଲେ । ଏହି ଗୁରୁ ଦାୟିତ୍ୱ ଗ୍ରହଣ ଅବସରରେ ମୁଁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରୁଛି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଓ ଆମ ସାଂସଦ ତଥା କେନ୍ଦ୍ରୀୟ ମନ୍ତ୍ରୀ ଜୁଏଲ ଓରାମ ମହୋଦୟଙ୍କ ଅଦମ୍ୟ ବିଶ୍ୱାସ ଓ ଆଶୀର୍ବାଦ ମୋତେ ଏହି ପଦ ପାଇଁ ଯୋଗ୍ୟ ମନେ କରିଛନ୍ତି । ଦଳର ପ୍ରତ୍ୟେକ କାର୍ଯ୍ୟକର୍ତ୍ତା, ଶୁଭାନୁଧ୍ୟାୟୀ ଓ ସୁନ୍ଦରଗଡ଼ ଜିଲ୍ଲାର ଜନସାଧାରଣଙ୍କ ଅକୁଣ୍ଠ ଭଲପାଇବା ଓ ସହଯୋଗ ହିଁ ମୋ ପାଇଁ ସର୍ବଶ୍ରେଷ୍ଠ ପ୍ରେରଣା । ମୁଁ ଦୃଢ ସଂକଳ୍ପ ନେଇ ଏହି ଦାୟିତ୍ୱ ଗ୍ରହଣ କରୁଛି ଯେ, ସୁନ୍ଦରଗଡ଼ ଜିଲ୍ଲାର ସର୍ବାଙ୍ଗୀଣ ବିକାଶ, ଜନ-କଲ୍ୟାଣ ଓ ସୁଶାସନ ନିଶ୍ଚିତ କରିବା ପାଇଁ ସମ୍ପୂର୍ଣ୍ଣ ନିଷ୍ଠା ଓ ସମର୍ପଣ ସହ କାର୍ଯ୍ୟ କରିବି ।

## ରକ୍ତଦାନ ଶିବିର

ଯୋଡା,(ନିପ୍ର) : ଯୋଡ଼ା ଖଣି ମଣ୍ଡଳ ଅଧୀନ ଓଡ଼ିଶା ଖଣି ନିଗମ (ଓଏମସି) ଖଣ୍ଡବନ୍ଧ ଲୌହ ଖଣି ପକ୍ଷରୁ ସିଏସଆର କାର୍ଯ୍ୟକ୍ରମ ଅଧୀନରେ ‘ଓଡ଼ିଆ ପକ୍ଷ-୨୦୨୬’ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କେନ୍ଦୁଝରର ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଅକ୍ଷୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ମୁଖ୍ୟଅତିଥି ରୂପେ ଆଞ୍ଚଳିକ ପ୍ରବନ୍ଧକ, ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ ଥିବାବେଳେ ଖଣି ପ୍ରବନ୍ଧକ ସଂଜୀବ କୁମାର ପ୍ରଧାନ, ସିଏସଆର ପରାମର୍ଶଦାତା ନୂତନ କୁମାର ରାଉତ,କାର୍ମିକ ପ୍ରବନ୍ଧକ, ପ୍ରେମ ଆଇଜାକ ଟୀଗା,ମେଡିକାଲ ଅଫିସର, ଭାସ୍କର ଚନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇ ରକ୍ତ ଦାତାଙ୍କ ମନୋବଳକୁ ଉତ୍ସାହିତ କରିଥିଲେ । ଶିବିରରେ ଡାକ୍ତର, ନର୍ସ ଏବଂ କର୍ମଚାରୀ ମାନେ ସହଯୋଗ କରି ସର୍ବମୋଟ ୫୮ ୟୁନିଟ ରକ୍ତ ସଂଗୃହିତ କରିଥିଲେ । ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ପରମ୍ପରା ସହ ଲୋକମାନଙ୍କୁ ପୁନଃ ଯୋଡିବାକୁ ଉଦ୍ଦିଷ୍ଟ ‘ଓଡ଼ିଆ ପକ୍ଷ’ ଏପ୍ରିଲ ୧ରେ ଉତ୍କଳ ଦିବସରୁ ଆରମ୍ଭ ହୋଇ ଏପ୍ରିଲ ୧୪ରେ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ଏକ ଭବ୍ୟ ଉତ୍ସବ ଭାବେ ପାଳିତ ହେବ । ସମସ୍ତ ରକ୍ତଦାତାମାନଙ୍କୁ ଓଡିଶା ଖଣି ନିଗମ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା

## ଶିବସେନା ଓଡ଼ିଶା ପକ୍ଷରୁ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା,(ନିପ୍ର): ଆଜି ଶିବସେନା ଓଡ଼ିଶା ପକ୍ଷରୁ କମିଟିର ସଭାପତି ରାଜେନ୍ଦ୍ର ପ୍ରସାଦ ଜେନା ଏବଂ ଉପସଭାପତି ପ୍ରେମାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ଜୟନ୍ତ କୁମାର ସାହୁ, ଜିଲ୍ଲା ଯୁବ ସଂଗଠନ ସଭାପତି ଜିତେନ୍ଦ୍ର କୁମାର ଦାସ, ଜିଲ୍ଲା ଆଇନ ପରାମର୍ଶ ଦାତା ଓକିଲ ହିରଣ୍ୟ କୁମାର ଜେନା, ଜିଲ୍ଲା ମିଡ଼ିଆସେଲର ସଭାପତି ପ୍ରଫୁଲ୍ଲ କୁମାର ଦାସ, ଆଇନଜୀବୀ ମହେଶ୍ୱର ବେହେରା, ଆଇ.ଟି ସେଲର ଜିଲ୍ଲା ମୁଖ୍ୟ ଭାବଗ୍ରାହୀ ମହାନ୍ତିଙ୍କ ସମେତ ଜିଲ୍ଲା ସମ୍ପାଦକ ଶରତ ପଟ୍ଟନାୟକ ପ୍ରମୁଖ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କୁ ତାଙ୍କ ଗରାପୁର ସ୍ଥିତ ବାସଭବନ କାର୍ଯ୍ୟାଳୟରେ ଭେଟି ପୁଷ୍ପଗୁଚ୍ଛ, ଉତ୍ତରୀୟ ସହିତ ସାପ୍ଲିନ ଦେଇ ଜିଲ୍ଲାର ସବୁଠୁ ଶ୍ରେଷ୍ଠ ଓ ଉତ୍ତମ ଜିଲ୍ଲାପାଳ ଭାବେ ସମ୍ବର୍ଦ୍ଧିତ କରିବା ସଂଗେ ସଂଗେ ଦିନକୁ ଦିନ ଯେପରି ଗୋମାତାଙ୍କ ଉପରେ ହେଉଥିବା ଅକଥନୀୟ ଅନ୍ୟାୟ, ଅତ୍ୟାଚାରକୁ କିପରି ପ୍ରେତ୍ୟେକ ତୃଣମୂଳ ସ୍ତରଠୁ ନେଇ ଜିଲ୍ଲା ଓ ରାଜ୍ୟ ମୁଖ୍ୟାଳୟ ପର୍ଯ୍ୟନ୍ତ ସବୁଠି ରୋକାଯାଇ ପାରିବ ତତ୍ ସହିତ ଜିଲ୍ଲା ଓ ରାଜ୍ୟରେ କିପରି ପ୍ରତିଦିନ ହେଉଥିବା ହଜାର ହଜାର ଗୋ ଚାଲାଣକୁ ମଧ୍ୟ ରୋକାଯାଇ ପାରିବ, ସମ୍ପୁର୍ଣ୍ଣ ଭାବେ ଗୋହତ୍ୟାକୁ ବନ୍ଦ କରାଯିବ, ଗୋହତ୍ୟା ଏବଂ ଗୋଚାଲାଣ କାରୀ ମାନଙ୍କ ପାଇଁ କଠୋର ରୁ ଆହୁରି ଅଧିକ କଠୋର ଦଣ୍ଡାଦେଶ ଦିଆଯିବ, ଦରକାର ପଡିଲେ ଗୋହତ୍ୟା ଓ ଚାଲାଣ କାରି ମାନଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯିବ ଏବଂ ଗୋମାତାଙ୍କୁ ରାଜ୍ୟ ମାତା ଭାବେ ଘୋଷଣା କରାଯିବ ସେ ସମ୍ବନ୍ଧରେ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସରକାର ବା ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ଏକକିତା ଲିଖିତ ଦାବିପତ୍ର ପ୍ରଦାନ କରଯାଇଥିବା ସଙ୍ଘ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

କଟକ,(ନିପ୍ର): କଟକ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଗୁରୁବାର ଅପରାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ପ୍ରାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱଜିତ ଦାଶ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ପରିଚାଳନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦାସ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଧାର୍ଯ୍ୟ କାର୍ଯ୍ୟାନୁଷ୍ଠାନ ଅନୁପାଳନ ଉପରେ ବିବୃତି ରଖିବାକୁ କହିବା ସହ ଅସଂପୂର୍ଣ୍ଣ ଥିବା କାର୍ଯ୍ୟଗୁଡ଼ିକ ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ଦିଗରେ ନିର୍ଦ୍ଦେଶ ଦେଇଥିଲେ । ଜାତୀୟ ଫୁଲଗଛ ଲଗାଇବା କାର୍ଯ୍ୟ ସଂପନ୍ନ ହେବା ନେଇ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅଧିକାରୀ ସୂଚନା ଦେଇଥିଲେ । ବାଲିଘାଟରୁ ବାଲି ପରିବହନ ସମୟରେ ରାସ୍ତାରେ ପଡୁଥିବା ବାଲିକୁ ନିୟମିତ ଭାବେ ସଫା କରବାକୁ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାସ୍ତା ଅବରୋଧ କରୁଥିବା ବ୍ୟବସାୟୀଙ୍କୁ ଅପସାରଣ କରି ଦୁର୍ଘଟଣାକୁ ଆହୁରି ହ୍ରାସ କରାଯାଇପାରିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ନୋ ପାର୍କିଂ ଫଳକ ଲାଗିଥିବା ସ୍ଥାନରେ ଅବୈଧ ଭାବେ ପାର୍କିଂ କରୁଥିବା ଯାନବାହନ ଗୁଡ଼ିକୁ ନିୟମିତ ଭାବେ ଚଢ଼ାଉ କରିବା ଏବଂ ଅମାନିଆ ଗାଡ଼ି ଚାଳକ, ମଦ୍ୟପାନ କରି ଗାଡ଼ି ଚଳାଉଥିବା ଚାଳକମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରାପ୍ରାପ୍ତ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ଚୋରି ମାମଲା: ଅଭିଯୁକ୍ତଙ୍କୁ ୬ ମାସ ଜେଲ୍ ଦଣ୍ଡାଦେଶ

ଭୁବନେଶ୍ୱର,(ନିପ୍ର): ଏକ ଚୋରି ମାମଲାର ବିଚାର କରି ଆଜି ମାନ୍ୟବର ବିଚାରପତି ମିସ୍ କରୋନିକା ଘୋଷ, ଜେ.ଏମ.ଏଫ୍.ସି. (ତୃତୀୟ), ଭୁବନେଶ୍ୱର ଆସାମୀକୁ ସଜା ଶୁଣାଇଛନ୍ତି । ଚଳିତ ବର୍ଷ ଫେବୃୟାରୀ ମାସରେ ଭୁବନେଶ୍ୱର ଶହୀଦନଗର ଅଞ୍ଚଳରେ ଥିବା ଏକ ନିର୍ମାଣାଧୀନ କୋଠାରୁ ଯନ୍ତ୍ରାଂଶ ଚୋରୀ ମାମଲାର ବିଚାର ସମାପ୍ତ କରି ଆସାମୀ ପବିତ୍ର ନାୟକଙ୍କୁ ଜେଲ ଦଣ୍ଡାଦେଶ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଅଭିଯୋଗକାରୀ ନାହାସନ ନାୟକ ସହିଦ ନଗର ଅଞ୍ଚଳର ପ୍ଲଟ ନମ୍ବର- ୧୯ରେ ଚାଲୁରହିଥିବା ନିର୍ମାଣ କାର୍ଯ୍ୟ ସହ ସଂପୃକ୍ତ ଅନଲାଇନ୍ ବିଲ୍ଡର ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥାରେ ଏଚ୍.ଆର୍ ଏବଂ ଆଡମିନ୍ ଭାବରେ କାର୍ଯ୍ୟରତ ଥିଲେ । ଉକ୍ତ ନିର୍ମାଣ ସ୍ଥଳର ଷ୍ଟୋରରୁମ୍ ଭିତରେ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଉପଯୋଗୀ ବିଭିନ୍ନ ପ୍ରକାରର ଯନ୍ତ୍ରାଂଶ ରଖାଯାଇଥିଲା ଏବଂ ରାତ୍ରି ସମୟରେ ସେଗୁଡିକୁ ସୁରକ୍ଷା ଦେବାପାଇଁ ସେଠାରେ ଜଣେ ସୁରକ୍ଷା କର୍ମୀଙ୍କୁ ମଧ୍ୟ ନିୟୋଜିତ କରାଯାଇଥିଲା । ଗତ ତା.୦୨.୦୨.୨୦୨୬ ରାତି ପ୍ରାୟ ୨ ଟା ସମୟରେ, ଜଣେ ଅଜଣା ବ୍ୟକ୍ତି ମୁଖ୍ୟ ଫାଟକ ଦେଇ ଉକ୍ତ ସଂସ୍ଥା ପରିସର ମଧ୍ୟରେ ଅବୈଧ ଭାବରେ ପ୍ରବେଶ କରି ଷ୍ଟୋରରୁମ୍ ଭିତରୁ ଗୋଟିଏ କଂକ୍ରିଟ୍ ଭାଙ୍ଗିବା ଡ୍ରିଲ୍ ମେସିନ୍, ଗୋଟିଏ ଲୁହା ଷ୍ଟିଲ୍ କଟର୍ ମେସିନ୍ ଏବଂ ଦୁଇଟି କାଠ କଟା ମେସିନ୍ ଚୋରି କରି ନେଇ ଫେରାର ହୋଇଯାଇଥିଲେ, ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୫୨,୨୮୪ ଟଙ୍କା ହେବ । ଏହାକୁ କେନ୍ଦ୍ରକରି ଅଭିଯୋଗକାରୀ ନୟାପଲ୍ଲୀ ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ । ଉକ୍ତ ରିପୋର୍ଟ ଆଧାରରେ ଶହୀଦନଗର ଥାନା କେସ୍ ନଂ.-୭୧/୨୦୨୬, ତା.୦୬.୦୨.୨୦୨୬, ଧାରା-୩୩୧(୨)/୩୦୫(ଏ) ବିଏନ୍ଏସ୍ ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା ଏବଂ ଏଏସଆଇ ସିଦ୍ଧାର୍ଥ ଶଙ୍କର ସାହୁଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା । ତଦନ୍ତ ସମୟରେ ଘଟଣାସ୍ଥଳରେ ଲାଗିଥିବା ସିସିଟିଭି କ୍ୟାମେରାର ଫୁଟେଜ୍ ଯାଞ୍ଚ କରାଯାଇଥିଲା, ଯେଉଁଥିରୁ ପଥରବନ୍ଧ ବସ୍ତି ବାସିନ୍ଦା ଅଭିଯୁକ୍ତ ପବିତ୍ର ନାୟକ ଏହି ଚୋରୀ ମାମଲାରେ ସମ୍ପୃକ୍ତ ଥିବା ଜଣାପଡିଥିଲା । ପରବର୍ତ୍ତୀ ସମୟରେ ଅଭିଯୁକ୍ତ ପବିତ୍ରଙ୍କୁ ତାରିଣୀ ବସ୍ତି ଅଞ୍ଚଳରୁ ଗିରଫ କରାଯାଇଥିବା ବେଳେ, ଚୋରୀ ହୋଇଥିବା ଯନ୍ତ୍ରାଂଶ ସବୁକୁ ତାଙ୍କ ନିକଟରୁ ଜବତ କରାଯାଇଥିଲା । ବିଚାର ସମୟରେ ମାନ୍ୟବର ଅଦାଲତ ସରକାରୀ ଓକିଲ ମିସ ଚିରନ୍ତନୀ ବାଗ ଓ ବିଜୟ ବାରିକଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସମସ୍ତ ତଥ୍ୟ, ବିଭିନ୍ନ ସାକ୍ଷୀଙ୍କ ବୟାନ ଏବଂ ପ୍ରଯୁଜ୍ୟ ଦସ୍ତାବିଜ ଗ୍ରହଣ କରି ଏହି ମାମଲାର ବିଚାର କାର୍ଯ୍ୟ ସମାପ୍ତ କରିଥିଲେ । ଏହାନୁସାରେ ମାନ୍ୟବର ଅଦାଲତ ଅଭିଯୁକ୍ତ ପବିତ୍ର ନାୟକଙ୍କୁ ବିଏନଏସ ଧାରା ୩୩୧ (୨) ଅନୁସାରେ ୬ ମାସର ସରଳ କାରାଦଣ୍ଡ ସହିତ ୧,୦୦୦ ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି ଏବଂ ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୧ ମାସର କାରାଦଣ୍ଡ ଶୁଣାଇଛନ୍ତି । ସେହିପରି ବିଏନଏସ ଧାରା ୩୦୫ (ଏ) ଅନୁସାରେ ୬ ମାସର ସରଳ କାରାଦଣ୍ଡ ସହିତ ୧,୦୦୦ ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି ଏବଂ ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୧ ମାସର କାରାଦଣ୍ଡ ମଧ୍ୟ ଶୁଣାଇଛନ୍ତି । ଉପରୋକ୍ତ ଉଭୟ ଦଣ୍ଡାଦେଶ ଏକ ସଙ୍ଗେ ତଥା ସମବର୍ତ୍ତୀକାଳୀନ ଭାବେ ଲାଗୁ କରିବା ଲାଗି ମାନ୍ୟବର ଅଦାଲତ ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଗତବର୍ଷ ୧୦୦ଟି ରୁ ଊର୍ଦ୍ଧ୍ୱ ମାମଲାରେ ଦୋଷୀ ମାନଙ୍କୁ ସଜା ଦିଆଯାଇ ପାରିଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ତରଫରୁ ଦୋଷୀଙ୍କୁ ସଜା ହୋଇଥିବା ଚଳିତ ବର୍ଷର ଏହା ହେଉଛି ୩୮ ତମ ମାମଲା ।

## ପଞ୍ଚାୟତ ସମିତିସ୍ତରୀୟ ବଜେଟ ସଭା ଆୟୋଜିତ

ଗୋଲାମୁଣ୍ଡା,(ନିପ୍ର): ଗୋଲାମୁଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ସଭାଗୃହ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପଞ୍ଚାୟତ ସମିତିସ୍ତରୀୟ ବଜେଟ ସଭା ଆୟୋଜିତ ହୋଇଯାଇଛି । ଏହି ସଭାରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହା ସହ ଗୋଲାମୁଣ୍ଡା ବ୍ଲକର ଏବିଡିଓ ବିଜୟ କୁମାର ନାୟକ , ଏପିଓ କ୍ଷେତ୍ର ମୋହନ ମାଝୀ ଏବଂ ଜିପିଡିଓ ସୁଷମା ନାଏକ, ଦଶପୁର ଯୋନ ଜିଲ୍ଲା ପରିଷଦ ସଭ୍ୟା ସରିତା ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।



ଏହି ବଜେଟ ସଭାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆଗାମୀ ଆର୍ଥିକ ବର୍ଷ ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଏବଂ ଯୋଜନା ନିମନ୍ତେ ପାଣ୍ଠି ବଣ୍ଟନ ଉପରେ ଆଲୋଚନା କରିବା । ସଭାର ଆରମ୍ଭରେ ବ୍ଲକ ଅଧିକାରୀମାନେ ପୂର୍ବ ବର୍ଷର ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ଆଗାମୀ ବର୍ଷ ପାଇଁ ପ୍ରସ୍ତାବିତ ବଜେଟ ଉପରେ ଆଲୋକପାତ କରିଥିଲେ । ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦ ନିଜ ଅଭିଭାଷଣରେ ଗୋଲାମୁଣ୍ଡା ପଞ୍ଚାୟତ ସମିତି ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଜନସାଧାରଣଙ୍କ ସମସ୍ୟାକୁ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ ।

ଏବିଡିଓ ବିଜୟ କୁମାର ନାୟକ ସମେତ ମଞ୍ଚସ୍ଥ ଅତିଥିବୃନ୍ଦ ନିଜ ନିଜ ବକ୍ତବ୍ୟରେ ବଜେଟର ସୁବିନିଯୋଗ ତଥା ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ । ସଭାରେ ଉପସ୍ଥିତ ଥିବା ସମିତି ସଭ୍ୟସଭ୍ୟା, ବିଭିନ୍ନ ବିଭାଗୀୟ ଅଧିକାରୀ, ଜନପ୍ରତିନିଧିମାନେ ମଧ୍ୟ ନିଜ ନିଜ ଅଞ୍ଚଳର ଆବଶ୍ୟକ ସମ୍ବନ୍ଧରେ ମତାମତ ଦେଇଥିଲେ । ବଜେଟରେ ସେଗୁଡିକୁ ଅନ୍ତର୍ଭୁକ୍ତ କରିବା ପାଇଁ ଅନୁରୋଧ କରିଥିଲେ। ସଭାର ଶେଷରେ, ସର୍ବସମ୍ମତି କ୍ରମେ ଆଗାମୀ ବର୍ଷ ପାଇଁ ଅଧିକରୁ ଅଧିକ ବଜେଟକୁ ଅନୁମୋଦନ କରାଯାଇଥିଲା । ଯାହା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି ଏବଂ ପାନୀୟ ଜଳ ଭଳି ମୌଳିକ ସେବାଗୁଡିକର ଉନ୍ନତି ପାଇଁ ବ୍ୟବହୃତ ହେବ । ବଜେଟ ସଭା ଗୋଲାମୁଣ୍ଡା ପଞ୍ଚାୟତ ସମିତି ଅଞ୍ଚଳର ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସମସ୍ତେ ମତପ୍ରକାଶ କରିଥିଲେ । ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋଲାମୁଣ୍ଡା ବ୍ଲକର ବ୍ୟକ୍ତି ବିଶେଷ ପାଇଁ ସର୍ବାଧିକ ଅର୍ଥ ବ୍ୟବସ୍ଥା ନିଶ୍ଚୟ କରିବେ ବୋଲି ମତାମତ ପ୍ରଦାନ କରିଛନ୍ତି ।

## ମହାବିଷୁବ ସଂକ୍ରାନ୍ତି ପାଇଁ ପ୍ରଚାର ସମିତିର ଆଲୋଚନାଚକ୍ର

ଭଦ୍ରକ,(ନିପ୍ର): ଆସନ୍ତା ୧୪ ତାରିଖ ମଙ୍ଗଳବାର ମହାବିଷୁବ ସଂକ୍ରାନ୍ତି ଓଡ଼ିଶାରେ ଘରେ ଘରେ ପାଳିତ ହେବାକୁ ଯାଉଛି । ବିଭିନ୍ନ ଶାସ୍ତ୍ର ଗୁଡ଼ିକରେ ଏହାକୁ ସନାତନୀୟ ଆର୍ଯ୍ୟ ସଂସ୍କୃତି ନବବର୍ଷ ବୋଲି ଧରାଯାଉଥିଲେ ହେଁ ଆମ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଏହାକୁ ଉତ୍କଳୀୟ ଚେତନା ଦିବସ ଭାବରେ ପାଳନ କରାଯାଇ ଆସୁଅଛି । ପ୍ରତିବର୍ଷ ପରି ଚଳିତ ବର୍ଷ ଏହାକୁ ଭଦ୍ରକସ୍ଥ ସନ୍ଥିଆ ପ୍ରାଚୀନ କିମ୍ବଦନ୍ତି ବହନ କରିଥିବା ଶ୍ରୀମଦନ ମୋହନ ଜୀୟୁ ମଠ ପ୍ରାଙ୍ଗଣରେ ପାଳନ କରାଯିବ । ଏହି ସମାରୋହ ଉପଲକ୍ଷେ ପ୍ରଚାର ସମିତିର ଏକ ଆଲୋଚନା ବୈଠକ ପ୍ରଚାର ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକ ପ୍ରାରମ୍ଭରେ ସମିତିର ମୁଖ୍ୟ ଆବାହକ ଶରତ କୁମାର ସାହୁ, ଜଗନ୍ନାଥଙ୍କୁ ସ୍ମରଣ ପୂର୍ବକ ସମିତିର ପୂର୍ବ ବୈଠକର ବିବରଣୀ, ଆୟବ୍ୟୟ ଓ ମହାବିଷୁବ ସଂକ୍ରାନ୍ତିର ପ୍ରଚଳିତ କାର୍ଯ୍ୟକ୍ରମ ଉପସ୍ଥାପିତ କରିଥିଲେ । ବୈଠକରେ ମଦନ ମୋହନ ଜୀୟୁଙ୍କ ମଠାଧିଶ ଆଶିଷ କୁମାର ଗୋସ୍ୱାମୀ, ସହ ଆବାହକ ବାବୁଲାଲ ଦାସ, ଆଧ୍ୟାତ୍ମବାଦୀ ଭାଗବତ ପୁହାଣ, ଅବସରପ୍ରାପ୍ତ ଅଧ୍ୟକ୍ଷ କୃପାସିନ୍ଧୁ ନାୟକ ପ୍ରମୁଖ ବହୁ ସେବକ ସେବିକା ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ପଳସୁଧା ପ୍ରାଥମିକ ବିଦ୍ୟାଳୟ ୧୫ତମ ବାର୍ଷିକ ଉତ୍ସବ

ନିମାପଡ଼ା, (ନି.ପ୍ର.): ମିଟେଇପୁର ଗ୍ରା.ପ. ଅଧୀନସ୍ଥ ପଳସୁଧା ସରକାରୀ ପ୍ରାଥମିକ ବିଦ୍ୟାଳୟର ୧୫ତମ ବାର୍ଷିକ ଉତ୍ସବ ଆନନ୍ଦ ଉଲ୍ଲାସ ଏବଂ ଉତ୍ସାହର ସହ ବୁଧବାର ସଂଧ୍ୟାରେ ଅନୁଷ୍ଠିତ ହୋଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟ ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ ମୁଖ୍ୟ ଅତିଥିମାନେ ଯୋଗ ଦେଇ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ଜାରି ରଖିବାକୁ ଆଗ୍ରହ ପ୍ରକାଶ କରିବା ସହିତ ଅଭାବ ଅସୁବିଧା ସଂପର୍କରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ଉନ୍ନତି ନିମନ୍ତେ ପିତାମାତା ଏବଂ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ମଧ୍ୟରେ ସମନ୍ୱୟ ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା । ସରପଞ୍ଚ ପବିତ୍ର ମୋହନ ପ୍ରଧାନ ମୁଖ୍ୟବକ୍ତା, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ପୁଷ୍ପମିତ୍ରା ମିଶ୍ର, ସୁଦର୍ଶନ ଭୋଇ, ଅବସରପ୍ରାପ୍ତ ଉପ-ଆରକ୍ଷୀ ଅଧୀକ୍ଷକ ପରମାନନ୍ଦ ସ୍ୱାଇଁ, ପ୍ରାଥମିକ ଶିକ୍ଷକ ସଂଘ ସଂପାଦକ କଲ୍ୟାଣ କୁମାର ସ୍ୱାଇଁ, ପ୍ରମୁଖ ଯୋଗ ଦେଇଥିଲେ ।

## ‘ଆସ ବହିଟିଏ କିଣିବା’ କାର୍ଯ୍ୟକ୍ରମ

ଭବାନୀପାଟଣା,(ନି.ପ୍ର): ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ-୨୦୨୬ ଅବସରରେ ଅନେକ କାର୍ଯ୍ୟକ୍ରମ ମହାବିଦ୍ୟାଳୟରେ ସମ୍ପାଦିତ ହେଉଥିବା ବେଳେ ଆଜି ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ସହ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନେକ ଛାତ୍ରଛାତ୍ରୀ ବହିଟିଏ କିଣି ମହାବିଦ୍ୟାଳୟ ପ୍ରାଙ୍ଗଣରେ ନିଜର ପୁସ୍ତକକୁ ପ୍ରଦର୍ଶିତ କରିବା ସହ ଓଡ଼ିଆ ଅସ୍ମିତା ଆବେଗରେ ଅତି ଉଲ୍ଲସିତ ମନେ କରୁଥିଲେ । ଓଡ଼ିଆ ସାହିତ୍ୟର ବ୍ୟାକରଣ, ଇତିହାସ, ଅନେକ ଗ୍ରନ୍ଥାବଳୀ, କବି ଓ ସ୍ରଷ୍ଟାଙ୍କ ଲିଖିତ ପୁସ୍ତକ ଓ କବିତା, ମହାପୁରୁଷଙ୍କ ଜୀବନୀ ବାର୍ତ୍ତା, କ୍ଷୁଦ୍ର ଗଳ୍ପ, ନାଟକ, ପୁରାଣ, ଆତ୍ମକଥା ତଥା ଆଞ୍ଚଳିକ ସାହିତ୍ୟ ଓ ସଂସ୍କୃତିର ଅନେକ ପୁସ୍ତକ ପ୍ରଦର୍ଶିତ ହେବା ସହ ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବିତ କରିଥିଲା ।

## ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ



ନିମାପଡ଼ା,(ନି.ପ୍ର.): ନିମାପଡ଼ା ଅଗ୍ନିଶମ ସେବା କେନ୍ଦ୍ର ପକ୍ଷରୁ ସ୍ଥାନୀୟ ପିଙ୍ଗଳାକ୍ଷୀ ପବ୍ଲିକ୍ ୱେଲଫେୟାର ଅର୍ଗାନାଇଜେସନ୍ ପ୍ରଶାସନିକ ଭବନ ପରିସରରେ ଗୁରୁବାର ଦିନ ଅଗ୍ନି ନିରାପତା ସଚେତନତା କାର୍ଯ୍ୟକ୍ରମ ଆଗ୍ରହ ଓ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି । ଅଗ୍ନିଶମ ଅଧିକାରୀ ସରୋଜକାନ୍ତ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଏକଲବ୍ୟ ଶିକ୍ଷାକେନ୍ଦ୍ର, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, କର୍ମଚାରୀବୃନ୍ଦ ଯୋଗ ଦେଇ ଗ୍ୟାସ ସିଲିଣ୍ଡରରୁ ସଟ୍ ସର୍କିଟ୍ ପର୍ଯ୍ୟନ୍ତ ଅଗ୍ନିକୁ କେଉଁ ଉପାୟରେ ରୋକାଯାଇ ପାରିବ ସେ ଦିଗରେ ଉପାଦେୟ ତଥ୍ୟମାନ ପ୍ରଦାନ କରିଥିଲେ । ବିଭିନ୍ନ ପ୍ରକାର ଉପାୟମାନ ପ୍ରଦର୍ଶନ କରିବା ସହିତ ଛାତ୍ରମାନଙ୍କୁ ଭୟଭୀତ ନ ହୋଇ ସମସ୍ୟା ମୁକାବିଲା ପାଇଁ ପରାମର୍ଶ ଦେଇଥିଲେ ।

ତିଥି :(ଅଷ୍ଟମୀ): (ପୂର୍ବାଷାଢା ଧନୁ)
ଅମୃତ ବେଳା: ଦିବା ଘ ୭ ।୧୫ ମଧ୍ୟେ ଘ ୮ ।୩ ଗତେ

## ଆଜିର ଅନୁଚିନ୍ତନ

ମୋର ଏହି ଉଗ୍ରରୂପ ଦେଖି ତୁମେ ବ୍ୟଥିତ ହେବା ଅନୁଚିତ ଏବଂ ତୁମଠାରେ ମୂଢଭାବ ଆସିବା ମଧ୍ୟ ଅନୁଚିତ। ଏବେ ନିର୍ଭୟ ଓ ପ୍ରସନ୍ନ ମନରେ ତୁମେ ପୁନଶ୍ଚ ମୋର ଏହି ରୂପ ଭଲଭାବେ ଦର୍ଶନ କର।।।

- ଶ୍ରୀମଦ୍ ଭଗବଦ୍ ଗୀତା

# ବିପର୍ଯ୍ୟସ୍ତ ପରିବେଶ

ପୃଥିବୀରେ ଆମେ ବାସ କରୁଛୁ। କିନ୍ତୁ ସ୍ଥିତି ଏବେ ଯେପରି ବିଗିଡ଼ିବା ଆରମ୍ଭ କରିଛି ଆଗାମୀ ଦିନରେ ବଞ୍ଚିବା କଷ୍ଟକର ହୋଇପଡ଼ିବ। ଗତ କିଛିବର୍ଷ ଧରି ଏହି ଗ୍ରହରେ ସଂଘଟିତ ଜଳବାୟୁ ପରିବର୍ତ୍ତନଜନିତ ପ୍ରଭାବ କାରଣରୁ କେବଳ ଅର୍ଥନୀତି ନୁହେଁ, ସ୍ୱାସ୍ଥ୍ୟଜନିତ ସଂକଟ ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି। ନିକଟରେ କ୍ଲାଇମେଣ୍ଟ ରାଇଜ ଆଲିଏନ୍ସ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ କିଛି ବିଶ୍ଳେଷଣ ବା ଆକଳନ କରାଯାଇଛି ଯାହାକି ଚିନ୍ତାଜନକ। ଗତ ୨୦୨୧ ମସିହାରେ ଜଳବାୟୁଜନିତ ଗ୍ରୀଷ୍ମପ୍ରବାହ କାରଣରୁ ଭାରତ ୧୬୦ ବିଲିୟନ ଶ୍ରମଘଣ୍ଟା ହରାଇଛି। ଦେଶର ମୋଟ ଘରୋଇ ଉତ୍ପାଦର ଏହା ହେଉଛି ୫.୪ ପ୍ରତିଶତ। ସେହିଭଳି ହୃତ୍‌ପିଣ୍ଡଜନିତ ମୃତ୍ୟୁ ଆଶଙ୍କା ଗ୍ରୀଷ୍ମପ୍ରବାହ କାରଣରୁ ୧୧.୭ ପ୍ରତିଶତକୁ ବଢିଛି। ସମସ୍ତ ବର୍ଗର ମୃତ୍ୟୁ ମଧ୍ୟରୁ ହୃତ୍‌ପିଣ୍ଡ ସଂକ୍ରାନ୍ତ ରୋଗରେ ମୃତ୍ୟୁହାର ପୂର୍ବରୁ ୨୮ ପ୍ରତିଶତ ଥିଲା। ଏବେ ତାହା ୩୦ ପ୍ରତିଶତକୁ ବୃଦ୍ଧି ପାଇଛି। ବଢୁଥିବା ଉତ୍ତାପ କାରଣରୁ ଗତ ୫ବର୍ଷ ମଧ୍ୟରେ ପ୍ରତିବର୍ଷ ଗ୍ରୀଷ୍ମପ୍ରବାହ ବୃଦ୍ଧି ଦିବସ ଅଧିକ ୬ଟି ହୋଇଛି। ପାଣିପାଗ ପରିବର୍ତ୍ତନ ପ୍ରଭାବ କାରଣରୁ ଧାର୍ଯ୍ୟସମୟ ପୂର୍ବରୁ ପ୍ରସବ ହାର ୧୬ ପ୍ରତିଶତକୁ ବଢିଛି। ତାହା ସାଙ୍ଗକୁ ମୃତ ଶିଶୁ ଜନ୍ମ ସମସ୍ୟା ମଧ୍ୟ ସମ୍ବନ୍ଧିତ। ଏକଥା ସତ ଯେ ଯେଉଁ ସବୁ ସମସ୍ୟା ଘେରରେ ପୃଥିବୀବାସୀ ଏବେ ଅଛନ୍ତି ସେଥିରେ ଜଳବାୟୁ ପରିବର୍ତ୍ତନ ଚାପ ବହୁମୁଖୀ। ଏହାକୁ ଭିନ୍ନ ଭାବରେ ଚିନ୍ତା ବା ବିଶ୍ଳେଷଣ କରାଯାଇପାରିବନାହିଁ। ଅର୍ଥାତ୍,ଜନସ୍ୱାସ୍ଥ୍ୟ ପ୍ରସ୍ତୁତି ନେଇ ରହୁଥିବା ଆହ୍ୱାନ ମଧ୍ୟରେ ଏପରି ସ୍ୱାସ୍ଥ୍ୟସଂକଟ ଏବେ ଗମ୍ଭୀର ହେବାରେ ଲାଗିଛି।

ଏ ପରିପ୍ରେକ୍ଷୀରେ ୨୦୨୬ ଇରାନ ଓ ମଧ୍ୟପ୍ରାଚ୍ୟ ଯୁଦ୍ଧ ମାତ୍ର ୨ ସପ୍ତାହ ପାଇଁ ଯୁଦ୍ଧ ବିରତି ଘୋଷିତ ହୋଇଥିଲେ ହେଁ ପ୍ରାୟ ୪୦ଦିନ ଧରି ଯୁଦ୍ଧ କାରଣରୁ ପରିବେଶର ଯେତିକି କ୍ଷୟକ୍ଷତି ଘଟିଲାଣି ତାହାକୁ ପୁନରୁଦ୍ଧାର କରାଯିବା କେବେ ବି ସମ୍ଭବ ନୁହେଁ। ଯୁଦ୍ଧ କାରଣରୁ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ଓ ପରିବେଶଜନିତ ସଂଘଟିତ କ୍ଷତିକୁ ବିଶେଷଜ୍ଞମାନେ ଆଜିକାଲି ପାଣିପାଗଜନିତ ଯୁଦ୍ଧ ଭାବରେ ବର୍ଣ୍ଣନା କରୁଛନ୍ତି। ପ୍ରାଥମିକ ଆକଳନ ମୁତାବକ ଯୁଦ୍ଧର ଏହି ଅବଧିରେ ୫ଶହ ନିୟୁତ ଟନ୍ ପରିମାଣର କାର୍ବନ ଡାଇଅକ୍ସାଇଡର ବୋଝ ପରିବେଶ ଉପରେ ପଡ଼ିଛି। ହର୍ମୁଜ ପ୍ରଣାଳୀ ଆଖପାଖ ତୈଳ ବିଶୋଧନାଗାର ଓ ଶକ୍ତି କେନ୍ଦ୍ରଗୁଡ଼ିକ ଉପରେ ହୋଇଥିବା ବୋମା ମାଡ଼ରେ 'କଳାବର୍ଷା' ହୋଇସାରିଛି। ବାୟୁମଣ୍ଡଳକୁ ବର୍ତ୍ତମାନ ନିର୍ଗତ ହୋଇଥିବା ପ୍ରଚୁର ମିଥେନ ଗ୍ୟାସ ଦୁର୍ଦ୍ଦଶାକୁ ଆଗକୁ ବହୁଗୁଣିତ କରିପାରେ। ଧ୍ୱଂସ ହୋଇଥିବା ଭିତ୍ତିଭୂମିର ଯେବେ ପୁନଃନିର୍ମାଣ ହେବ ସେ ସମୟରେ ମଧ୍ୟ ପରିବେଶ ଉପରେ କ୍ଷୟକ୍ଷତିର ଆଶଙ୍କା ଏଡ଼ାଇ ଦିଆଯାଇନପାରେ। ଯୁଦ୍ଧ କାରଣରୁ ବିଶେଷକରି ଜଳ ଭିତ୍ତିଭୂମି ଯେପରି କ୍ଷତିଗ୍ରସ୍ତ ହୋଇଛି ତାହା ପରିବେଶ ଉପରେ ଯଥେଷ୍ଟ କ୍ଷତି ଘଟାଇବା ଆଶଙ୍କା ଥାଏ। ସଭ୍ୟତା ଧ୍ୱଂସ କରିବାକୁ ଧମକ ଦେଉଥିବା ରାଷ୍ଟ୍ର ମୁଖ୍ୟ ଦିନେ ଏ ପୃଥିବୀରୁ ବିଦାୟ ନେବେ। ମାତ୍ର ପଛରେ ଛାଡ଼ି ଯାଇଥିବା ପରିବେଶଜନିତ କ୍ଷୟକ୍ଷତିର କୁପ୍ରଭାବ କେବଳ ଏବର ପିଢି ନୁହେଁ, ଆଗାମୀ ପିଢି ଉପରେ ମଧ୍ୟ ପଡ଼ିବା ଥୟ। ପରିବେଶକୁ କ୍ଷତି ଘଟାଉଥିବା ଏପରି ରାଷ୍ଟ୍ରମୁଖ୍ୟ 'ନଷ୍ଟ ଆତ୍ମା' ବ୍ୟତୀତ ଅନ୍ୟ କିଛି ନୁହନ୍ତି।

# ଶାସନ ବ୍ୟବସ୍ଥାରେ 'ନାଗରିକ ଦେବୋ ଭବ' ଭାବନା

**"କାର୍ଯ୍ୟକ୍ରମଟି ତିନୋଟି ସ୍ତମ୍ଭ, ପ୍ରଯୁକ୍ତିବିଦ୍ୟା, ପରମ୍ପରା ଏବଂ ସାକାର ଫଳାଫଳ ଉପରେ ଆଧାରିତ ଥିଲା। ଏଥିରେ ମଧ ଭବିଷ୍ୟତ ଲାଗି ପ୍ରସ୍ତୁତ ପ୍ରଶାସନିକ ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ କର୍ମଶାଳା, ମାଷ୍ଟରକ୍ଲାସ ଏବଂ ସଂସ୍ଥାଗତ ବିଚାର-ବିମର୍ଶ ଭଳି କାର୍ଯ୍ୟକ୍ରମକୁ ସାମିଲ କରାଯାଇଥିଲା। କର୍ମଯୋଗୀ ଭାରତର ଅଧ୍ୟକ୍ଷ ସୁବ୍ରମଣ୍ୟମ ରାମାଦୋରାଇ କହିଥିଲେ, ସାଧନା ସପ୍ତାହ ନିରନ୍ତର ଶିକ୍ଷା ଏବଂ ଆତ୍ମ-ଉନ୍ନତି ପ୍ରତି ପ୍ରଶାସନିକ ସେବା ମଧରେ ଏକ ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ସେ ଆଇଗଟ୍ ପ୍ଲାଟଫର୍ମରେ ଅଂଶଗ୍ରହଣର ବ୍ୟାପକତା ବିଷୟରେ ଉଲ୍ଲେଖ କରିଥିଲେ ଏବଂ ଅଧିକାରୀମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ କ୍ଷମତା ନିର୍ମାଣ କରିବାକୁ ଉତ୍ସାହିତ କରିଥିଲେ।**

ଭାରତ ସରକାର ନିକଟରେ ମିଶନ କର୍ମଯୋଗୀ ଅନ୍ତର୍ଗତ ଏକ ଜାତୀୟ ସ୍ତରର ଜ୍ଞାନ ଆହରଣ କାର୍ଯ୍ୟକ୍ରମ "କର୍ମଯୋଗୀ ସାଧନା ସପ୍ତାହ" ଆୟୋଜନ କରିଥିଲେ। ଏହାର ଲକ୍ଷ୍ୟ ସାରା ଦେଶରେ ସରକାରୀ କର୍ମଚାରୀଙ୍କ କ୍ଷମତା, ପ୍ରତିବଦ୍ଧତା ଏବଂ ନାଗରିକ-କୈନ୍ଦ୍ରିକ ଆଭିମୁଖ୍ୟକୁ ସୁଦୃଢ଼ କରିବା। ପ୍ରଧାନମନ୍ତ୍ରୀଙ୍କ ଏଥିପ୍ରତି ବାର୍ତ୍ତା ଥିଲା ଏକ ଦ୍ରୁତ ପରିବର୍ତ୍ତିତ ବିଶ୍ୱରେ ଶାସନ ବ୍ୟବସ୍ଥା 'ନାଗରିକ ଦେବୋ ଭବ' ଭାବନା ଦ୍ୱାରା ପରିଚାଳିତ ହୋଇ ପରିବର୍ତ୍ତିତ ଆବଶ୍ୟକତା ସହିତ ସମନ୍ୱିତ ରହିବା ଉଚିତ। ଦେଶ ୨୦୪୭ ସୁଦ୍ଧା ବିକଶିତ ଭାରତ ନିର୍ମାଣ ଲକ୍ଷ୍ୟ ଆଡକୁ ଅଗ୍ରସର ହେଉଥିବା ବେଳେ ନିରନ୍ତର ଶିକ୍ଷା ଆହରଣ, ନିଷ୍ପତ୍ତି ଗ୍ରହଣରେ ପ୍ରଯୁକ୍ତିବିଦ୍ୟା ଓ ତଥ୍ୟର ଅଧିକ ବ୍ୟବହାର ଏବଂ କର୍ତ୍ତବ୍ୟ-କୈନ୍ଦ୍ରିକ ସାର୍ବଜନୀନ ସେବା ଦିଗରେ ପରିବର୍ତ୍ତନ ଲୋଡ଼ା।ଏକ ଦେଶବ୍ୟାପୀ




କ୍ଷମତା-ନିର୍ମାଣ ପ୍ରୟାସ ଭାବରେ ପରିକଳ୍ପିତ, ଏହି ପଦକ୍ଷେପ ଏକ ସହଭାଗୀ ଶିକ୍ଷଣ ଢାଞ୍ଚା ଅଧୀନରେ ମନ୍ତ୍ରଣାଳୟ, ରାଜ୍ୟ ଏବଂ ପ୍ରଶାସନିକ ସେବା ତାଲିମ ପ୍ରତିଷ୍ଠାନଗୁଡ଼ିକୁ ଏକାଠି କରିଥାଏ।

କାର୍ଯ୍ୟକ୍ରମଟି ତିନୋଟି ସ୍ତମ୍ଭ, ପ୍ରଯୁକ୍ତିବିଦ୍ୟା, ପରମ୍ପରା ଏବଂ ସାକାର ଫଳାଫଳ ଉପରେ ଆଧାରିତ ଥିଲା। ଏଥିରେ ମଧ ଭବିଷ୍ୟତ ଲାଗି ପ୍ରସ୍ତୁତ ପ୍ରଶାସନିକ ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ କର୍ମଶାଳା, ମାଷ୍ଟରକ୍ଲାସ ଏବଂ ସଂସ୍ଥାଗତ ବିଚାର-ବିମର୍ଶ ଭଳି କାର୍ଯ୍ୟକ୍ରମକୁ ସାମିଲ କରାଯାଇଥିଲା। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି. କେ. ମିଶ୍ର କହିଥିଲେ ସାଧନା ସପ୍ତାହ ଏକ ସକ୍ଷମ, ପ୍ରତିବଦ୍ଧ ଏବଂ ନାଗରିକ-କୈନ୍ଦ୍ରିକ ପ୍ରଶାସନିକ ସେବା ଦିଗରେ ପରିବର୍ତ୍ତନକୁ ଦୃଢ଼ କରେ। କ୍ଷମତା ବିକାଶ ସୀମିତ ତଥା ନିୟମ-ଆଧାରିତ ତାଲିମଠାରୁ ଆଗକୁ ବଢ଼ି ନିରନ୍ତର ତଥା ଯେକୌଣସି ସ୍ଥାନରୁ ଶିକ୍ଷାଦାନର ଏକ ବ୍ୟବସ୍ଥା ରୂପେ ବିକଶିତ । ନିୟମ-ଆଧାରିତରୁ ଭୂମିକା-ଆଧାରିତ ପ୍ରଶାସନ ଦିଗରେ ପରିବର୍ତ୍ତନ ଉପରେ ଆଲୋକପାତ କରାଯାଇଥିଲା । ଆଜି ପ୍ରଶାସନ ପାଇଁ ପ୍ରଯୁକ୍ତିବିଦ୍ୟା ବିଭ୍ରାଟ, ଜଳବାୟୁ ପରିବର୍ତ୍ତନ, ସହରୀକରଣ ଏବଂ ବିଶ୍ୱ ଅନିଶ୍ଚିତତାର ପ୍ରତିକ୍ରିୟା ନିମନ୍ତେ ନୂତନ କ୍ଷମତା ଆବଶ୍ୟକ। ଏହାସହିତ ନିରନ୍ତର ଜ୍ଞାନ ଆହରଣ, ନବସୃଜନ, ଅନୁକୂଳନ ଏବଂ ବୃତ୍ତିଗତ କ୍ଷମତାକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ଅନ୍ୟପଟେ ମାନସିକତା ଏବଂ ସହାନୁଭୂତିଶୀଳତା ପ୍ରଭାବଶାଳୀ ପ୍ରଶାସନିକ ସେବା ପାଇଁ ଗୁରୁତ୍ୱପୂର୍ଣ୍ଣ । ଏପରି ମତବ୍ୟକ୍ତ କରିଥିଲେ ଡକ୍ଟର ପି. କେ. ମିଶ୍ର ।

ଦକ୍ଷତା ବିକାଶ ଆୟୋଗର ଅଧ୍ୟକ୍ଷା ଏସ. ରାଧା ଚୌହାନ କହିଛନ୍ତି, ଏହି ସମାରୋହ ମିଶନ କର୍ମଯୋଗୀର ଯାତ୍ରାରେ ଏକ ମାଇଲଖୁଣ୍ଟ ଏବଂ ପ୍ରତିଫଳନର ମୁହୂର୍ତ୍ତ। ଏହି ମିଶନ ସାର୍ବଜନୀନ ସେବାରେ ଜ୍ଞାନ ଆହରଣ, ଦକ୍ଷତା ଏବଂ ମୂଲ୍ୟବୋଧକୁ ସମନ୍ୱିତ କରି କ୍ଷମତା ନିର୍ମାଣ ପାଇଁ ଏକ ସ୍ୱତନ୍ତ୍ର ମଡେଲ ଭାବରେ ଉଭା ହୋଇଛି। କର୍ମଚାରୀ ଏବଂ ତାଲିମ ବିଭାଗର ସଚିବ ରଚନା ଶାହ କହିଥିଲେ, ମିଶନ କର୍ମଯୋଗୀ ଗତ ପାଞ୍ଚ ବର୍ଷ ମଧରେ ଦକ୍ଷତା ବିକାଶରେ ଏକ ମୌଳିକ ପରିବର୍ତ୍ତନ ଆଣିଛି। ସେ ସୂଚନା ଦେଇଥିଲେ ଯେ ଆଇଗଟ୍ ପ୍ଲାଟଫର୍ମରେ ୧.୫ କୋଟିରୁ ଅଧିକ ଶିକ୍ଷାର୍ଥୀ ପଂଜୀକୃତ ହୋଇଛନ୍ତି। ୮ କୋଟିରୁ ଅଧିକ ପାଠ୍ୟକ୍ରମ ସମାପ୍ତ ହୋଇଛି । ୪,୬୦୦ ରୁ ଅଧିକ ପାଠ୍ୟକ୍ରମ ବିଭିନ୍ନ ଭାଷାରେ ଉପଲବ୍ଧ। ୧୩୦ ରୁ ଅଧିକ କ୍ଷମତା ବିକାଶ ଯୋଜନା ବିକଶିତ ହୋଇଛି ଏବଂ ଶିକ୍ଷାକୁ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ ପ୍ରଣାଳୀ ସହିତ ସଂଯୁକ୍ତ କରାଯାଇଛି ।ତାଲିମ ପ୍ରଦାନକୁ ଉନ୍ନତ କରିବା ପାଇଁ ଏଆଇ-ସକ୍ଷମ ଉପକରଣଗୁଡ଼ିକର ବର୍ଦ୍ଧିତ ବ୍ୟବହାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କର୍ମଯୋଗୀ ଭାରତର ଅଧ୍ୟକ୍ଷ ସୁବ୍ରମଣ୍ୟମ ରାମାଦୋରାଇ କହିଥିଲେ, ସାଧନା ସପ୍ତାହ ନିରନ୍ତର ଶିକ୍ଷା ଏବଂ ଆତ୍ମ-ଉନ୍ନତି ପ୍ରତି ପ୍ରଶାସନିକ ସେବା ମଧରେ ଏକ ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ସେ ଆଇଗଟ୍ ପ୍ଲାଟଫର୍ମରେ ଅଂଶଗ୍ରହଣର ବ୍ୟାପକତା ବିଷୟରେ ଉଲ୍ଲେଖ କରିଥିଲେ ଏବଂ ଅଧିକାରୀମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ କ୍ଷମତା ନିର୍ମାଣ କରିବାକୁ ଉତ୍ସାହିତ କରିଥିଲେ।

କ୍ଷମତା ନିର୍ମାଣ କମିଶନର ସଦସ୍ୟ (ପ୍ରଶାସନ) ଡକ୍ଟର ଅଳକା ମିତ୍ତଲ କହିଥିଲେ, ଗ୍ରାମ ପଞ୍ଚାୟତ, ସହରାଞ୍ଚଳ ପ୍ରଶାସନିକ ସଂସ୍ଥା ଏବଂ ନାଗରିକ ଅଭିମୁଖୀ ସେବା ସମେତ ବିଭିନ୍ନ କ୍ଷେତ୍ରରେ ଆଗଧାଡ଼ିର କର୍ମୀଙ୍କ ନିକଟରେ ପହଞ୍ଚିବା ପାଇଁ କ୍ଷମତା ବିକାଶ ପ୍ରୟାସକୁ ବିସ୍ତାର କରାଯାଉଛି । ସରକାରୀ କ୍ଷେତ୍ରର ଉଦ୍ୟୋଗଗୁଡ଼ିକର ଛଅ ଲକ୍ଷରୁ ଅଧିକ କର୍ମଚାରୀ ଆଇଗଟ୍ ପ୍ଲାଟଫର୍ମରେ ସାମିଲ ହୋଇଛନ୍ତି। ଦକ୍ଷତା ନିର୍ମାଣ କମିଶନର ସଦସ୍ୟ ଡକ୍ଟର ଆର. ବାଲାସୁବ୍ରମଣ୍ୟମ କହିଥିଲେ,ମିଶନ୍ କର୍ମଯୋଗୀ ଏକ ବ୍ୟାପକ କ୍ଷମତା-ନିର୍ମାଣ ଇକୋସିଷ୍ଟମରେ ବିକଶିତ ହୋଇଛି ଏବଂ ବିଶ୍ୱସ୍ତରରେ ସର୍ବବୃହତ ପରିବର୍ତ୍ତନ ପରିଚାଳନା ପଦକ୍ଷେପ ମଧ୍ୟରୁ ଅନ୍ୟତମ। **(ପିଆଇବି)**

# ହିଂସା ଓ ଧ୍ୱଂସମୁଖରୁ ସୁରକ୍ଷାର ମାର୍ଗ

**ଡ.ଅରୁନ୍ଧତୀ ଦେବୀ**

ଆଜିର ସୂଚନାପ୍ରଯୁକ୍ତି ଯୁଗରେ ମଣିଷ ଅସମ୍ଭବକୁ ସମ୍ଭବ କରିପାରୁଛି । ମହାଶୂନ୍ୟରେ ବିଚରଣ କରୁଛି ।ଚନ୍ଦ୍ରରେ ତ କେବେଠୁ ପହଞ୍ଚି ସାରିଲାଣି । କିନ୍ତୁ ଘୋର ଦୁଃଖ ଓ ପରିତାପର ବିଷୟ ନିଜ ହୃଦୟ ପାଖରେ, ନିକଟତମ ଆତ୍ମୀୟର ହୃଦୟ ପାଖରେ ସେ ପହଞ୍ଚି ପାରୁନାହିଁ । ଘଣ୍ଟାକଣ୍ଟା, ମିନିଟ୍ ଦ୍ୱାରା ଅନ୍ତରୀକ୍ଷ ଯାନକୁ ନିୟନ୍ତ୍ରଣ କରୁଛି ସିନା, ନିଜ ମନକୁ ନିୟନ୍ତ୍ରଣ କରିପାରୁନାହିଁ । କ୍ରାନ୍ତିକାରୀ ବାହ୍ୟପ୍ରଗତି, ଏତେ ସୁଉଚ୍ଚ ହର୍ମ୍ୟମାଳା, ଏତେ ଆମୋଦପ୍ରମୋଦର ଚାକଚକ୍ୟ ଭରା ଆଧୁନିକ ସାମଗ୍ରୀ ସହ ବିଜ୍ଞାନର ସୁଦୂରପ୍ରସାରୀ ଜୟଯାତ୍ରା । କିନ୍ତୁ ମାନସିକ ଶାନ୍ତି ନାହିଁ, ନିର୍ମଳ ଆନନ୍ଦ ବି ନାହିଁ । ତ୍ୟାଗଭରା ସ୍ନେହମମତା ବି ନାହିଁ । ସର୍ବୋପରି ମାନବିକତା ବି ନାହିଁ । ସମାଜବାଦର ଏତେ ସ୍ଲୋଗାନ ଭିତରେ ମଣିଷ ଅଧିକରୁ ଅଧିକ ସ୍ୱାର୍ଥପର, ବ୍ୟକ୍ତିବାଦୀ ହୋଇଯାଉଛି । ବିଭିନ୍ନ ବାଦର ପ୍ରତିଷ୍ଠା ପାଇଁ ଏତେ ଯୁକ୍ତି ଦ୍ୱନ୍ଦ୍ୱ ହେଉଛି ହେଲେ ସମାଜରୁ କ୍ରମଶଃ ମାନବବାଦ ଓ ମାନବିକତା ହଜି ହଜି ଯାଉଛି ।ଯେକୌଣସି ମୁହୂର୍ତ୍ତରେ ଅତି ଅପ୍ରତ୍ୟାଶିତ ଭାବରେ ଘର ଭିତରେ କର୍ମକ୍ଷେତ୍ରରେ ଲକ୍ଷ ଲକ୍ଷ ଲୋକଙ୍କ ଆଖି ସାମ୍ନାରେ ମଣିଷ ମଣିଷକୁ ହତ୍ୟା କରୁଛି । ନୃଶଂସ ଭାବେ ରକ୍ତର ହୋଲି ଖେଳୁଛି । ଦ୍ୱିତୀୟତଃ, ଭଗବତ୍ ବିଶ୍ୱାସ ବି ରଖୁଛି, ସ୍ୱୀକାର ବି କରୁଛି ଭଗବାନ୍ ସର୍ବନିୟନ୍ତା, ସର୍ବାନ୍ତର୍ଯ୍ୟାମୀ ଓ ସବୁଠି ବିଦ୍ୟମାନ, ହେଲେ ଷଡ଼ରିପୁରେ ଜର୍ଜରିତ ସେଇ ତଥାକଥିତ ଅମୃତର ସନ୍ତାନଟି ଆଜି ନିଜର ସ୍ଥାନ କେଉଁଠି ରଖିଛି ? ଏ ଯୁଗର ସାର୍ଟିଫିକେଟଧାରୀ ଟଙ୍କାର ପାହାଡ଼ ଉପରେ ବିଚରଣ କରୁଥିବା ଆଧୁନିକ ମଣିଷଟି ନାହିଁ ନ ଥିବା ଭୟ ଓ ଆତଙ୍କ ଭିତରେ ସମୟ କାଟୁଛି । ଛତୁ ଫୁଟିବା ପରି ବିଦ୍ୟାଳୟ, ମହାବିଦ୍ୟାଳୟ, କେତେ ପ୍ରକାରର ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷାଯୋଜନା ଭିତରେ ସତରେ କେତେ ଅସୁରକ୍ଷିତ ଆମର ମଣିଷ ଜୀବନ ଟିକକ । ଶିକ୍ଷା ଉପହାସ କରୁଛି । ସାମାନ୍ୟ ଦ୍ୱନ୍ଦ୍ୱକୁ କେନ୍ଦ୍ରକରି ଅଗଠିତ, ଅସଂଯମୀ ମନ ନୃଶଂସ ହତ୍ୟାକାଣ୍ଡ ଘଟାଉଛି ।

ବହୁ ଆଡ଼ମ୍ବର ରୂପ ସୌନ୍ଦର୍ଯ୍ୟରେ ସଜ୍ଜିତ ଚରିତ୍ରମାନେ ଆଜି ଅଶ୍ଳୀଳ ଭାବେ ପ୍ରଦର୍ଶିତ ହୋଇ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରି ଅନ୍ତରରେ ଯେଉଁ ତୃଷ୍ଣା, ଅତୃପ୍ତି, ଅଶାନ୍ତି, ଜ୍ୱଳନ, ଛଳନା ଓ ସମସ୍ୟାକୁ ବଢ଼ାଇ ଚାଲିଛନ୍ତି, ସେଥିପାଇଁ ଦାୟୀ କିଏ ? ଏପରି ଅବସ୍ଥା ହୋଇଛି, ଧନ, ସମ୍ମାନ, ପ୍ରାଚୁର୍ଯ୍ୟ ଭିତରେ ବି ମଣିଷ ଟିକିଏ ଶୁଦ୍ଧ ତ୍ୟାଗଭରା ସ୍ନେହ ଓ ମାନସିକ ଶାନ୍ତି ପାଇଁ ହାହାକାର କରୁଛି । ଆତ୍ମହତ୍ୟା ସଂଖ୍ୟା ବଢ଼ି ଚାଲିଛି । ନିର୍ଯାତନାର ଘଟଣା ତ ଅତି ମାମୁଲି । ଖାଦ୍ୟ, ଔଷଧ, ସ୍ନେହ, ମମତା, ଭଦ୍ରତା, ସବୁ ଯେପରି ଭେଜାଲ। ଯାନ୍ତ୍ରିକ ଓ କୃତ୍ରିମ ସଭ୍ୟତା ସହ ମଣିଷ ଯନ୍ତ୍ରପରି କାମ କରିଚାଲିଛି, କିନ୍ତୁ ବେଶି ହୃଦୟହୀନ, ବିଚାରଶୂନ୍ୟ, ମାନବିକତାଶୂନ୍ୟ ହୋଇପଡୁଛି । ପୁଣି ମଣିଷ ଯନ୍ତ୍ରଠାରୁ ବି ଅଧିକ ଭୟଙ୍କର ଓ କ୍ଷତିକାରୀ ହୋଇଉଠୁଛି ।

ପ୍ରଶ୍ନ ଉଠୁଛି, ଏ ସମାଜରେ ସୁପରିବର୍ତ୍ତନ କିପରି ହେବ ? ଲୋକମାନଙ୍କର ମନ, ରୁଚି, ବିଚାରଧାରା ଓ ବିଶ୍ୱାସର ପରିବର୍ତ୍ତନ ଓ ଉନ୍ନତି ଲୋଡ଼ା । ଏହା ସମ୍ଭବ ହୋଇପାରିବ ଶିକ୍ଷା, ସଂଗୀତ, କଳା, ଗଣମାଧ୍ୟମ କ୍ଷେତ୍ର ତଥା ଧର୍ମସଭା, ମାନବିକ ଚେତନା ଜାଗରଣ ସଭା ଓ ସର୍ବୋପରି ଜଣଙ୍କର ଦୃଢ଼ ଆତ୍ମବିଶ୍ୱାସ ଦ୍ୱାରା । ସମ୍ପ୍ରତି ଗବେଷକ, ବୁଦ୍ଧିଜୀବୀ ଓ ମନସ୍ତତ୍ତ୍ୱବିଦ୍‌ମାନେ ସ୍ୱୀକାର କରୁଛନ୍ତି ଯେ ସମାଜରେ ଏପରି କୁପ୍ରଭାବଶାଳୀ ଚରିତ୍ରର ପ୍ରଭାବ ହିଂସା-ପ୍ରତିହିଂସା, ପାଶବିକତା, ତ୍ରୁଟିପୂର୍ଣ୍ଣ, ଦୁର୍ନୀତି, କଳାବଜାର, ମଦ୍ୟପାନ ଦ୍ୱାରା ସମ୍ଭବ ହୋଇପାରୁଛି । ଏକ ଉନ୍ନତ ଶୋଭନୀୟ, ମଙ୍ଗଳମୟ, ଶାନ୍ତିମୟ ଭବିଷ୍ୟତ ଗଢ଼ିବା ପାଇଁ ମଣିଷ ସମାଜ ନିଜକୁ ପ୍ରଯତ୍ନ କରୁ । ପଶୁତ୍ୱର ପ୍ରବୃତ୍ତିକୁ ପରିହାର କରି ନିଜ ବିବେକର ଆହ୍ୱାନରେ ମଣିଷ ତା'ର ପ୍ରବୃତ୍ତିକୁ ସୁନିୟନ୍ତ୍ରିତ କରୁ । ଭଗବାନଙ୍କ ସୃଷ୍ଟିରେ ମଣିଷ ଶ୍ରେଷ୍ଠ ଜୀବ । ପ୍ରବୃତ୍ତିର ସୁନିୟନ୍ତ୍ରଣ, ସୁପ୍ରୟୋଗ ଦ୍ୱାରା ହିଁ ମାନବ ଜୀବନର ସାର୍ଥକତା ନିହିତ, ସଂକୀର୍ଣ୍ଣତା, ସ୍ୱାର୍ଥପରତା, କ୍ଷମତାଲିପ୍‌ସା, ଛଳନା, ଭ୍ରାନ୍ତି ଓ ଅହଂକାରର ମୋହମାୟା ସେ ପରିହାର କରୁ ।ଏପରି ସାଙ୍ଗକୁ ଦିବ୍ୟପଥରେ ଅଗ୍ରସର ହେଲେ ମଣିଷ ଜୀବନ ସାର୍ଥକ ହୋଇପାରିବ।

କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଶ୍ରଦ୍ଧାଞ୍ଜଳିର ପରିଭାଷା ବଦଳୁ

**ଅଖିଳ ତରାଇ**

**"ଆମେ ବୁଝିବା ଉଚିତ୍ ଯେ ମୃତ୍ୟୁ ପରେ ଦିଆଯାଉଥିବା ବ୍ୟୟବହୁଳ ଭୋଜି କେବେ ବି ମୃତ ଆତ୍ମାକୁ ଶାନ୍ତି ଦିଏନାହିଁ, ବରଂ ଜୀବିତ ଥିବା ବହୁ ଗରିବ ପରିବାରକୁ ଶୋଚନୀୟ ଅବସ୍ଥାକୁ ନେଇଯାଏ। ସମାଜର ମୁରବି ଶ୍ରେଣୀ, ଶିକ୍ଷିତ ଯୁବପିଢ଼ି ଏବଂ ସାମାଜିକ ସଂଗଠନଗୁଡ଼ିକ ଏହି ସମୟରେ ଜାଗ୍ରତ ହେବା ଆବଶ୍ୟକ। ଯେଉଁ ପରିବାର ଆର୍ଥିକ ଅନଟନ ଦେଇ ଗତି କରୁଛି, ସେମାନଙ୍କୁ ଅଯଥା ଖର୍ଚ୍ଚରୁ ନିବୃତ୍ତ କରିବା ପାଇଁ ଗାଁ କମିଟିଗୁଡ଼ିକ ସଂକଳ୍ପ ନେବା ଉଚିତ। ଶୁଦ୍ଧିକ୍ରିୟାକୁ ଏକ ଉତ୍ସବର ରୂପ ନ ଦେଇ ଏହାକୁ କେବଳ ଏକ ସାମାନ୍ୟ ସାଂସ୍କାରିକ ବିଧି ମଧରେ ସୀମିତ ରଖିବା ଉଚିତ।**

ମୃତ୍ୟୁ ଏକ ଅଲଙ୍ଘ୍ୟ ସତ୍ୟ, ଯାହା ଜୀବନର ସବୁ ସୁଖ-ଶାନ୍ତିକୁ ମୁହୂର୍ତ୍ତକ ମଧ୍ୟରେ ଛାରଖାର କରିଦିଏ। ଏକ ପ୍ରିୟଜନଙ୍କୁ ହରାଇବାର ଦୁଃଖ ଯେତିକି ଗଭୀର, ସେହି ଶୋକ ପାଳନ କରିବା ପାଇଁ ସମାଜ ଦ୍ୱାରା ନିର୍ଦ୍ଧାରିତ ନିୟମଗୁଡ଼ିକ ଜଣେ ଅଭାବୀ ମଣିଷ ପାଇଁ ସେତିକି ଯନ୍ତ୍ରଣାଦାୟକ।

ଆମ ସମାଜରେ ପ୍ରଚଳିତ ଶୁଦ୍ଧିକ୍ରିୟା ପରମ୍ପରା ଆଜି ଏକ ସାମାଜିକ ସଂସ୍କାର ଅପେକ୍ଷା ଆର୍ଥିକ ଶୋଷଣର ଏକ ବଡ଼ ମାଧ୍ୟମ ପାଲଟିଛି। ବିଶେଷ କରି ଜଣେ ସାଧାରଣ ଗରିବ ପରିବାରରେ ଯେତେବେଳେ କେହି ମୃତ୍ୟୁବରଣ କରନ୍ତି, ସେହି ପରିବାର ପାଇଁ ମୃତ ବ୍ୟକ୍ତିଙ୍କ ବିୟୋଗଜନିତ ମାନସିକ ଆଘାତ ଅପେକ୍ଷା ସାମାଜିକ ରୀତିନୀତି ପାଳନ କରିବାର ଆର୍ଥିକ ଚିନ୍ତା ଅଧିକ ଘାରିଥାଏ। ଏହି ସମସ୍ୟାଟି ସାମ୍ପ୍ରତିକ ସମୟରେ ଏକ ଗମ୍ଭୀର ସାମାଜିକ ବ୍ୟାଧି ଭାବେ ଉଭା ହୋଇଛି, ଯାହା ଉପରେ ପୁନର୍ବିଚାର କରିବାର ସମୟ ଆସିଛି। ଆମର ସଂସ୍କୃତିରେ ଦଶାହ, ଏକାଦଶାହ ଏବଂ ଦ୍ୱାଦଶାହ ଭଳି କର୍ମଗୁଡ଼ିକର ଏକ ଗଭୀର ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ରହିଛି। ପୂର୍ବକାଳରେ ଏହି ସବୁ ନୀତିନିୟମ ପରିବାରର ଶୁଦ୍ଧି ଏବଂ ମୃତ ଆତ୍ମାର ଶାନ୍ତି ପାଇଁ ଉଦ୍ଦିଷ୍ଟ ଥିଲା। କିନ୍ତୁ କାଳକ୍ରମେ ଏହି ପବିତ୍ରତା ହଜିଯାଇ ସେଠାରେ ସ୍ଥାନ ନେଇଛି 'ଲୋକାଚାର' ଏବଂ ଏକ ପ୍ରକାରର ଅଘୋଷିତ



ପ୍ରତିଯୋଗିତା। ଆଜିର ସମାଜରେ ଶୁଦ୍ଧିକ୍ରିୟା କେବଳ ଏକ ଶୋକ ସଭା ହୋଇ ରହିନାହିଁ, ବରଂ ଏହା ନିଜର ପ୍ରତିପତ୍ତି ଓ ପ୍ରତିଷ୍ଠା ଦେଖାଇବାର ଏକ ମାଧ୍ୟମ ପାଲଟିଛି। ଜଣେ ଧନୀ ବ୍ୟକ୍ତି ନିଜର ପ୍ରିୟଜନଙ୍କ ସ୍ମୃତିରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଭୋଜିଭାତ କରିବା କିମ୍ବା ଶତାଧିକ ସମ୍ପର୍କୀୟଙ୍କୁ ନୂତନ ବସ୍ତ୍ର ପ୍ରଦାନ କରିବା ହୁଏତ ତାଙ୍କ ପାଇଁ ଏକ ସାଧାରଣ କଥା ହୋଇପାରେ, ମାତ୍ର ସମସ୍ୟା ସେତେବେଳେ ଜଟିଳ ହୁଏ ଯେତେବେଳେ ସମାଜ ସେହି ସମାନ ନିୟମକୁ ଜଣେ ଦରିଦ୍ର ବ୍ୟକ୍ତିଙ୍କ ଉପରେ ଲଦିଦିଏ।

ଗରିବ ଲୋକଟି ପାଖରେ ନିଜ ପରିବାରର ଦୈନନ୍ଦିନ ଖର୍ଚ୍ଚ ତୁଲାଇବାକୁ ସମ୍ବଳ ନଥିବା ବେଳେ, ଦଶାହ କର୍ମରେ ସମସ୍ତ ଜ୍ଞାତିକୁଟୁମ୍ବଙ୍କୁ ନୂଆ ଲୁଗା ବାଣ୍ଟିବା ଏବଂ ଏକାଦଶାହରେ ସାରା ଗାଁକୁ ଆମିଷ ବା ନିରାମିଷ ଭୋଜି ଦେବା ପାଇଁ ସେ ନିଜକୁ ବାଧ୍ୟ ମନେ କରେ। ଏହି 'ବାଧ୍ୟବାଧକତା' ପଛରେ କୌଣସି ଧର୍ମଗ୍ରନ୍ଥର ନିର୍ଦ୍ଦେଶ ନ ଥାଏ, ବରଂ ଥାଏ ସାମାଜିକ ବାସନ୍ଦର ଭୟ କିମ୍ବା 'ଲୋକେ କ'ଣ କହିବେ' ସେହି ଲୋକଲଜ୍ଜା। ଯେଉଁ ପରିବାର ମୁଖ୍ୟଙ୍କୁ ହରାଇ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିପଡ଼ିଥାଏ, ତାକୁ ପୁଣି ଥରେ ଆର୍ଥିକ ଅଭାବର ଅନ୍ଧାର ଭିତରକୁ ଠେଲି ଦିଏ ଆମର ଏହି ପାରମ୍ପରିକ ରୀତିନୀତିର ବ୍ୟୟବହୁଳତା। ଜଣେ ଗରିବ ବ୍ୟକ୍ତି ନିଜର ତଥାକଥିତ ସାମାଜିକ ସମ୍ମାନ ରକ୍ଷା କରିବା ପାଇଁ ବାଧ୍ୟ ହୋଇ ସାହୁକାର କିମ୍ବା ଗାଁ ମହାଜନ ପାଖରୁ ଉଚ୍ଚ ସୁଧ ହାରରେ ଋଣ କରେ। ଯେଉଁ ଟଙ୍କା ତାର ପିଲାଙ୍କ ପାଠପଢ଼ା, ସ୍ୱାସ୍ଥ୍ୟ କିମ୍ବା ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବିନିଯୋଗ ହୋଇପାରିଥାନ୍ତା, ତାହା କେବଳ ଗୋଟିଏ ଦିନର ଭୋଜି ଏବଂ ଅଯଥା ବସ୍ତ୍ର ବଣ୍ଟନରେ ଖର୍ଚ୍ଚ ହୋଇଯାଏ। ଏହା କେବଳ ଏକ ଆର୍ଥିକ କ୍ଷତି ନୁହେଁ, ବରଂ ଏହା ଏକ ପରିବାରକୁ ପିଢ଼ି ପରେ ପିଢ଼ି ଦରିଦ୍ରତାର ଚକ୍ରବ୍ୟୂହ ଭିତରକୁ ଠେଲି ଦିଏ। ଅନେକ ସମୟରେ ଏହି ଋଣ ପରିଶୋଧ କରିବା ପାଇଁ ଜଣେ ଗରିବ ଚାଷୀକୁ ନିଜର ଚାଷଜମି ବିକ୍ରି କରିବାକୁ ପଡ଼େ କିମ୍ବା ଜୀବନସାରା ଦାଦନ ଖଟି ଋଣ ଶୁଝିବାକୁ ପଡ଼େ। ଆଶ୍ଚର୍ଯ୍ୟର କଥା ଯେ, ଯେଉଁ ସମାଜ ଦୁଃଖୀ ପରିବାରର ସହାୟତା କରି ତା'ର ଲୁହ ପୋଛିବା କଥା, ସେହି ସମାଜ ହିଁ ଶ୍ରଦ୍ଧା ଭୋଜି ଖାଇବା ବାହାନାରେ ତାକୁ ଆହୁରି ନିସ୍ୱ କରିଦିଏ।

ଏହି ସାମାଜିକ ମାନସିକତା ଏତେ ଶକ୍ତ ହୋଇଗଲାଣି ଯେ, ଶୋକସନ୍ତପ୍ତ ପରିବାରକୁ ସହାନୁଭୂତି ଦେବା ପରିବର୍ତ୍ତେ ଆମେ ତାଙ୍କ ଘରେ କ'ଣ ମେନୁ ହୋଇଛି ଏବଂ କେଉଁ ପ୍ରକାରର ଲୁଗା ବଣ୍ଟା ହେଉଛି ତାକୁ ନେଇ ଚର୍ଚ୍ଚା କରୁ। ଯଦି ଜଣେ ଗରିବ ଲୋକ ତା'ର ଆର୍ଥିକ ଅକ୍ଷମତା ଯୋଗୁଁ ଭୋଜି ନଦିଏ, ତେବେ ତାକୁ ସମାଜରେ ହୀନ ଚକ୍ଷୁରେ ଦେଖାଯାଏ। ଏପରିକି ମୃତ ବ୍ୟକ୍ତିଙ୍କ ଆତ୍ମା ଶାନ୍ତି ପାଇବ ନାହିଁ ବୋଲି ଭୟ ମଧ୍ୟ ଦେଖାଯାଏ। ଏହି କୁସଂସ୍କାରକୁ ବନ୍ଦ କରିବା ପାଇଁ ଆମକୁ ନିଜର ଚିନ୍ତାଧାରା ବଦଳାଇବାକୁ ପଡ଼ିବ।

ଆମେ ବୁଝିବା ଉଚିତ ଯେ ମୃତ୍ୟୁ ପରେ ଦିଆଯାଉଥିବା ବ୍ୟୟବହୁଳ ଭୋଜି କେବେ ବି ମୃତ ଆତ୍ମାକୁ ଶାନ୍ତି ଦିଏନାହିଁ, ବରଂ ଜୀବିତ ଥିବା ବହୁ ଗରିବ ପରିବାରକୁ ଶୋଚନୀୟ ଅବସ୍ଥାକୁ ନେଇଯାଏ। ସମାଜର ମୁରବି ଶ୍ରେଣୀ, ଶିକ୍ଷିତ ଯୁବପିଢ଼ି ଏବଂ ସାମାଜିକ ସଂଗଠନଗୁଡ଼ିକ ଏହି ସମୟରେ ଜାଗ୍ରତ ହେବା ଆବଶ୍ୟକ। ଯେଉଁ ପରିବାର ଆର୍ଥିକ ଅନଟନ ଦେଇ ଗତି କରୁଛି, ସେମାନଙ୍କୁ ଅଯଥା ଖର୍ଚ୍ଚରୁ ନିବୃତ୍ତ କରିବା ପାଇଁ ଗାଁ କମିଟିଗୁଡ଼ିକ ସଂକଳ୍ପ ନେବା ଉଚିତ। ଶୁଦ୍ଧିକ୍ରିୟାକୁ ଏକ ଉତ୍ସବର ରୂପ ନ ଦେଇ ଏହାକୁ କେବଳ ଏକ ସାମାନ୍ୟ ସାଂସ୍କାରିକ ବିଧି ମଧ୍ୟରେ ସୀମିତ ରଖିବା ଉଚିତ୍।

ସୀମିତ ସମ୍ବଳ ଥିବା ଲୋକଟି କେବଳ ବ୍ରାହ୍ମଣ ଭୋଜନ ଏବଂ ମୌଳିକ କ୍ରିୟାକର୍ମ ମଧ୍ୟରେ ଶୁଦ୍ଧି କାର୍ଯ୍ୟ ସମ୍ପାଦନ କଲେ ମଧ୍ୟ ସେତିକି ଶ୍ରଦ୍ଧା ମିଳିବ, ଯେତିକି ଏକ ବିରାଟ ଭୋଜିରୁ ମିଳିଥାଏ। ପଡ଼ୋଶୀ ଏବଂ ଆତ୍ମୀୟମାନେ ଏହି ସମୟରେ ଭୋଜି ଖାଇବା ଅପେକ୍ଷା ଶୋକସନ୍ତପ୍ତ ପରିବାରକୁ ଆର୍ଥିକ ସାହାଯ୍ୟ କରିବା ବା ଶୁଦ୍ଧିକ୍ରିୟାର ଖର୍ଚ୍ଚରେ ଭାଗୀଦାର ହେବା ପ୍ରକୃତ ମାନବିକତା। ଧନୀ ବର୍ଗର ବ୍ୟକ୍ତିମାନେ ମଧ୍ୟ ଏହି କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିବା ଦରକାର। ସେମାନେ ନିରାଡ଼ମ୍ବର ଭାବେ କର୍ମ ଶେଷ କରି ଯଦି କିଛି ଅର୍ଥ ବଞ୍ଚାଇ ପାରିବେ, ତାହା କୌଣସି ଅଭାବୀ ପିଲାର ପାଠପଢ଼ା କିମ୍ବା ମୃତ ବ୍ୟକ୍ତିଙ୍କ ସ୍ମୃତିରେ କୌଣସି ସମାଜ ମଙ୍ଗଳ କାମରେ ଲଗାଇପାରିବେ। ଏହା ଦ୍ୱାରା ସମାଜରେ ଏକ ସୁସ୍ଥ ବାର୍ତ୍ତା ଯିବ ଏବଂ ଗରିବ ଲୋକଟି ଉପରେ କୌଣସି ମାନସିକ ବା ଆର୍ଥିକ ଚାପ ରହିବ ନାହିଁ।

ଶେଷରେ ଏତିକି କୁହାଯାଇପାରେ ଯେ, ସଂସ୍କାର ନାମରେ ଏହି ପ୍ରକାରର କ୍ରୂର ପରମ୍ପରାକୁ ଆମେ ଆଉ ବେଶି ଦିନ ବଞ୍ଚାଇ ରଖିବା ଉଚିତ ନୁହେଁ। ମୃତ୍ୟୁ ଏକ ଅତ୍ୟନ୍ତ ବେଦନାଦାୟକ ବିଚ୍ଛେଦ ଏବଂ ଏହି ସମୟରେ ସମାଜର ଦାୟିତ୍ୱ ହେଉଛି ପରସ୍ପରକୁ ସାହାରା ଦେବା, ନା କି ଜଣକୁ ନିଜର ଭୋଗବିଳାସ ପାଇଁ ଶୋଷଣ କରିବା। ଯେଉଁଦିନ ସମାଜ ଜଣେ ଅଭାବୀ ମଣିଷର ଲୁହକୁ ଚିହ୍ନିବ ଏବଂ ଅନାବଶ୍ୟକ ଭୋଜିଭାତ ଅପେକ୍ଷା ସେହି ପରିବାରର ସୁରକ୍ଷାକୁ ଗୁରୁତ୍ୱ ଦେବ, ସେହିଦିନ ହିଁ ଆମର ଏହି ସାମାଜିକ ରୀତିନୀତି ପ୍ରକୃତରେ ସାର୍ଥକ ହେବ। ଶ୍ରଦ୍ଧା ଅନ୍ତରର ବିଷୟ, ଏହା ଆଡ଼ମ୍ବରରେ ନଥାଏ। ଗରିବ ପରିବାରକୁ ଏହି ଅଥୟ ଅବସ୍ଥାରୁ ମୁକ୍ତି ଦେବା ପାଇଁ ଆମ ସମସ୍ତଙ୍କୁ ଏକାଠି ହେବାକୁ ପଡ଼ିବ ଏବଂ ଏହି ଭୟଙ୍କର 'ଭୋଜି ପରମ୍ପରା'କୁ ମୂଳରୁ ଶେଷ କରିବାକୁ ହେବ। ମୃତ ଆତ୍ମାର ଶାନ୍ତି ପାଇଁ ଆଶୀର୍ବାଦ ଓ ନିର୍ମଳ ଭାବନା ହିଁ ଯଥେଷ୍ଟ, ଋଣ କରି ସମାଜକୁ ପୋଷିବା ନୁହେଁ। ଏହା ହିଁ ହେଉଛି ଆଜିର ସମୟର ସବୁଠାରୁ ବଡ଼ ଆହ୍ୱାନ।

ଗଞ୍ଜାମ,୭୭୮୭୦୦୧୦୦୧

10. 04.2026.pmd 1 4/9/2026, 5:50 PM

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୪୩ ୟୁନିଟ୍ ସଂଗ୍ରହ

ବୁଗୁଡ଼ା,୯ ।୪ (ନିପ୍ର); ସ୍ଥାନୀୟ ପିପୁଲ୍ସ କଲେଜ ବୁଗୁଡ଼ା ଠାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ପୁରୁଷୋତ୍ତମ ମିଶ୍ର ଉଦ୍‌ଘାଟନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବରେ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡଃ ହିମାଂଶୁ ଶେଖର ପଣ୍ଡା ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଯୁବ ରେଡକ୍ରସ, ରେଡ୍ ରିବନ କ୍ଲବ ଏବଂ ଭାରତ ସ୍କାଉଟ ଆଣ୍ଡ ଗାଇଡ୍ ୟୁନିଟର ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରରେ ୪୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ଭଞ୍ଜନଗର ରକ୍ତ ଭଣ୍ଡାର ରକ୍ତଦାତାମାନଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ । ଉକ୍ତ ଶିବିରକୁ ଯୁବ ରେଡକ୍ରସ୍ ଉପଦେଷ୍ଟା ଅଧ୍ୟାପକ ପବିତ୍ର ଖଣ୍ଡୁଆଳ, ଅଧ୍ୟାପିକା କ୍ରିଷ୍ଣା କୁମାରୀ ବର୍ଗେ, ଭାରତ ସ୍କାଉଟ ଆଣ୍ଡ ଗାଇଡ୍ ଉପଦେଷ୍ଟା ଅଧ୍ୟାପକ ଆତ୍ମପ୍ରକାଶ ନାୟକ, ଅଧ୍ୟାପିକା ଅନିତା ଦେବୀ, ଅଧ୍ୟାପକ ଅକ୍ଷୟ କୁମାର ସାହୁ, ଅଧ୍ୟାପକ ସୁଶୀଳ କୁମାର ପ୍ରଧାନ, ଅଧ୍ୟାପିକା ରଶ୍ମିତା ମିଶ୍ର, ପ୍ରତ୍ୟୁଷା ସାହୁ, ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମୋହିତ କୁମାର ସାହୁ, ଆଶିଷ କୁମାର ପୋଲେଇ, କ୍ରିଷ୍ଣା ପାତ୍ର, ଶିବାଂଶୁ ମହାରଣା ସହଯୋଗ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ପୁରୁଷୋତ୍ତମ ମିଶ୍ର ଏବଂ ରାଜନୀତି ବିଜ୍ଞାନ ମୁଖ୍ୟ ଅଧ୍ୟାପକ ଅକ୍ଷୟ କୁମାର ସାହୁ ରକ୍ତଦାନ କରିବା ସହ ରକ୍ତଦାନର ମହତ୍ତ୍ୱ ବର୍ଣ୍ଣନା କରିଥିଲେ ।

# ସାଇବର ସୁରକ୍ଷା ଏବଂ ନିଶାମୁକ୍ତ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୯ ।୪ (ନିପ୍ର): ଗଜପତି ଜିଲ୍ଲା ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ପାରଳାଖେମୁଣ୍ଡି କ୍ୟାମ୍ପସରେ ରାଜ୍ୟ ଏନ୍‌ଏସ୍‌ଏସ୍ ବ୍ୟୁରୋ ପକ୍ଷରୁ ରାଜ୍ୟସ୍ତରୀୟ ଏନ୍‌ଏସ୍‌ଏସ୍ ସାଇବର ସୁରକ୍ଷା ଏବଂ ନିଶାମୁକ୍ତ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ୩ ଦିନ ଧରି ଚାଲିବା ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଛାତ୍ରଛାତ୍ରୀ ଏବଂ କାର୍ଯ୍ୟକ୍ରମ ଅଧିକାରୀ ଯୋଗ ଦେଇଛନ୍ତି। ଗଜପତି ଜିଲ୍ଲା ଏସ୍‌ଏସ୍‌ଏସ୍ ନୋଡାଲ ଅଧିକାରୀ ଡଃ, ସନ୍ନ୍ୟାସୀ ବେହେରା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାଇବର ସଚେତନତା ଏବଂ ଏକ ନୀଶାମୁକ୍ତ ସମାଜ ଗଠନରେ ଯୁବପିଢ଼ିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ପାରଳାଖେମୁଣ୍ଡି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକ, ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଇବର ଅପରାଧ, ଆଇନ ପ୍ରଣୟନ ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରିଥିଲେ। ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସଂପ୍ରସାରଣ ଅଧିକାରୀ ମମତା ପାଢ଼ୀ ନିଶାଦ୍ରବ୍ୟ ଦ୍ରବ୍ୟ ସେବନର ସ୍ୱାସ୍ଥ୍ୟଗତ ପ୍ରଭାବ ସମ୍ପର୍କରେ ସଭାକୁ ସମ୍ବୋଧିତ କରିଥିଲେ ଓ ସିୟୁଟିଏମ ପକ୍ଷରୁ ରେଜିଷ୍ଟ୍ରାର୍ ଡ.ଅନିତା ପାତ୍ର, ନିର୍ଦ୍ଦେଶକ (ପ୍ରଶାସନ) ଡ.ଦୁର୍ଗା ପ୍ରସାଦ ପାଢ଼ୀ, ଡିନ୍ (ପ୍ରଶାସନ) ଡ. ଏସ.ପି. ନନ୍ଦ, ଡିନ୍ କୁମାର (ଛାତ୍ର ଛାତ୍ରୀ କଲ୍ୟାଣ) ଡ. ରିତେଶ କୁମ ଏବଂ ଏନଏସଏସ ସଂଯୋଜକ ଓ କାର୍ଯ୍ୟକ୍ରମ ଅଧିକାରୀ ଡ.ନିହାଲ ଆରଙ୍କ ସମେତ ସମସ୍ତ ଡିନ୍, ଅଧ୍ୟାପକ, କାର୍ଯ୍ୟକ୍ରମ ଅଧିକାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର କାର୍ଯ୍ୟକ୍ରମ ଅଧିକାରୀ ଓ ପ୍ରତିଯୋଗୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି।

# ଚୈତ୍ରମେଳାରେ ମା'ବାସୁଳୀଙ୍କ ପୂଜା



ବଣାଇ,୯ ।୪ (ନିପ୍ର): ବଣାଇର ଆରାଧ୍ୟ ଦେବୀ ମା' ବାସୁଳୀଙ୍କ ଚକ୍ଷୁଦାନ ପର୍ବ ସମ୍ପନ୍ନ ପରେ ବଣାଇର ପ୍ରସିଦ୍ଧ ଚୈତ୍ରମେଳା ଆରମ୍ଭ ହୋଇଛି। ନଅଦିନ ବ୍ୟାପୀ ପଟିଦିଅଁ ଭାବେ ପୂଜିତ ହେବାକୁ ଥିବା ମା' ବାସୁଳୀଙ୍କ ପୂଜା ଆରମ୍ଭ ହୋଇଛି। ବାସୁଳି ମନ୍ଦିରଠାରେ ସନ୍ଧ୍ୟାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜକ ଚୈତନ୍ୟ ଚୌଧୁରୀ ପୂଜାର୍ଚ୍ଚନା କରିବାପରେ ପୂଜକ ଅଜୟ ମିଶ୍ର ପଟି ଦେବୀ ମା' ବାସୁଳୀଙ୍କୁ ଜୀବନ୍ୟାସ ଦେଇଥିଲେ । ଏହାକୁ ମା'ଙ୍କ ଚକ୍ଷୁଦାନ ପର୍ବ ବୋଲି କୁହାଯାଇଥାଏ। ବଣାଇ ରାଜାସାହେବ ବୀର କିଶୋର ଇନ୍ଦ୍ରଦେଓ ଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚୈତ୍ର ମେଳା ଆୟୋଜିତ ହୋଇଆସୁଛି । ମା' ବାସୁଳୀଙ୍କ ପୂଜାର୍ଚ୍ଚନା କରିବା ସହ ମା'ଙ୍କ ସମ୍ମୁଖରେ ପାଟୁଆମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଭକ୍ତମାନେ ନିଜ ନିଜର ମାନସିକ ରଖି ଭୋଗ ଲଗାଇ ପୂଜାର୍ଚ୍ଚନା କରିବା ସହ ଆଜି ଠାରୁ ମା' ପଟିଦେବୀ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବ୍ରାହ୍ମଣୀ ନଦୀ ପଠାରେ ପୂଜା ପାଇବା ପରେ ମା' କୁମାରୀ ମନ୍ଦିର ବାହାରିଗଡ଼ ଦେଇ ରାଜ ନଅର ସମ୍ମୁଖରେ ଥିବା ଚୈତ୍ର ମେଳା ପଡ଼ିଆରେ ପୂଜା ପାଇବେ। ରାଜ ନଅର ସମ୍ମୁଖ ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ପରେ ସ୍ଥାନୀୟ କଳାକାରଙ୍କ ସହିତ ରାଜ୍ୟ ବାହାରୁ ଆସିଥିବା ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଆସନ୍ତା ୧୦ ତାରିଖ ରୁ ୧୩ ତାରିଖ ପର୍ଯ୍ୟନ୍ତ ଛଉ ନୃତ୍ୟ ପରିବେଷଣ କରାଯିବ ।

# ଗୁଣପୁର ଓକିଲସଂଘଙ୍କ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର

ରାୟଗଡା,୯/୪(ନି:ପ୍ର)ଗୁଣପୁର ଓକିଲସଂଘଙ୍କ ପ୍ରଧାନମନ୍ତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ରାୟଗଡା ଜିଲ୍ଲା ସ୍ଥିତ ବଂଶଧାରା ନଦୀର ଉପର ମୁଣ୍ଡରେ ଆନିକଟ ନିର୍ମାଣ କରିବା ସଂକ୍ରାନ୍ତରେ ବାରମ୍ବାର ଦାବି କରାଯାଇଛି। ଦାବି ଉଠିଛି ମଧ୍ୟ ଲୋକଙ୍କ ପାଇଁ। କାରଣ ଏହା ଜନସାମୁଦୟଙ୍କ ଦାବି। ଉକ୍ତ ଦାବିକୁ ନେଇ ବହୁବାର ଆଲୋଚନା ପର୍ଯ୍ୟାଲୋଚନା କରାଯାଇଛି। ଅନେକ ସଭାସମିତି ମଧ୍ୟ ହୋଇଛି। ପୂର୍ବତନ ସରକାର ଏହି ଦାବିକୁ ପୂରଣକରିବା ପାଇଁ ସଫଳ ହୋଇନଥିଲେ। ହେଲେ କିନ୍ତୁ ଏ ବିଷୟକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଆନ୍ଧ୍ରପ୍ରଦେଶ ସପକ୍ଷରେ ରାୟ ଦେବା ପରେ ଗୁଣପୁର ଏବଂ ଗଜପତି ଜିଲ୍ଲାର କାଶୀନଗର ଜନତା ଓ ଚାଷୀ ନିରାଶ ହୋଇପଡିଛନ୍ତି। ଏହାକୁ ବିରୋଧ କରି ବଂଶଧାରା ସୁରକ୍ଷା ସମିତି ପକ୍ଷରୁ ବରିଷ୍ଠ ଓକିଲ ବ୍ରହ୍ମନନ୍ଦ ପଟ୍ଟନାୟକ, ଉମା ପଟ୍ଟନାୟକ, ସ୍ୱେଚ୍ଛସେବୀ ଅକ୍ଷୟ ଦାସ, ବିଜେପି ନେତା ୱାଇ. ଗଣପତି, ଓକିଲ ସଂଘ ସଭାପତି ରମେଶ ଲିମା, ଉମା ଦାସ, ପ୍ରମୁଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିବା ବେଳେ ଗୁଣପୁର ଓକିଲ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଦ୍ୱୀପତ୍ର ଗୁଣପୁର ଉପଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି ଯେ, କଳାହାଣ୍ଡି ଜିଲ୍ଲା ହେଉଛି ଚିରସ୍ରୋତା ବଂଶଧାରା ନଦୀର ଉତ୍ପତ୍ତିସ୍ଥଳ ଏବଂ ରାୟଗଡା ଜିଲ୍ଲା ଗୁଣପୁର ଉପଖଣ୍ଡର କେତେକ ବ୍ଲକ ମଧ୍ୟ ଦେଇ ପ୍ରବାହିତ ହୋଇ ଆନ୍ଧ୍ରର ଶ୍ରୀକାକୁଲମ ଜିଲ୍ଲାର କଳିଙ୍ଗପଟନାମ ଠାରେ ବଙ୍ଗୋପସାଗରରେ ମିଶିଥିବା ବେଳେ ସମୁଦାୟ ୧୫୪ କିଲୋମିଟର ବିସ୍ତୃତ ପଥ ଅତିକ୍ରମ କରି ପ୍ରବାହିତ ହେଉଥିବା ବେଳେ ଓଡ଼ିଶା ଦେଇ ୧୨୫ କିଲୋମିଟର ପ୍ରବାହିତ ହେଉଛି । ଏହି ଚିରସ୍ରୋତା ବଂଶଧାରା ନଦୀ ହେଲେ କେବଳ ୨୯ କିଲୋମିଟର ଆନ୍ଧ୍ର ଦେଇ ଗତିକରିଛି। ଏଠାରେ ପ୍ରକାଶଯୋଗ୍ୟ ଯେ,ଏହାର ସମାଧାନ କରିବା ସକାଶେ ୧୯୬୨ ମସିହାରେ ଓଡିଶା ଏବଂ ଆନ୍ଧ୍ରପ୍ରଦେଶ ମଧ୍ୟରେ କରାଯାଇଥିବା ମିଳିତ ଚୁକ୍ତିନାମା ପ୍ରକାରେ ଉଭୟ ରାଜ୍ୟ ସମାନ ଭାବରେ ବ୍ୟବହାର କରିବା କୁ ନିଷ୍ପତ୍ତି ହୋଇଥିଲା। ଏହି ରାଜିନାମାକୁ ପ୍ରସଙ୍ଗ କରି ବଂଶଧରା ଟ୍ରିବୁନାଲ ଚୁଡାନ୍ତ ରାୟ ଶୁଣାଇଥିଲେ। ଏହି ନିଷ୍ପତ୍ତି ଚଳିତ ମାସ ୫ ତାରିଖରେ ସରକାରୀ ଗେଜେଟରେ ଅଧିସୂଚିତ କରାଯାଇଥିବା ବେଳେ ଏଥିରେ ସ୍ୱଷ୍ଟ ଭାବେ ପ୍ରକାଶ କରାଯାଇଛି ଯେ, ଆନ୍ଧ୍ର ସରକାର କାଟରାଗାଡା ଗ୍ରାମରେ ୨ୟ ସୋପାନରେ ବ୍ୟାରେଜ ନିର୍ମାଣ କାର୍ଯ୍ୟ କରିପାରିବେ ଏବଂ ଗୁଣପୁର ଉପଖଣ୍ଡ ଆଉ କାଶୀନଗର ବ୍ଲକର କିଛି ଗ୍ରାମକୁ ଜଳମଗ୍ନ ହେବାରେ ଓଡିଶା ୧୦୬ ଏକର ଜମି ଦେବ। ଟ୍ରିବ୍ୟୁନାଲ ଆନ୍ଧ୍ର ସରକାରଙ୍କୁ ଏହାର ସମସ୍ତ ଖର୍ଚ୍ଚ ବହନ କରିବାକୁ ନିର୍ଦ୍ଦେଶ ମଧ୍ୟ ପ୍ରଦାନ କରିବା ପାଇଁ ଉଲ୍ଲେଖ ଥିଲା। ହେଲେ ଏ ସଂକ୍ରାନ୍ତରେ ମୁଖ୍ୟ ବିବାଦର କାରଣ ହେଲା ଗୁଡାରି ନିକଟରେ ଥିବା ପାଣି-ଡଙ୍ଗରରେ ବୃହତ ଜଳଭଣ୍ଡାର ନିର୍ମାଣ ଯାହାର ନକ୍ସା ବା ଯୋଜନା ସ୍ୱର୍ଗତ କେ.ଏଲ.ରାଓ ପ୍ରଦାନ କରିଥିଲେ। ଯଦ୍ୱାରାକି ଏହା ସମଗ୍ର ଗୁଣପୁର ବ୍ଲକର ଜଳ ବିଦ୍ୟୁତ ଉତ୍ପାଦନ ପ୍ରକଳ୍ପର ଜଳ ସମସ୍ୟାକୁ ପରାହତ କରିବ। ଏଣୁକରି ବଂଶଧାରା ନଦୀର ଉପର ମୁଣ୍ଡରେ ପ୍ରସ୍ତାବିତ ପାଣିଡଙ୍ଗର ପ୍ରକଳ୍ପ କିମ୍ବା ଏମିତି କିଛି ପ୍ରକଳ୍ପ କରାଯାଇପାରିଲେ ଗୁଣପୁର ଓ ଗଜପତି ଜିଲ୍ଲାର କାଶୀନଗର ବାସିନ୍ଦା ଉପକୃତ ହୋଇପାରିବା ସହ ଏହି ଜିଲ୍ଲା ଦ୍ୱୟର କୃଷି ଓ କୃଷକ ଉପକୃତ ହୋଇପାରିବା ସହିତ ବିକାଶ ହୋଇପାରିବା ସହ ବନ୍ୟା ଭୟ ଆଉ ରହିବ ନାହିଁ ବୋଲି ସେଥିରେ ଦର୍ଶା ଯାଇଛି ଏହି ଦାବିପତ୍ରକୁ ସଂଘ ସଭାପତି ରମେଶ ଲିମା, ସମ୍ପାଦକ ସୂର୍ଯ୍ୟ ପାତ୍ର, ବରିଷ୍ଠ ଓକିଲ ବ୍ରହ୍ମନନ୍ଦ ପଣ୍ଡା , ଫଣୀଭୂଷଣ ପଟ୍ଟନାୟକ, ଦେବୀ ଆଚାର୍ଯ୍ୟ, ପ୍ରମୋଦ ସାହୁ, କୃଷ୍ଣ ସେନାପତି, ପ୍ରମୁଖ ଗୁଣପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପଙ୍କୁ ପ୍ରଦାନ କରିଛନ୍ତି।

# ରାସ୍ତା କଡ଼ରେ ମାଛ, ମାଂସ ଦୋକାନ: କର୍ତ୍ତୃପକ୍ଷ ଉଦାସୀନ !

ପାରଳାଖେମଣ୍ଡି,୯ ।୪(ନିପ୍ର): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହରରେ ବିଭିନ୍ନ ଛକ ଓ ସାହି କଳି କନ୍ଦିରେ, ବସ୍ ଷ୍ଟାଣ୍ଡ ଅଳ୍ପ ଦୂରରେ ସର୍ବସାଧାରଣ ସମ୍ମୁଖରେ ଜୀବ ହତ୍ୟା କରାଯାଉଛି। ମାଛ, ମାଂସ, ବିକ୍ରି କରିବା ଠିକ୍ କିନ୍ତୁ ରାସ୍ତାକଡ଼ରେ ଜୀବ ହତ୍ୟା କରିବା ବିକ୍ରି କରିବା ସାଧାରଣରେ ନାପସନ୍ଦ କରାଯାଉଛି। ସରକାରୀ ନିୟମ ଅନୁସାରେ ସାର୍ବଜନୀନ ସ୍ଥାନରେ ଜୀବହତ୍ୟା କରିବା ଉଚିତ ନୁହେଁ। କିନ୍ତୁ ଏଠାରେ ନିୟମ ଉଲ୍ଲଂଘନ କରାଯାଉଛି। ତଥାପି ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି ।ଏହି ମାଛ ମାଂସ ଦୋକାନ ପ୍ରତ୍ୟେକ ଦିନ ସର୍ବସାଧାରଣ ସମ୍ମୁଖରେ ଜୀବହତ୍ୟା କରାଯାଉଛି। ମୁଖ୍ୟ ରାସ୍ତାରେ କରାଯିବା ସହ ପ୍ରବଳ ଦୁର୍ଗନ୍ଧ ହେଉଛି। ସହରରେ ବୁଦ୍ଧିଜୀବୀ କହୁଛନ୍ତି ମୁଖ୍ୟ ରାସ୍ତାରେ ଥିବା ମାଛ, ମାଂସ ଦୋକାନ ଗୁଡ଼ିକ ଯୋଗୁଁ ଯିବା ଆସିବା କଷ୍ଟକର ହୋଇପଡୁଛି। ମାଛ ମାଂସ ବିକ୍ରି ଉପରେ ପ୍ରତିବନ୍ଧକ ନାହିଁ କିନ୍ତୁ ସର୍ବଜନୀନ ସ୍ଥାନରେ ବିକ୍ରି ଠିକ୍ ନୁହେଁ। ରାସ୍ତାରେ ଯିବା ଆସିବା କରୁଥିବା ଛାତ୍ରଛାତ୍ରୀ ଓ ଦୁର୍ବଳ ହୃଦୟ ଲୋକ, ବୃଦ୍ଧା ଲୋକଙ୍କୁ କଷ୍ଟ ଅନୁମେୟ । ଦେଶରେ ମାଛ ମାଂସ ଦୋକାନ ଖୋଲିବ ନିୟମ ପାଇଁ ଆଇନ ରହିଛି। ସେହିପରି ମାଛ ମାଂସ ଦୋକାନ ଖୋଲିବ ପାଇଁ ମଧ୍ୟ ଆଇନ ୨୦୦୧ ଅନୁସାରେ ଦୋକାନ ଖୋଲିବ ପାଇଁ ପ୍ରାଣୀ ଚିକିତ୍ସା ବିଭାଗର ପ୍ରମାଣ ପତ୍ର ଲୋଡ଼ା। ସେହିଭଳି ଉପଯୁକ୍ତ ପରିମଳ ବ୍ୟବସ୍ଥା ବଜାଇ ରଖିବା ବାଧ୍ୟତାମୂଳକ କରାଯାଇଛି। ଭାରତୀୟ ଖାଦ୍ୟ ସୁରକ୍ଷା ଓ ପୌରପରିଷଦ ଅନୁସାରେ ସମସ୍ତ ମାଛ ମାଂସ ଦୋକାନ ପାଇଁ ଲାଇସେନ୍ସ ନେବା ଓ ସ୍ୱଚ୍ଛତା ବଜାୟ ରଖିବା ସହ ସରକାରଙ୍କ ନିୟମାବଳୀ ଅନୁସାରେ ଅବୈଧ ଓ ଅସ୍ୱଚ୍ଛ ଦୋକାନ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯିବ ବୋଲି ପୌରପରିଷଦ ନିର୍ବାହ ଅଧିକାରୀ କହିଛନ୍ତି। ମାଛ ମାଂସ



ବଜାର ପାଇଁ ସ୍ୱତନ୍ତ୍ର ବଜାର ଥାଇ ମଧ୍ୟ ସାର୍ବଜନୀନ ସ୍ଥାନରେ ବିକ୍ରି କରିବାକୁ ବାରଣ କରାଯାଇଛି। ସ୍ୱତନ୍ତ୍ର ବଜାର ଥିବା ସତ୍ତ୍ୱେ ପାରଳାଖେମୁଣ୍ଡି ବିଭିନ୍ନ ଛକ ଓ ଗଳି କନ୍ଦିରେ ବିକ୍ରି କରାଯାଉଛି। ଅନେକ ମାଛ ମାଂସ ଦୋକାନର ଲାଇସେନ୍ସ କି ସ୍ୱାସ୍ଥ୍ୟ ବିଭାଗ ତରଫରୁ କୌଣସି ତଦାରଖ ହେଉନାହିଁ। ଆଜିକୁ ଦୀର୍ଘ ୧୧ ବର୍ଷ ହେଲାଣି ସ୍ଥାୟୀ ସ୍ୱାସ୍ଥ୍ୟ ଅଧିକାରୀ ନିଯୁକ୍ତି ହୋଇନଥିବା କୁହାଯାଉଛି। ସେଥି ପାଇଁ ସମସ୍ତ ମାଛ ମାଂସ ଦୋକାନ ଗୁଡ଼ିକ ଅସ୍ୱଚ୍ଛ ପରିବେଶ ତୁଲାଉଛନ୍ତି। ସମସ୍ତ ମଇଳା ନାଳରେ ପକାଇ ଦେବାରୁ ଥିବା ଆସିବା ରାସ୍ତାରେ ଦୁର୍ଗନ୍ଧ ହେଉଥିବାରୁ ଯିବାଆସିବା କଷ୍ଟକର ହୋଇପଡୁଛି। ଏନେଇ ରାସ୍ତା କଡ଼ରେ ଥିବା ମାଛ ମାଂସ ଦୋକାନର ଲାଇସେନ୍ସ ଅଛିକି ନାହିଁ କେଉଁ ଦୋକାନର ସ୍ଥିତି କଣ ତାହା ଯାଞ୍ଚ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ରାଜସ୍ୱ ନିରୀକ୍ଷକଙ୍କ ଛତ୍ରଛାୟାରେ ଚାଲିଛି ବେଆଇନ ଇଟା ଭାଟି

ବଣାଇ,୯ ।୪ (ନିପ୍ର): ବଣାଇ ଉପଖଣ୍ଡର ଲହୁଣିପଡ଼ା ତହସିଲର ଅନେକ ସ୍ଥାନରେ ବେଆଇନ ଭାବେ ମାଟି ଇଟା ଭଟା କରି ତାକୁ ବ୍ୟବସାୟିକ ଭିତ୍ତିରେ ଚଲାଇ ମାଲେମାଲ ହେଉଥିବା ଜଣାପଡ଼ିଛି । ଏହି ବ୍ୟବସାୟରେ ମୃତ୍ତିକା କ୍ଷୟ, ଜଳ ଓ ବ୍ୟାପକ ବାୟୁ ପ୍ରଦୂଷଣକୁ ଦୃଷ୍ଟିରେ ରଖି ମାଟି ଇଟା ବ୍ୟବସାୟକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ଗତ ୨୦୧୩ ମସିହା ଡିସେମ୍ବର ମାସରେ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶନାମା ଜାରି କରିଥିବା ଜଣାପଡିଛି। କିନ୍ତୁ ବର୍ତ୍ତମାନ ଲହୁଣୀପଡ଼ା ଅଞ୍ଚଳରେ ସରକାରୀ ରାଜସ୍ୱ ନିରୀକ୍ଷକଙ୍କ ଛତ୍ର ଛାୟାରେ ହଜାର ହଜାର ଇଟା ବେଆଇନ ଭାବେ ଗଢା ଚାଲିଥିବା ସାଧାରଣରେ ଅଭିଯୋଗ ହେଉଛି। ଏପରି କି ଅନେକ ବେନିୟମ ଭାବେ ଇଟାଭାଟି ସରକାରୀ ଜମି ଉପରେ ଗଢ଼ିଉଠିଥିବା ବେଳେ ସରକାରୀ ବାବୁ, ଆର୍ ଆଇଙ୍କ ଭୂମିକାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବଣାଇ ଉପଖଣ୍ଡ ଲହୁଣୀପଡ଼ା ତହସିଲ ଅନ୍ତର୍ଗତ କୁର୍ଡା ଆର ଆଇ (ରାଜସ୍ୱ ନିରୀକ୍ଷକଙ୍କ)ସର୍କଲ ଅଧୀନରେ ଥିବା କୁର୍ଡା ପଞ୍ଚାୟତ ଅନ୍ତର୍ଗତ ଫୁଲଝରର ମୌଜା ଖାତା ନଂ ୧୭/ପ୍ଲଟ ନମ୍ବର ୪୬୯ ଗୋଡା ଜମିରେ ଜନୈକ ବ୍ୟକ୍ତି ୨୫ ହଜାରରୁ ଉର୍ଦ୍ଧ୍ୱ ମାଟି ଇଟା ଗଢି ସାରିଥିବା ବେଳେ ସେହି ମୌଜା ର ଖାତା ନଂ ୫୦/ପ୍ଲଟ ନମ୍ବର ୪୩୬ ,୧୬ ଡିସିମିଲ ଆବାଦ ଯୋଗ୍ୟ ଅନାବାଦୀ ସରକାରୀ ଜମିରେ



ମଧ୍ୟ ଅନ୍ୟ ଜଣେ ବ୍ୟକ୍ତି ୧୦ ହଜାରରୁ ଉର୍ଦ୍ଧ୍ୱ ବେଆଇନ ଭାବେ ଇଟା ଗଢ଼ିଥିବା ଅଭିଯୋଗରୁ ପ୍ରକାଶ। ଅନୁରୂପ ଭାବେ ତାଳବାହାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମହୁଲତା ଗ୍ରାମର ଖାତା ନଂ ୨୫/ପ୍ଲଟ ନମ୍ବର ୧୬୯ ରେ ଥିବା ୨.୩୯ ଡିସିମିଲ ଆବାଦ ଯୋଗ୍ୟ ଅନାବାଦୀ ସରକାରୀ ଜମିରେ ମଧ୍ୟ ବିପୁଳ ପରିମାଣର ମାଟି ଇଟା ଗଢାଯାଇଛି। ବର୍ତ୍ତମାନ ସମସ୍ତ ଲଘୁ ଖଣିଜ ସମ୍ପଦ ମାଟି,ବାଲି,ମୋରମ ପ୍ରଭୃତି ଖଣି ବିଭାଗ ଦାୟିତ୍ୱରେ ରହିଛି। ତେବେ ସରକାରୀ ଜମିରେ ଇଟା ଗଢ଼ିବା ଏକ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଜଙ୍ଗଲ ଅଞ୍ଚଳକୁ ଆସି ଖଣି ବିଭାଗ ଏସବୁର ଟେର୍ ପାଇ ପାରୁନାହିଁ । ଅନ୍ୟପଟେ ରାଜସ୍ୱ ବିଭାଗ ,ବନ ବିଭାଗର କିଛି କର୍ମଚାରୀ ମାନେ ମୌଖିକ ଭାବେ ବେଆଇନ କାର୍ଯ୍ୟ କରିବାକୁ ଆଦେଶ ଦେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଏହି ମାଟି ଇଟା ତିଆରି କରିବା ପାଇଁ ସଲାସୁତରାରେ ଏସବୁ କାର୍ଯ୍ୟ ଚାଲୁଥିଲେ ମଧ୍ୟ ରାଜସ୍ୱ ବିଭାଗ କିପରି କିଛି ଜାଣି ପାରୁନାହୁଁ ତାକୁ ନେଇ ଅନେକ ପ୍ରଶ୍ନ ଦେଖାଦେଇଛି। ଏ ନେଇ ଲହୁଣୀପଡ଼ା ତହସିଲର ଜଣେ ବରିଷ୍ଠ ଅଧିକାରୀ ମତାମତ ନିଆଯାଇଥିବା ବେଳେ ସେ ଅତିଶୀଘ୍ର ଏସବୁ ର ତଦନ୍ତ କରିବା ସହ ରାଜସ୍ୱ ନିରୀକ୍ଷକଙ୍କ ନିକଟରୁ ସମସ୍ତ ତଥ୍ୟ ସଂଗ୍ରହ କରି ଖଣି ବିଭାଗକୁ ଚିଠି ଲେଖି ସୂଚନା ଦେବେ ବୋଲି କହିଛନ୍ତି।

## ଚୋରା ବାଲି ଚାଲାଣ : ୨ ଟ୍ରାକ୍ଟର ଗୋଟିଏ ନମ୍ବର ବିହୀନ ଜେସିବି ଜବତ

ପାରଳାଖେମୁଣ୍ଡି,୯ ।୪ (ନିପ୍ର); କାଶୀନଗର ଶ୍ମଶାନ ଘାଟ ନିକଟରୁ ବଂଶଧାରା ନଦୀରୁ ବିଳମ୍ବିତ ରାତ୍ରି ସମୟରେ ଚୋରାରେ ବାଲି ଚାଲାଣ କରୁଥିବା ସମୟରେ ବିଶେଷ ସୂତ୍ରରୁ ଖବର ଜିଲ୍ଲା ଖଣି ଅଧିକାରୀ ଦିପେନ ପରିଡାଙ୍କ ନେତୃତ୍ୱ ରେ ଚଢାଉ କରି ଗୋଟିଏ ଟ୍ରାକ୍ଟର ଓ ଗୋଟିଏ ଜେସିବି ମେସିନକୁ ଜବତ କରାଯାଇଥିବା ବେଳେ ପୋଲିସକୁ ହସ୍ତାନ୍ତର କରାଯାଇଛି । ୪ ଲକ୍ଷ ଟଙ୍କାର ଜରିମାନା ସହ ନମ୍ବର ବିହୀନ ଜେସିବି ହୋଇଥିବାରୁ ତଦନ୍ତ ପାଇଁ ପୋଲିସକୁ ଅବଗତ କରାଯାଇଥିବା ଜଣାପଡିଛି । ସେହିଭଳି ସକାଳୁ ସକାଳୁ ପାରଳାଖେମୁଣ୍ଡି ଉପକଣ୍ଠ ରାଣୀପେଣ୍ଠ ନିକଟରୁ ବେଆଇନ ବାଲି ଚାଲାଣ ଅଭିଯୋଗରେ ଗୋଟିଏ ଟ୍ରାକ୍ଟରକୁ ଖଣି ବିଭାଗ ଅଟକ ରଖିଥିବା ବେଳେ ତଦନ୍ତ ଜାରି ରହିଥିବା ଖଣି ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର

ପାରଳାଖେମୁଣ୍ଡି,୯ ।୪ (ନିପ୍ର): ଜିଲ୍ଲା ପ୍ରଶାସନ, ଗଜପତି ଏବଂ ଭାରତୀୟ ରେଡ୍‌କ୍ରସ ସମିତି, ଜିଲ୍ଲା ଶାଖାର ମିଳିତ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲ୍ଲାସ୍ତରୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ। ଉକ୍ତ ଶିବିରରେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ଅବକାରୀ ଅଧୀକ୍ଷକ, ଗଜପତି ପ୍ରଦୀପ ସାହୁ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ରକ୍ତଦାନ କରିଥିଲେ। ମୋଟ ୩୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ରକ୍ତଦାନ ଏକ ମହତ ଦାନ, ଯାହା ଅନ୍ୟର ଜୀବନ ବଞ୍ଚାଇବା ସହ ନିଜ ସ୍ୱାସ୍ଥ୍ୟକୁ ମଧ୍ୟ ଠିକ୍ ରଖେ । ରକ୍ତର କୌଣସି ବିକଳ୍ପ ନାହିଁ, ତେଣୁ ସ୍ୱେଚ୍ଛାକୃତ ରକ୍ତଦାନ କରି ରୋଗୀଙ୍କ ଜୀବନ ରକ୍ଷା କରିବାକୁ ଆଗେଇ ଆସି ରକ୍ତଦାନ କରନ୍ତୁ। ଉକ୍ତ ଶିବିରରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଶାନ୍ତନୁ କୁମାର ପାଢ଼ୀ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ବିନାୟକ ରାଉଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପିଏମ୍ ଶ୍ରୀଉତ୍ସବରେ ବ୍ୟାପକ ଦୁର୍ନୀତି ଅଭିଯୋଗ

## ତଥ୍ୟ ନଦେବାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖିଲେ ବିଇଓ !

ପିପିଲି,୯ ।୪ (ନିପ୍ର): ପ୍ରଧାନମନ୍ତ୍ରୀ ଶ୍ରୀଉତ୍ସବରେ ହୋଇ ଥିବା କାର୍ଯ୍ୟକ୍ରମରେ ବ୍ୟାପକ ଅର୍ଥ ହଡପ ହୋଇ ଥିବା ଭଳି ସଂଗୀନ ଅଭିଯୋଗ ହୋଇଛି। ଯାହା ଏକ ତଦନ୍ତକାରୀ ସଂସ୍ଥା କିମ୍ବା ଭିଜିଲାନ୍ସ ଦ୍ୱାରା ତଦନ୍ତ କରାଯାଇ ଲୋକ ଲୋଚନକୁ ଆସିବା ନିମନ୍ତେ ଛାତ୍ରଛାତ୍ରୀଙ୍କ ଅଭିଭାବକ ଓ ବିଭିନ୍ନ ବୁଦ୍ଧିଜୀବୀ ମହଲରେ ଦାବି ଉଠିଲାଣି । ଯାହାକୁ ନେଇ ବ୍ଲକ ଠାରୁ ଜିଲ୍ଲା ପର୍ଯ୍ୟନ୍ତ ହେଉଛି ଚର୍ଚ୍ଚା । ପିଏମ ଶ୍ରୀଉତ୍ସବ ପାଇଁ ଏକ ବଡ଼ ଧରଣର ସ୍କାମ ପ୍ରଧାନ ଶିକ୍ଷକମାନେ କରିଛନ୍ତି ବୋଲି ବିଶେଷ ସୂତ୍ରରୁ ଜାଣିବାକୁ ମିଳିଅଛି । ପିଏମଶ୍ରୀ ଉତ୍ସବ ତଥ୍ୟ ନମିଳିବାରୁ ପୁରୀ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ ଚିଠି ଲେଖି ଜଣାଇଛନ୍ତି ପିପିଲି ବ୍ଲକ ଶିକ୍ଷାଧିକାରୀ। ସେ ଲିଖିତ ଚିଠିରେ ଜଣାଇଥିବା କୁହାଯାଉଛି। । ପି ଏମ ଶ୍ରୀ ଉତ୍ସବରେ ସୁଚନା ଆଇନ ପ୍ରଥମ ଅପିଲ ହେବାରୁ ପିପିଲି ବ୍ଲକ ଶିକ୍ଷାଧିକାରୀ ଦାଣ୍ଡମକୁନ୍ଦପୁର ଏକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ତଥ୍ୟ ଦେବା ପାଇଁ ଚିଠି କରି ଜଣାଇ ଥିଲେ। ଅପିଲ ହେବାର ଏକ ମାସ ବିତି ଯାଇ ଥିଲେ ମଧ୍ୟ ପ୍ରଧାନ ଶିକ୍ଷକ କୌଣସି ଉତ୍ତର ନରଖି ସୂଚନା ଆଇନକୁ ଉଲ୍ଲଂଘନ କରିବାରୁ ପିପିଲି (ବି ଇ ଓ ) ସମ୍ପୃକ୍ତ ପ୍ରଧାନ ଶିକ୍ଷକ ବିରୁଦ୍ଧରେ ପୁରୀ ( ଡି ଇ ଓ ) ଙ୍କୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜଣାଇଛନ୍ତି। ଏନେଇ ଏହି ପ୍ରତିନିଧି ପୁରୀ ଜିଲ୍ଲା ଡିଇଓଙ୍କ ମତାମତ ଲୋଡ଼ିବାରେ ସେ ଏ ସମ୍ପର୍କରେ କୌଣସି ଉତ୍ତର ନ ଦେବାରୁ ପି ଏମ ଶ୍ରୀ ଉତ୍ସବ ଦୁର୍ନୀତି ପୁରୀ ଡିଇଓଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରୁ ଅଛି। ସୂଚନା ଅନୁଯାୟୀ ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୁବନେଶ୍ୱରଙ୍କ ଦ୍ୱାରା ବିଦ୍ୟାଳୟରେ ପ୍ରଧାନମନ୍ତ୍ରୀ ଶ୍ରୀ ଉତ୍ସବ ପାଳନ ବିଦ୍ୟାଳୟ ସ୍ତରୀୟ ହେବା ପାଇଁ ବିଭାଗ ତରଫରୁ ତା ୧୮.୧୨.୨୦୨୫ ରିଖରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇ ଥିଲା । ୩ ଲକ୍ଷ ୫୦ ହଜାର ବ୍ୟୟ ବରାଦ ଏହି କାର୍ଯ୍ୟ ପାଇଁ ନିର୍ଦ୍ଧାରଣ ବିଦ୍ୟାଳୟକୁ କରାଯିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଧାରଣ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବ୍ୟାଙ୍କ ଜମାଖାତାକୁ ଆସି ଥାଏ। ସେହି ଅର୍ଥରେ ପ୍ରମାଣ ପତ୍ର ଏବଂ ସ୍ମାରକୀ ନିମନ୍ତେ ୬ ହଜାର, ମଧ୍ୟାହ୍ନ ଭୋଜନ ଓ ସଚେତନତା ପାଇଁ ଏକ ଲକ୍ଷ ୫୦ ହଜାର, ୩ ନମ୍ବର ପାଭିଲିଅନ ପାଇଁ ଏକ , ଲକ୍ଷ ୩୫ ହଜାର, ମଞ୍ଚ, ଆଲୋକୀକରଣ ନିମନ୍ତେ ୮ ୮୫ ହଜ ହଜାର ଟଙ୍କା, ଅନ୍ୟାନ୍ୟ ପାଇଁ ୯ ହଜାର, ୩ ଲକ୍ଷ ୫୦ ହଜାର ବ୍ୟୟ ବରାଦ ପାଇଁ ଆସି ଅଛି। ଏଭଳିବ୍ୟୟ ବରାଦ ହୋଇ ଥିବା ଭାଉଚର ଗୁଡିକୁ ମଧ୍ୟ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାନେ ପୈଠ କରାଇବାକୁ ନିର୍ଦ୍ଦେଶ ନାମା ରହି ଅଛି । ଏହି ଉତ୍ସବରେ , ଦାଣ୍ଡମକୁନ୍ଦପୁର ବିଦ୍ୟାପୀଠ, ସାମିଲ ରହି ପ୍ରଧାନ ଶିକ୍ଷକ ଶିକ୍ଷା ସେତୁ ସଂଗଠନ ନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରି ଅର୍ଥ ହଡପ କରିବା ଶ୍ରୀଉତ୍ସବକୁ ସ୍ୱଳ୍ପ ଅର୍ଥ ୨୦/୩୦ ହଜାର ମଧ୍ୟରେ ବିନିଯୋଗ କରି ଅବଶିଷ୍ଟ ସରକାରୀ ଅର୍ଥକୁ ହଡପ କରିବା ଭଳି ଅଭିଯୋଗ ଆସି ଅଛି। ଏନେଇ ଅଭିଯୋଗ ଆସିବା ପରେ ପିପିଲି ବ୍ଲକ ଶିକ୍ଷା ଅଧିକାରୀଙ୍କ ପ୍ରଥମେ ପ୍ରତିକ୍ରିୟା ଲୋଡ଼ିବାରେ ସେ କହିଛନ୍ତି । ଏ ସବୁ ଆମ୍ଭ ଦ୍ୱାରା କରାଯାଇ ନାହିଁ ଫ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ସ୍ଥାନୀୟ ବ୍ଲକ ମଣ୍ଡଳ ଉନ୍ନୟନ ନ ବିଭାଗ ଦ୍ୱାରା କରାଯାଇ ପ୍ରଧାନ ଶିକ୍ଷକଙ୍କ ବ୍ୟାଙ୍କ ଜମା ଖାତାକୁ ସେସବୁ ଅର୍ଥ ଯାଇ ଥାଏ । ଏ ଦିଗରେ ଗଣଶିକ୍ଷା ମନ୍ତ୍ରୀ ନଜରଦେଇ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।



# ବାଣେଶ୍ୱରପଡ଼ା ଗ୍ରାମରେ ପାନୀୟଜଳ ସମସ୍ୟା

## ରାଜରାସ୍ତାକୁ ଓହ୍ଲାଇଲେ ଗ୍ରାମର ଶତାଧିକ ମହିଳା, ପ୍ରଶାସନର ପ୍ରତିଶ୍ରୁତି ପରେ ସ୍ଥିତି ନିୟନ୍ତ୍ରଣ

ତିଗିରିଆ,୯ ।୪(ନିପ୍ର):ତିଗିରିଆ ବ୍ଲକ ଅନ୍ତର୍ଗତ ବାଲିପୁଟ ପଞ୍ଚାୟତସ୍ଥିତ ବାଣେଶ୍ୱରପଡା ଗ୍ରାମରେ ପାନୀୟଜଳ ସମସ୍ୟା ଓ ଡ୍ରେନେଜ ସମସ୍ୟା କାରଣରୁ ଗ୍ରାମର ଶତାଧିକ ଗ୍ରାମବାସୀ ଦୀର୍ଘ ଦିନ ଧରି ସମସ୍ୟା ଭୋଗ କରୁଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଗ୍ରାମର ଶତାଧିକ ମହିଳା ଗରା, ବାଲ୍ଟି ଧରି ବାଇପାସ ଛକରେ ୬୫ ନମ୍ବର କଟକ-ନରସିଂହପୁର ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଦୀର୍ଘ ସମୟ ଧରି ଗାଡିମୋଟର ଚଳାଚଳ ବନ୍ଦ ରହିବାରୁ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ମହିଳାଙ୍କୁ ବୁଝାସୁଝା ସହ ଯଥାଶୀଘ୍ର ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା ।ସୂଚନାଯୋଗ୍ୟ ଯେ ତିଗିରିଆ ବ୍ଲକ ବାଲିପୁଟ ପଞ୍ଚାୟତର ବାଣେଶ୍ୱରପଡା ଗ୍ରାମର ଦୁଇଟି ୱାର୍ଡ ରେ ମୋଟ ୧୫୦ରୁ ଉର୍ଦ୍ଧ୍ୱ ପରିବାର ର ୭୦୦ ରୁ ଅଧିକ ଜନସାଧାରଣ ବାସ କରନ୍ତି। ଗ୍ରାମରେ ଲୋକଙ୍କ ବ୍ୟବହାର ପାଇଁ ଗୋଟିଏ କୂଅ ଓ ୫ଟି ନଳକୂପ ରହିଛି ।ଖରା ଦିନେ କୂଅଟି ଶୁଖି ଯାଉଥିବା ବେଳେ ନଳକୂପ ଗୁଡିକ ମଧ୍ୟରୁ ଅଧିକାଂଶ ନଳକୂପର ଜଳରେ ଲୌହ ଅଂଶ ଅତ୍ୟଧିକ ମାତ୍ରାରେ ଥିବାରୁ ବ୍ୟବହାର ଅନୁପଯୋଗୀ ବୋଲି ପରୀକ୍ଷଣରୁ ଜଣାପଡିଛି ।ଫଳରେ ଗ୍ରାମବାସୀ ଗ୍ରାମରେ ଥିବା ଶିବ ମନ୍ଦିର ପରିସର ମଧ୍ୟରେ ଥିବା କୂଅ ଉପରେ ନିର୍ଭରଶୀଳ ଅଟନ୍ତି। ଏଥିସହିତ ଦୁଇଟି ନଳକୂପରେ ସୌରଚାଳିତ ପମ୍ପ ଖଞ୍ଜାଯାଇଥିବା ବେଳେ ତାହାକୁ ସ୍ଥାନୀୟ ଜନସାଧାରଣ ପାନୀୟକୁ ଛାଡି ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର କରୁଥିଲେ ।କିନ୍ତୁ ବିଗତ କିଛିଦିନ ହେବ ଉକ୍ତ ସୌରଚାଳିତ ପମ୍ପ ଖରାପ ହୋଇଥିବାରୁ ଜଳ ଟୋପାଏ ପାଇଁ ସ୍ଥାନୀୟ ବାସିନ୍ଦା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଏ ସମ୍ପର୍କରେ ସ୍ଥାନୀୟ ଜଳଯୋଗାଣ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା କୁହାଯାଇଛି। ପଞ୍ଚାୟତର ବାଲିପୁଟ, ଭୁତିଆଡିହ ଗ୍ରାମରେ ଦୁଇଟି ଲକ୍ଷାଧିକ ଟଙ୍କା ବ୍ୟୟରେ ବସୁଧା ଟାଙ୍କି ନିର୍ମାଣ ହୋଇଥିଲେ ମଧ୍ୟ ବାଣେଶ୍ୱରପଡା ଗ୍ରାମକୁ ଏହି ଟାଙ୍କିରୁ ଜଳଯୋଗାଣ ହେଉନାହିଁ। ଫଳରେ ଖରାଦିନେ ଲୋକମାନେ ଜଳ ପାଇଁ ଅସୁବିଧା ଭୋଗ କରୁଛନ୍ତି। ଏଥିସହିତ ଗ୍ରାମରେ କୋଠ ଘର ଠାରୁ ଶିବ ମନ୍ଦିର ପର୍ଯ୍ୟନ୍ତ ଡ୍ରେନ ରହିଥିଲେ ମଧ୍ୟ ଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ଅସରାଏ ବର୍ଷା ହେଲେ ସମସ୍ତ ବର୍ଷା ଜଳ ଗ୍ରାମ ଶିବ ମନ୍ଦିର ସମ୍ମୁଖରେ ଥିବା ଖେଳ ପଡିଆରେ ଜମା ହେଉଥିବାରୁ ସ୍ଥାନୀୟ ଜନସାଧାରଣ ସମସ୍ୟା ଭୋଗ କରୁଛନ୍ତି। ତେଣୁ ଅସୁବିଧାର ସମାଧାନ ଦିଗରେ ସ୍ଥାନୀୟ ପ୍ରଶାସନ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ ନ କରିବାରୁ ଗ୍ରାମର ଶତାଧିକ ମହିଳା ଏକତ୍ର ହୋଇ ବାଇପାସ ଛକରେ ଗରା, ବାଲ୍ଟି ନେଇ ରାସ୍ତାରୋକ କରିଥିଲେ ।ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ମୋଟର ଚଳାଚଳ ବନ୍ଦ ରହିବା ଜନସାଧାରଣ ସମସ୍ୟା ଭୋଗ କରିଥିଲେ ।ଘଟଣା ସମ୍ପର୍କରେ ସୂଚନା ପାଇ ସ୍ଥାନୀୟ ତହସିଲଦାର ଧର୍ମରଞ୍ଜନ ପଣ୍ଡା,ନୂତନ ବିଡ଼ିଓ ସଂଗ୍ରାମ କେଶରୀ ଭୋଳ, ଆଇଆଇସି ରମାକାନ୍ତ ନାୟକ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ମହିଳାଙ୍କୁ ବୁଝାସୁଝା କରିବା ସହ ଆସନ୍ତା କାଲି ବ୍ଲକରୁ ଗୋଟିଏ ଟିମ ବାଣେଶ୍ୱରପଡା ଗ୍ରାମକୁ ଯାଇ ସମସ୍ତ ସମସ୍ୟାକୁ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାର ପ୍ରତିଶ୍ରୁତି ଦେବାପରେ ମହିଳା ମାନେ ରାସ୍ତାରୁ ଉଠିଥିଲେ।

## ପଶ୍ଚିମବଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତି ବର୍ଷା

# ଅନୁପ୍ରବେଶ ଠାରୁ ଦୁଷ୍କର୍ମ ମାମଲା ପର୍ଯ୍ୟନ୍ତ ସବୁର ହେବ ହିସାବ



ନୂଆଦିଲ୍ଲୀ,୯।୪: ପଶ୍ଚିମବଙ୍ଗର ହଳଦିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାଧାରଣ ସଭାରେ ପୁଣି ଥରେ ପ୍ରତିଶ୍ରୁତିର ଜୁଆର ଉଠିଛି । ହଳଦିଆରେ ପ୍ରଧାନମନ୍ତ୍ରୀଙ୍କ ସଭାରେ ଏକାଠି ହୋଇଥିବା ଭିଡ଼କୁ ସେ ପରିବର୍ତ୍ତନର ଝଡ ବୋଲି କହିଛନ୍ତି । ଜନସାଧାରଣଙ୍କ ପ୍ରତି ସମ୍ବେଦନହୀନ ଥିବା ସରକାରଙ୍କୁ ବରଖାସ୍ତ କରିବାର ସମୟ ଆସିଛି । ଏହା ସହ ସେ ରାଜ୍ୟର ଜନସାଧାରଣଙ୍କୁ ଛଅଟି ଗ୍ୟାରେଣ୍ଟି ମଧ୍ୟ ଦେଇଛନ୍ତି । ବିଜେପି ସରକାର ରାଜ୍ୟରେ ଭୟର ବାତାବରଣକୁ ସମାପ୍ତ କରିବ । ଲୋକମାନେ ଆଉ ଭୟରେ ରହିବେ ନାହିଁ, ବରଂ ଆତ୍ମବିଶ୍ୱାସର ସହିତ ବଞ୍ଚିବେ ଏବଂ ଆଇନର ଶାସନ ପୁଣି ଥରେ ଦୃଢ଼ ଭାବରେ ପ୍ରତିଷ୍ଠିତ ହେବ । ଏହା ସହିତ, ସେ ସରକାରୀ କଳରେ ପ୍ରମୁଖ ସଂସ୍କାର ଆଣିବାର ପ୍ରତିଶ୍ରୁତି ଦେଇଛନ୍ତି । ତାଙ୍କର ଦ୍ୱିତୀୟ ଗ୍ୟାରେଣ୍ଟି ହେଉଛି, ସରକାରୀ ବ୍ୟବସ୍ଥା ଆଉ କେବଳ ଫାଇଲରେ ସୀମିତ ରହିବ ନାହିଁ, ବରଂ ସାଧାରଣ ସେବା ପାଇଁ ସମ୍ପୂର୍ଣ୍ଣ ଉତ୍ତରଦାୟୀ ରହିବ । ସାଧାରଣ ନାଗରିକଙ୍କ ପାଇଁ, ଏହାର ଅର୍ଥ ହେଉଛି ଯେ ସେମାନଙ୍କୁ ଆଉ ସେମାନଙ୍କର କାମ କରିବା ପାଇଁ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିବାକୁ ପଡ଼ିବ ନାହିଁ । ପ୍ରଧାନମନ୍ତ୍ରୀ ତାଙ୍କ ରାଜନୀତିର କେନ୍ଦ୍ରରେ ରାଜ୍ୟର ମା' ଏବଂ ଭଉଣୀମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି । ତାଙ୍କର ତୃତୀୟ ଏବଂ ଚତୁର୍ଥ ଗ୍ୟାରେଣ୍ଟିରେ, ସେ ଦୁର୍ନୀତି ଏବଂ ଅପରାଧ ବିରୋଧରେ ଏକ ନିର୍ଣ୍ଣାୟକ ଯୁଦ୍ଧ ଘୋଷଣା କରିଛନ୍ତି । ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ରାଜ୍ୟର ପ୍ରତ୍ୟେକ ଦୁର୍ନୀତି, ମହିଳାମାନଙ୍କ ପ୍ରତି ଅନ୍ୟାୟ ଏବଂ ଦୁଷ୍କର୍ମ ମାମଲାକୁ ପୁଣି ଥରେ ଖୋଲାଯିବ ଯାହା ଦ୍ୱାରା ଅପରାଧୀମାନଙ୍କୁ ଦଣ୍ଡ ଦିଆଯାଇପାରିବ । ଦୁର୍ନୀତି ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରି ପ୍ରଧାନମନ୍ତ୍ରୀ ଚେତାବନୀ ଦେଇଛନ୍ତି ଯେ, ଟିଏମ୍ସିର ଶାସନରେ ଯେଉଁମାନେ ସାଧାରଣ ଲୋକଙ୍କ ଟଙ୍କା ଲୁଟ୍ କରିଛନ୍ତି ସେମାନେ ଏବେ ଜେଲକୁ ଯିବେ । ଉଚ୍ଚପଦସ୍ଥ ମନ୍ତ୍ରୀ ହୁଅନ୍ତୁ କିମ୍ବା ସରକାରୀ ଅଧିକାରୀ ଆଇନ କାହାକୁ ମଧ୍ୟ ଛାଡିବ ନାହିଁ । 'ସବକା ସାଥ୍, ସବକା ବିକାଶ୍' ସ୍ଲୋଗାନ ଦେଇ ସେ ପ୍ରତିଶ୍ରୁତି ଦେଇଛନ୍ତି ଯେ,ରାଜ୍ୟର ଲୁଟେରାମାନଙ୍କୁ ହିସାବ ଦେବାର ସମୟ ଆସିଛି । ପ୍ରଧାନମନ୍ତ୍ରୀ ମୋଦି ତାଙ୍କର ଶେଷ ଦୁଇଟି ପ୍ରତିଶ୍ରୁତି ସହିତ ସମାଜର ଦୁଇଟି ଭିନ୍ନ ବର୍ଗକୁ ଏକ ଶକ୍ତିଶାଳୀ ବାର୍ତ୍ତା ଦେଇଛନ୍ତି । ସେ ସ୍ପଷ୍ଟ କରିଛନ୍ତି ଯେ, ରାଜ୍ୟରେ ଶରଣାର୍ଥୀ ଭାବରେ ରହୁଥିବା ଲୋକମାନଙ୍କୁ ସମ୍ବିଧାନ ଅନୁଯାୟୀ ସମସ୍ତ ଅଧିକାର ପ୍ରଦାନ କରାଯିବ, କିନ୍ତୁ ଦେଶର ସୁରକ୍ଷା ପାଇଁ ବିପଦ ସୃଷ୍ଟି କରୁଥିବା ଅନୁପ୍ରବେଶକାରୀଙ୍କୁ କୌଣସି ମୂଲ୍ୟରେ ବରଦାସ୍ତ କରାଯିବ ନାହିଁ ଏବଂ ସେମାନଙ୍କୁ ରାଜ୍ୟରୁ ତଡ଼ାଯିବ । ଏହା ସହିତ, ସେ ରାଜ୍ୟର ଲକ୍ଷ ଲକ୍ଷ ସରକାରୀ କର୍ମଚାରୀ ଏବଂ ଶିକ୍ଷକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଖୁସି ଖବରରେ ମୋଦି ଷଷ୍ଠ ଗ୍ୟାରେଣ୍ଟି ପ୍ରଦାନ କରି ପ୍ରତିଶ୍ରୁତି ଦେଇଛନ୍ତି, ବିଜେପି ସରକାର ଗଠନ ହେବା ମାତ୍ରେ ରାଜ୍ୟରେ ସପ୍ତମ ବେତନ କମିସନ ଲାଗୁ କରାଯିବ ।

## ମୁମ୍ବାଇରେ ପହଞ୍ଚିଲା 'ଗ୍ରୀନ୍ ଆଶା ନଭି'




ନୂଆଦିଲ୍ଲୀ,୯।୪ : ପଶ୍ଚିମ ଏସିଆରେ ଚାଲିଥିବା ମହାଯୁଦ୍ଧ ମଧ୍ୟରେ, ଆଉ ଏକ ଭାରତୀୟ ଏଲପିଜି ବୋଝେଇ ଟ୍ୟାଙ୍କର୍ ଗ୍ରୀନ୍ ଆଶା ଦେଶରେ ପହଞ୍ଚିଛି । ଏହି ଟ୍ୟାଙ୍କରରେ ୧୫,୪୦୦ ଟନ୍ ଏଲପିଜି ରହିଛି । ଏହା ଦେଶର ଏକ ବଡ଼ ଜନସଂଖ୍ୟାକୁ ଘରୋଇ ଗ୍ୟାସ୍ ଯୋଗାଣ କରିବ । ନଭି ମୁମ୍ବାଇର ଜବାହରଲାଲ ନେହେରୁ ବନ୍ଦର କର୍ତ୍ତୃପକ୍ଷ ଗୁରୁବାର କହିଛନ୍ତି, ଜାହାଜକୁ ବନ୍ଦରରେ ସ୍ୱାଗତ କରାଯାଇଛି । ଏହି ଟ୍ୟାଙ୍କର୍ ୬ ଏପ୍ରିଲରେ ହର୍ମୁଜ୍ ପ୍ରଣାଳୀ ପାର କରିଥିଲା । ଆମେରିକା ଏବଂ ଇସ୍ରାଏଲ ସହିତ ଯୁଦ୍ଧ ଯୋଗୁଁ ଇରାନ ହର୍ମୁଜ୍ ପ୍ରଣାଳୀକୁ ଅବରୋଧ କରିଛି । ତଥାପି, କିଛି ନିର୍ଦ୍ଦିଷ୍ଟ ଦେଶରୁ ଟ୍ୟାଙ୍କରଗୁଡିକ ଯାଇପାରିବ ବୋଲି ଇରାନ କହିଛି । ଭାରତ ସେହି ମନୋନୀତ ଦେଶମାନଙ୍କ ମଧ୍ୟରେ ରହିଛି । ଜବାହରଲାଲ ନେହେରୁ ବନ୍ଦର କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ଇରାନ, ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା । ଅଧିକାରୀମାନେ କହିଛନ୍ତି ଯେ ନଭି ମୁମ୍ବାଇ ବନ୍ଦର କଣ୍ଟେନର ଏବଂ ତରଳ କାର୍ଗୋ ପରିଚାଳନା କରେ ଏବଂ ଦେଶର ଶକ୍ତି ଯୋଗାଣ ଶୃଙ୍ଖଳରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ପ

## ପାକିସ୍ତାନର 'ମଧ୍ୟସ୍ଥତା'କୁ ସ୍ୱାଗତ କଲେ ଶଶି ଥରୁର

ନୂଆଦିଲ୍ଲୀ,୯।୪: ଆମେରିକା-ଇରାନ ମଧ୍ୟରେ ଅସ୍ତ୍ରବିରତି ପାଇଁ ପାକିସ୍ତାନର କୂଟନୈତିକ ଭୂମିକାକୁ ନେଇ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ କୂଟନୀତିଜ୍ଞ ଶଶି ଥରୁର ଏକ ବଡ଼ ବୟାନ ଦେଇଛନ୍ତି । ଥରୁର କହିଛନ୍ତି ଯେ, ଏହି ଶାନ୍ତି ପ୍ରକ୍ରିୟା ପାଇଁ ଭାରତ ବିବ୍ରତ ନହୋଇ ଏହାକୁ ସ୍ୱାଗତ କରିବା ଉଚିତ, କାରଣ ଆଞ୍ଚଳିକ ସ୍ଥିରତା ଭାରତର ସ୍ୱାର୍ଥ ସହ ଜଡ଼ିତ । ଭାରତ ସରକାର ଏହି ପ୍ରସଙ୍ଗରେ ପ୍ରକାଶ କରିଥିବା ପ୍ରତିକ୍ରିୟାକୁ 'ପରିପକ୍ୱ' ଓ 'ବିଜ୍ଞତାପୂର୍ଣ୍ଣ' ବୋଲି ଅଭିହିତ କରି ସେ କହିଛନ୍ତି ଯେ ସଂଘର୍ଷର ସମାପ୍ତି ଦ୍ୱାରା ବିଶ୍ୱ ଶକ୍ତି ବଜାର ସ୍ଥିର ହେବ, ଯାହା ପରୋକ୍ଷରେ ଭାରତୀୟ ସ୍ୱାର୍ଥ ରକ୍ଷା କରିବ । ପାକିସ୍ତାନ ଓ ଇରାନ ମଧ୍ୟରେ ୯୦୦ କିଲୋମିଟରରୁ ଅଧିକ ସୀମା ରହିଥିବାରୁ ଏହି ଯୁଦ୍ଧର ପ୍ରଭାବ ଇସଲାମାବାଦ ଉପରେ ପଡ଼ିବା ନିଶ୍ଚିତ ଥିଲା, ତେଣୁ ଶାନ୍ତି ପାଇଁ ପାକିସ୍ତାନର ଉତ୍ସାହ ସ୍ୱାଭାବିକ ।

## ପୋଣ୍ଡା ଉପନିର୍ବାଚନରେ ରୋକ ଲଗାଇଲେ ବମ୍ବେ ହାଇକୋର୍ଟ

ପାଣାଜୀ,୯।୪: ଗୋଆ ରାଜନୀତିରେ ଏକ ବଡ଼ ତଥା ଆଶ୍ଚର୍ଯ୍ୟଜନକ ଘଟଣା ଘଟିଛି । ବମ୍ବେ ହାଇକୋର୍ଟ ପୋଣ୍ଡା ବିଧାନସଭା ଉପନିର୍ବାଚନ ଉପରେ ରୋକ ଲଗାଇ ଇତିହାସ ରଚିଛନ୍ତି । ଦେଶରେ କୌଣସି ନିର୍ବାଚନକୁ କୋର୍ଟଙ୍କ ଆଦେଶରେ ରୋକାଯିବାର ଓ ଏହାବି ଭୋଟ ଗ୍ରହଣର ଠିକ୍ ପୂର୍ବରୁ ପ୍ରଥମ ଘଟଣା । ଏଣୁ ଏହି ମାମଲା ଏବେ ଅଭୂତପୂର୍ବ ହୋଇଯାଇଛି । ପୋଣ୍ଡା ଉପନିର୍ବାଚନ ରଦ୍ଦ ହେବା ଘଟଣାରେ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ କହିଛନ୍ତି ଯେ ଆମଲାଗି ଏହା ଏକ ଝଟକା ଓ ଚମକାଇବା ଭଳି ଖବର । ଏହି ମାମଲା ନିର୍ବାଚନ ଆୟୋଗଙ୍କ ସେହି ଅଧିସୂଚନା ସମ୍ପର୍କିତ ଯେଉଁଥିରେ ପୋଣ୍ଡା ଆସନ ନିମନ୍ତେ ଉପନିର୍ବାଚନ କରାଯାଉଥିଲା । କୋର୍ଟ ଏହି ଅଧିସୂଚନାକୁ ନିର୍ବାଚନ କମିଶନଙ୍କ 'ମନଇଚ୍ଛା କାରବାର' ଓ ଏହା ଆଇନ ପ୍ରାବଧାନର ବିପରୀତ ଏଣୁ ଏହା ଉପରେ ତୁରନ୍ତ ରୋକ ଲଗାଇବା ଜରୁରି ବୋଲି କହିଛନ୍ତି । କୋର୍ଟ ଲୋକପ୍ରତିନିଧି ଅଧିନିୟମର ଧାରା ୧୫୧(ଏ)ର ଉଦାହରଣ ଦେଇ କହିଛନ୍ତି ଯେ ଯଦି କୌଣସି ଆସନରେ ବିଧାୟକଙ୍କ ଶେଷ କାର୍ଯ୍ୟକାଳ ୧ ବର୍ଷରୁ ବି କମ ସମୟ ରହୁଥାଏ, ସେଠାରେ ଉପନିର୍ବାଚନ କରାଇବା ବାଧ୍ୟତାମୂଳକ ନୁହେଁ । କୋର୍ଟ କହିଛନ୍ତି ଯେ ପୋଣ୍ଡା କ୍ଷେତ୍ରରେ ଏହି ନିୟମ ଲାଗୁ ହେଉଛି ।ମାମଲାର ଶୁଣାଣିରେ କୋର୍ଟ ଦେଖିବାକୁ ପାଇଛନ୍ତି ଯେ ୪ ମେ ୨୦୨୬ ଭୋଟଗଣନା ତାରିଖରୁ ୧୪ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ବିଧାୟକଙ୍କ କାର୍ଯ୍ୟକାଳ ମାତ୍ର ୯ ମାସର । ଏଣୁ ନୂଆ ବିଧାୟକ ସର୍ବନିମ୍ନ ୧ ବର୍ଷ କାର୍ଯ୍ୟକାଳ ପୂରଣ କରିପାରିବେନି, ଯାହା ଏହି ପ୍ରାବଧାନର ଉଲ୍ଲଂଘନ ଏହି ଆଧାରରେ କୋର୍ଟ ନିର୍ବାଚନ ପ୍ରକ୍ରିୟା ଉପରେ ରୋକ ଲଗାଇ ଦେଇଛନ୍ତି । ତେବେ ନିର୍ବାଚନ ଆୟୋଗ ତର୍କ ଦେଇଥିଲେ ଯେ ନିର୍ବାଚନ ପ୍ରକ୍ରିଆ ଆରମ୍ଭ ହୋଇସାରିଛି । ଡାକ ଭୋଟ ପଡିସାରିଲାଣି ଓ ଭୋଟ ଗ୍ରହଣ ପାଇଁ ପୁରା ଶାସନ କଳ ପ୍ରସ୍ତୁତ । ଏହା ସହିତ ଆୟୋଗ ବିଧାୟକଙ୍କ ବଳକା କାର୍ଯ୍ୟକାଳର ପୃଥକ ବ୍ୟାଖ୍ୟା କରିଥିଲେ । ତେବେ କୋର୍ଟ ନିର୍ବାଚନ ଆୟୋଗଙ୍କ ସମସ୍ତ ତର୍କ ଅଗ୍ରାହ୍ୟ କରିଦେଇଛନ୍ତି ଓ କହିଛନ୍ତି ଏହା ଆଇନର ସ୍ପଷ୍ଟ ବ୍ୟାଖ୍ୟା, ଏଥିରେ କୌଣସି ଭ୍ରମ ନାହିଁ ।

## ୧୩ ବର୍ଷ ପରେ ସୁଦୀପ୍ତ ସେନଙ୍କୁ ସର୍ତ୍ତମୂଳକ ଜାମିନ

ନୂଆଦିଲ୍ଲୀ,୯।୪: ବିଧାନସଭା ନିର୍ବାଚନ ପାଇଁ ପଶ୍ଚିମବଙ୍ଗରେ ରାଜନୀତି ସରଗରମ ରହିଛି । ପ୍ରମୁଖ ଦଳମାନେ ନିର୍ବାଚନୀ ପ୍ରଚାରରେ ଲାଗିଥିବା ବେଳେ, ରାଜନୈତିକ ଆରୋପ ପ୍ରତ୍ୟାରୋପ ଜାରି ରହିଛି । ଏହାରି ମଧ୍ୟରେ କଲିକତା ହାଇକୋର୍ଟଙ୍କ ବଡ଼ ନିଷ୍ପତ୍ତି । କୋର୍ଟ କୋଟି କୋଟି ଟଙ୍କାର ସାରଦା ଚିଟଫଣ୍ଡ ଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ସୁଦୀପ୍ତ ସେନଙ୍କୁ ସର୍ତ୍ତମୂଳକ ଜାମିନ ଦେଇଛନ୍ତି । ପ୍ରାୟ ୧୩ ବର୍ଷ ଜେଲରେ ରହିବା ପରେ ସେ ଜେଲରୁ ବାହାରିବେ । ରିପୋର୍ଟ ଅନୁସାରେ, ବୁଧବାର ହାଇକୋର୍ଟ ରାୟ ଶୁଣାଇବା ସମୟରେ କହିଛନ୍ତି ଯେ, ସେନଙ୍କୁ ତାଙ୍କ ବିରୁଦ୍ଧରେ ଥିବା ୩୦୦ରୁ ଅଧିକ ମାମଲାରୁ କେବଳ ଦୁଇଟି ମାମଲା ବାକି ରହିଥିଲା । ଏହି ଦୁଇ ମାମଲାରେ ମଧ୍ୟ ତାଙ୍କୁ ଜାମିନ ମିଳିଛି । କୋର୍ଟଙ୍କ ଏହି ନିଷ୍ପତ୍ତି ପରେ ଏବେ ତାଙ୍କର ଜାମିନ ସମ୍ଭବ ହୋଇଛି । ଏହା ପୂର୍ବରୁ ତାଙ୍କୁ ୩୮୭ ମାମଲାରେ ପୂର୍ବରୁ ହିଁ ଜାମିନ ମିଳିସାରିଥିଲା । ଯେଉଁଥିରେ ସିବିଆଇର କେସ ମଧ୍ୟ ରହିଛି ।

## ସାବରିମାଲାରେ ମହିଳାଙ୍କ ପ୍ରବେଶ କଟକଣାକୁ କେନ୍ଦ୍ର ସରକାରଙ୍କ ସମର୍ଥନ



ନୂଆଦିଲ୍ଲୀ,୯।୪: କେରଳର ସାବରିମାଲା ମନ୍ଦିରରେ ରତୁସ୍ରାବଯୋଗ୍ୟ ବୟସର ମହିଳାଙ୍କ ପ୍ରବେଶ ଉପରେ କଟକଣାକୁ ଗୁରୁବାର କେନ୍ଦ୍ର ସରକାର ସମର୍ଥନ କରି କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ୨୦୧୮ ରାୟ ପୁରୁଷମାନେ ଶ୍ରେଷ୍ଠ ଓ ମହିଳାମାନେ ନିମ୍ନ ସ୍ତରର ବୋଲି ଥିବା ଧାରଣା ଉପରେ ଆଧାରିତ ଥିଲା । କିନ୍ତୁ ଏପରି ବି ମନ୍ଦିର ଅଛି, ଯେଉଁଠାରେ ପୁରୁଷମାନଙ୍କ ପ୍ରବେଶ ନିଷେଧ । ତେଣୁ ହିନ୍ଦୁ ପରମ୍ପରା ପୁରୁଷ-ପ୍ରଧାନତା ବା ନାରୀ-ପ୍ରଧାନତା ଉପରେ ଆଧାରିତ ନୁହେଁ । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଗଠିତ ନଅଜଣିଆ ସାମ୍ବିଧାନିକ ଖଣ୍ଡପୀଠ କେରଳର ସାବରିମାଲା ମନ୍ଦିର ସମେତ ଧାର୍ମିକ ସ୍ଥାନରେ ମହିଳାଙ୍କ ପ୍ରତି ଭେଦଭାବ ଏବଂ ବିଭିନ୍ନ ଧର୍ମ ଦ୍ୱାରା ଅଭ୍ୟାସ କରାଯାଉଥିବା ଧାର୍ମିକ ସ୍ୱାଧୀନତାର ପରିସର ଉପରେ ଶୁଣାଣି କରୁଛନ୍ତି । ସିଜେଆଇଙ୍କ ସହ ଜଷ୍ଟିସ୍ ବିଭି ନାଗରତ୍ନା, ଜଷ୍ଟିସ୍ ଏମ୍ଏମ୍ ସୁନ୍ଦରେଶ, ଜଷ୍ଟିସ୍ ଅହସାନୁଦ୍ଦିନ ଅମାନୁଲ୍ଲା, ଅରବିନ୍ଦ କୁମାର, ଜଷ୍ଟିସ୍ ଅଗଷ୍ଟିନ୍ ଜର୍ଜ ମାସିହ, ପ୍ରସନ୍ନ ବି ଭାରାଲେ, ଆର୍ ମହାଦେବନ୍ ଓ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ସାମ୍ବିଧାନିକ ଖଣ୍ଡପୀଠକୁ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା କହିଛନ୍ତି ଯେ, ସେ ଏକ ଲିଖିତ ନୋଟ୍ ଦାଖଲ କରିଛନ୍ତି ଯେଉଁଥିରେ କେଉଁ କେଉଁ ମନ୍ଦିରରେ ପୁରୁଷମାନଙ୍କୁ ଅନୁମତି ନାହିଁ ତାହାର ଉଦାହରଣ ଦେଇଛନ୍ତି । ଏହା ଏକ ଦେବୀ ଭଗବତୀ ମନ୍ଦିର, ସେଠାରେ କିଛି ବିଶ୍ୱାସ ଜଡିତ ଅଛି । କେରଳରେ ଗୋଟିଏ ମନ୍ଦିର ଅଛି, ଯେଉଁଠାରେ ପୁରୁଷମାନେ ମହିଳାଙ୍କ ପୋଷାକ ପିନ୍ଧି ଯିବେ । ସେମାନେ ବିୟୁଟି ପାର୍ଲରକୁ ଯାଆନ୍ତି ଓ ମହିଳା ପରିବାର ସଦସ୍ୟ ସେମାନଙ୍କୁ ଶାଢୀ ପିନ୍ଧିବାରେ ସାହାଯ୍ୟ କରନ୍ତି । ତେଣୁ ଏହା ପୁରୁଷ-କୈନ୍ଦ୍ରିକ କିମ୍ବା ମହିଳା-କୈନ୍ଦ୍ରିକ ଧାର୍ମିକ ବିଶ୍ୱାସର ପ୍ରଶ୍ନ ନୁହେଁ । କେରଳର କୋଟ୍ଟାନକୁଲାଙ୍ଗରା ଶ୍ରୀଦେବୀ ମନ୍ଦିରରେ, ପୁରୁଷମାନେ ପ୍ରତିବର୍ଷ ଚାମାୟାଭିଲାକୁ ପର୍ବ ପାଇଁ ମହିଳାମାନଙ୍କ ପରି ପୋଷାକ ପିନ୍ଧନ୍ତି, ଯାହା ଶତାବ୍ଦୀ ଶତାବ୍ଦୀ ଧରି ଚାଲିଆସୁଥିବା ପରମ୍ପରା । ଅତିରିକ୍ତ ସଲିସିଟର ଜେନେରାଲ କେଏମ୍ ନଟରାଜ କହିଛନ୍ତି ଯେ, ଜନ ନୈତିକତା ହେଉଛି ମାନଦଣ୍ଡ, ସାମ୍ବିଧାନିକ ନୈତିକତା ନୁହେଁ ।

## ଶାନ୍ତି ଚୁକ୍ତି ସତ୍ତ୍ୱେ ହିଜବୁଲ୍ଲା ଉପରେ ଆକ୍ରମଣ ଜାରି ରହିବ: ନେତାନ୍ୟାହୁ



ତେଲ୍ ଆଭିଭ୍,୯।୪: ଇରାନ ଓ ଆମେରିକା ମଧ୍ୟରେ ଅସ୍ତ୍ରବିରତିର କ୍ଷୀଣ ଆଶା ସଞ୍ଚାର ହୋଇଥିଲେ ହେଁ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ 'ଯୁଦ୍ଧ ଜିଦ୍' ଏବେ ସାରା ବିଶ୍ୱକୁ ପୁଣି ଚିନ୍ତାରେ ପକାଇଦେଇଛି । ହିଜବୁଲ୍ଲା ମୁଖ୍ୟଙ୍କ ପୁତୁରା ନିହତ ହେବା ପରେ ନେତାନ୍ୟାହୁଙ୍କ ହୁଙ୍କାର ପଶ୍ଚିମ ଏସିଆକୁ ପୁଣି ଏକ ଭୟଙ୍କର ରକ୍ତପାତ ଆଡ଼କୁ ଠେଲି ଦେଇଛି । ସ୍ପଷ୍ଟ ଶବ୍ଦରେ ସେ ଚେତାବନୀ ଦେଇଛନ୍ତି ଯେ, ଶାନ୍ତି ପ୍ରକ୍ରିୟା ଯାହା ହେଉନା କାହିଁକି, ହିଜବୁଲ୍ଲା ବିରୋଧରେ 'ସର୍ବଗ୍ରାସୀ ସାମରିକ ଅଭିଯାନ' ଥମିବାର ପ୍ରଶ୍ନ ହିଁ ଉଠୁନାହିଁ । ନେତାନ୍ୟାହୁଙ୍କ ଏହି ଯୁଦ୍ଧଂଦେହୀ ଆଭିମୁଖ୍ୟ ଯୋଗୁଁ ଆସନ୍ତାକାଲି ଇସଲାମାବାଦରେ ହେବାକୁ ଥିବା ଐତିହାସିକ ଶାନ୍ତି ଆଲୋଚନା ଉପରେ ପ୍ରଶ୍ନଚିହ୍ନ ଲଗାଇଦେଇଛି । ଇସ୍ରାଏଲ ପକ୍ଷରୁ ମାତ୍ର ୧୦ ମିନିଟ୍ ମଧ୍ୟରେ ୧୦୦ଟି ସାମରିକ ଘାଟି ଉପରେ ହୋଇଥିବା ପ୍ରଳୟଙ୍କରୀ ବୋମାମାଡ଼କୁ ଇରାନ 'ଶାନ୍ତି ଚୁକ୍ତିର ଖୋଲାଖୋଲି ଉଲ୍ଲଂଘନ' ବୋଲି କହିଛି । ଇରାନ ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ୍ ଅତି କ୍ଷୋଭର ସହ କହିଛନ୍ତି ଯେ, ଆମେରିକା ଓ ଇସ୍ରାଏଲର ବିଶ୍ୱାସଘାତକତା ଯୋଗୁଁ ତେହେରାନ ଏହି ଆଲୋଚନାରୁ ଓହରିଯିବାକୁ ବିଚାର କରୁଛି । ଗୋଟିଏ ପଟେ କୂଟନୈତିକ ସ୍ତରରେ ଶାନ୍ତିର ଆଲାପ ଚାଲିଥିବା ବେଳେ ଅନ୍ୟପଟେ ନେତାନ୍ୟାହୁଙ୍କ 'ଲୌହ ମୁଷ୍ଟି' କୌଣସି ବି ପ୍ରସ୍ତାବକୁ ମାନିବାକୁ ପ୍ରସ୍ତୁତ ନୁହେଁ ।

## ରାଜ୍ୟସଭା ସାଂସଦ ଭାବରେ ଶପଥ ନେଲେ ପାର୍ଥ ପାୱାର




ମୁମ୍ବାଇ,୯।୪: ମହାରାଷ୍ଟ୍ର ରାଜନୀତିରେ ଏକ ନୂଆ ଅଧ୍ୟାୟର ଆରମ୍ଭ । ରାଷ୍ଟ୍ରବାଦୀ କଂଗ୍ରେସ (ଏନସିପି)ର ବରିଷ୍ଠ ନେତା ଓ ସ୍ୱର୍ଗତ ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ପରଲୋକ ପରେ ପରିବାର ଓ ଦଳ ନୂଆ ନେତୃତ୍ୱଙ୍କୁ ଦାୟିତ୍ୱ ଦେଇଛି । ଗୋଟିଏ ପଟେ ଦଳର ଦାୟିତ୍ୱ ସୁନେତ୍ରା ପାୱାର ନେଇଛନ୍ତି, ଅନ୍ୟପକ୍ଷେ ଆଜି ତାଙ୍କର ପୁଅ ପାର୍ଥ ପାୱାର ଅଫିସିଆଲି ଦେଶର ଉଚ୍ଚକକ୍ଷ ତଥା ରାଜ୍ୟସଭାର ସଦସ୍ୟ ଭାବରେ ଶପଥ ଗ୍ରହଣ କରିଛନ୍ତି । ଆଜି ସଂସଦ ଭବନର ବିଶାଳ କରିଡରରେ ଏକ ଗଭୀର ଭାବପ୍ରବଣ ଦିନ ଥିଲା । ଶପଥ ଗ୍ରହଣ ସମାରୋହ ସମୟରେ ସମସ୍ତଙ୍କ ନଜର ପାର୍ଥ ପାୱାରଙ୍କ ପୋଷାକ ଉପରେ ଥିଲା । ଏହି ବିଶେଷ ଅବସରରେ, ପାର୍ଥ ସେହି ନେହେରୁ ଜ୍ୟାକେଟ୍ ପିନ୍ଧିଥିଲେ ଯାହାକୁ ତାଙ୍କ ପିତା ଅଜିତ ପାୱାରଙ୍କ ଟ୍ରେଡମାର୍କ ଭାବରେ ବିବେଚନା କରାଯାଏ । ରାଜନୈତିକ ମହଲରେ, ଏହାକୁ କେବଳ ପୋଷାକ ଭାବରେ ନୁହେଁ, ବରଂ 'ଐତିହ୍ୟର ହସ୍ତାନ୍ତର'ଭାବରେ ଦେଖାଯାଉଛି । ସମର୍ଥକମାନେ ବିଶ୍ୱାସ କରନ୍ତି ଯେ ଗୋଲାପୀ ଜ୍ୟାକେଟ୍ ପିନ୍ଧି, ପାର୍ଥ ଏକ ବାର୍ତ୍ତା ଦେଇଛନ୍ତି ଯେ ସେ ତାଙ୍କ ବାପାଙ୍କ ଅପୂର୍ଣ୍ଣ ସ୍ୱପ୍ନ ଏବଂ ତାଙ୍କର କଠିନ ପରିଶ୍ରମ ନୀତିକୁ ଆଗକୁ ବଢ଼ାଇବେ ।

## ତେଲଙ୍ଗାନାରେ ବର୍ବରତାର ସୀମାପାର ଅଙ୍ଗନୱାଡି ଶିକ୍ଷୟିତ୍ରୀଙ୍କୁ ଗଛରେ ବାନ୍ଧି ପିଟିଲେ



ହାଇଦ୍ରାବାଦ,୯।୪: ତେଲଙ୍ଗାନା ସଙ୍ଗାରେଡ୍ଡି ଜିଲାର କାଙ୍ଗଟି ମଣ୍ଡଳରେ ଅବସ୍ଥିତ ରାସୋଲ ଗାଁରୁ ଅମାନବୀୟ ଘଟଣା ସାମ୍ନାକୁ ଆସିଛି, ଯାହା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି । ଗାଁର ଏକ ଗୋଷ୍ଠୀ ଜଣେ ଅଙ୍ଗନୱାଡି ଶିକ୍ଷୟିତ୍ରୀଙ୍କୁ ଗଛରେ ବାନ୍ଧି ନିର୍ମମ ଭାବରେ ପିଟିଛନ୍ତି । ଏହି ଘଟଣା ଆଇନର ଶାସନ ଏବଂ ସମାଜରେ ମୌଳିକ ମାନବିକତା ଉଭୟ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି । ରିପୋର୍ଟ ଅନୁସାରେ, ପୀଡିତାଙ୍କୁ ବସନ୍ତ କୁମାରୀ ଭାବରେ ଚିହ୍ନଟ କରାଯାଇଛି । ସେ ଗାଁରେ ଅଙ୍ଗନୱାଡି ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ କରନ୍ତି । ଅଭିଯୋଗ ହୋଇଛି ଯେ ତାଙ୍କ ସ୍ୱାମୀଙ୍କ ବିରୁଦ୍ଧରେ ଠକେଇ ଅଭିଯୋଗରେ ଉତ୍ତ୍ୟକ୍ତ କିଛି ଗ୍ରାମବାସୀ କ୍ରୋଧରେ ବସନ୍ତ କୁମାରୀଙ୍କୁ ଟାର୍ଗେଟ କରିଥିଲେ । ଆଶ୍ଚର୍ଯ୍ୟଜନକ ଭାବରେ, ତାଙ୍କର କୌଣସି ସିଧାସଳଖ ସମ୍ପର୍କ ନଥିବା ବିବାଦକୁ ନେଇ ତାଙ୍କୁ ଏପରି ନିର୍ମମତାର ଶିକାର କରାଯାଇଥିଲା । ସୂଚନା ଅନୁଯାୟୀ ଅଭିଯୁକ୍ତମାନେ ପ୍ରଥମେ ବସନ୍ତ କୁମାରୀଙ୍କୁ ଧରି ଏକ ଗଛରେ ବାନ୍ଧି ଦେଇଥିଲେ ଏବଂ ପରେ ତାଙ୍କୁ ଶାରୀରିକ ଆକ୍ରମଣ କରିଥିଲେ । ଏହି ସମୟ ମଧ୍ୟରେ କିଛି ଦେଖଣାହାରୀ ହସ୍ତକ୍ଷେପ କରି ଘଟଣାର ପ୍ରତିବାଦ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ସେମାନେ ଶୁଣିନଥିଲେ । ଏହି ସମ୍ପୂର୍ଣ୍ଣ ଘଟଣା ଗାଁରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଘଟଣା ପରେ ପୀଡିତା ସାହସ ଦେଖାଇ ପୋଲିସରେ ଅଭିଯୋଗ କରିଥିଲେ । ମାମଲାକୁ ଗମ୍ଭୀରତାର ସହ ନେଇ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏବଂ ପାଞ୍ଚ ଜଣ ଗ୍ରାମବାସୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛି ।

## ମହିଳା ସଂରକ୍ଷଣ ଆଇନକୁ ସମର୍ଥନ କରିବାକୁ ସାଂସଦଙ୍କୁ ମୋଦିଙ୍କ ଆହ୍ୱାନ

ନୂଆଦିଲ୍ଲୀ,୯।୪ : ସଂସଦରେ ମହିଳା ସଂରକ୍ଷଣ ଆଇନକୁ ସମର୍ଥନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ସାଂସଦଙ୍କୁ ଆହ୍ୱାନ କରିଛନ୍ତି । ଗୁରୁବାର ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ମହିଳା ସଂରକ୍ଷଣ ଆଇନରେ ପ୍ରସ୍ତାବିତ ସଂଶୋଧନ କେବଳ ଏକ ଆଇନଗତ କାର୍ଯ୍ୟ ନୁହେଁ ବରଂ ଭାରତର କୋଟି କୋଟି ମହିଳାଙ୍କ ଆକାଂକ୍ଷାର ପ୍ରତିଫଳନ । ପୋଷ୍ଟ ହୋଇଥିବା ଏକ ସ୍ୱାକ୍ଷରିତ ଲେଖାରେ ମୋଦି କହିଛନ୍ତି, ଭାରତର ସଭ୍ୟତା ନୀତି ଅନୁଯାୟୀ ମହିଳାଙ୍କ ବିକାଶରେ ସମାଜର ବିକାଶ ଅନ୍ତର୍ନିହିତ ରହିଥାଏ । ପ୍ରଧାନମନ୍ତ୍ରୀ କହିଛନ୍ତି, ୨୦୨୯ ଲୋକସଭା ନିର୍ବାଚନ ଓ ଆଗାମୀ ଦିନରେ ରାଜ୍ୟମାନଙ୍କରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଏହାକୁ ଲାଗୁ କରାଯିବ । ସେ ଆହୁରି କହିଛନ୍ତି ଯେ, ଦେଶ ଏକ ଐତିହାସିକ ମୁହୂର୍ତ୍ତର ଦ୍ୱାର ଦେଶରେ ଠିଆ ହୋଇଛି, ଯାହା ଗଣତନ୍ତ୍ରର ମୂଳଦୁଆକୁ ଆହୁରି ଗଭୀର କରିବା ଓ ସମାନତା ଏବଂ ଅନ୍ତର୍ଭୁକ୍ତିକରଣ ପ୍ରତି ସାମୂହିକ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିବାର ସୁଯୋଗ ପ୍ରଦାନ କରୁଛି । ସେ ଆହୁରି କହିଛନ୍ତି ଯେ, ମହିଳା ସଂରକ୍ଷଣକୁ ଆଗକୁ ବଢ଼ାଇବା ପାଇଁ ଏକ ବିଲ୍ ଉପରେ ଆଲୋଚନା ଏବଂ ଏହାକୁ ପାରିତ କରିବା ପାଇଁ ସଂସଦ ଏପ୍ରିଲ ୧୬ ରେ ବସିବ । ସୂଚନାଯୋଗ୍ୟ, ଏପ୍ରିଲ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସଂସଦର ତିନିଦିନିଆ ସ୍ୱତନ୍ତ୍ର ଅଧିବେଶନ ବସିବ । ୨୦୨୯ ସାଧାରଣ ନିର୍ବାଚନରୁ କାର୍ଯ୍ୟକାରୀ କରିବା ପାଇଁ 'ନାରୀ ଶକ୍ତି ବନ୍ଦନ ଅଧିନିୟମ୍' ବା ମହିଳା ସଂରକ୍ଷଣ ଆଇନରେ ସଂଶୋଧନ କରାଯିବ ।

# ୪୦ ଦିନର ଭୟଙ୍କର ଯୁଦ୍ଧ; ୩୬୪୦ ମୃତ୍ୟୁ ,୯୦ ହଜାର ଘର ଧ୍ୱଂସ



ନୂଆଦିଲ୍ଲୀ,୯/୪: ଗତ ୨୮ ଫେବ୍ରୁଆରୀରେ ଆମେରିକା ଓ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କଲେ । ଏହି ଆକ୍ରମଣ ଇରାନର ପରମାଣୁ କାର୍ଯ୍ୟକ୍ରମ, ମିସାଇଲ ଠିକଣା ଓ ସୈନ୍ୟ ସୁବିଧା ଉପରେ ଥିଲା । ଏହାର ପ୍ରତିକ୍ରିୟାରେ ଇରାନ ଆକ୍ରମଣ କଲା । ଏହି ଯୁଦ୍ଧରେ ଲେବାନନ, ଇରାକ, ଜୋର୍ଡାନ, କୁଏତ, ବାହାରୀନ, କାତାର, ସାଉଦି ଆରବ, ୟୁଏଇ, ଓମାନ ଭଳି ଦେଶ ସାମିଲ ହେଲେ । ପ୍ରାୟ ୪୦ ଦିନ ଧରି ମିସାଇଲ, ଡ୍ରୋନ୍ ଓ ବୋମାବୃଷ୍ଟି ଜାରି ରହିଲା । ଏପର୍ଯ୍ୟନ୍ତର ରିପୋର୍ଟ ଅନୁସାରେ, ଯୁଦ୍ଧରେ ମୋଟ୍ ମୃତ୍ୟୁ ସଂଖ୍ୟା ୩୬୪୦ । ହଜାର ହଜାର ଲୋକ ଆହତ ହୋଇଛନ୍ତି । ବ୍ୟାପକ ସମ୍ପତ୍ତି ନଷ୍ଟ ହୋଇଛି । ଆମେରିକା-ଇସ୍ରାଏଲର ଆକ୍ରମଣ ଜବାବରେ ଇରାନ ଇସ୍ରାଏଲ ଉପରେ ମିସାଇଲ ଓ ଡ୍ରୋନ୍ ମାଡ଼ କଲା । ଏଥିସହ ମଧ୍ୟପ୍ରାଚ୍ୟରେ ସ୍ଥିତ ଆମେରିକୀୟ ଠିକଣା ଉପରେ ମଧ୍ୟ ଆକ୍ରମଣ କଲା । ଆମେରିକୀୟ ଠିକଣା ଥିବା ଉପସାଗରୀୟ ଦେଶମାନଙ୍କ ଉପରେ ମଧ୍ୟ ଆକ୍ରମଣ କଲା । ଲେବାନନ୍ରେ ହିଜବୁଲ୍ଲା ବି ଇସ୍ରାଏଲ ଉପରେ ରକେଟ୍ ମାଡ଼ କଲା । ୟେମେନର ହୁତୀ ବିଦ୍ରୋହୀମାନେ ଇସ୍ରାଏଲକୁ ଟାର୍ଗେଟ୍ କଲେ । ଏହିଭଳି ଭାବେ ଛୋଟ ସଂଘର୍ଷ ସମଗ୍ର କ୍ଷେତ୍ରରେ ବ୍ୟାପିଗଲା । ଅନେକ ଦେଶରେ ବିସ୍ଫୋରଣ ହେଲା । ତେଲ-ଗ୍ୟାସ୍ ମୂଲ୍ୟ ଆକାଶ ଛୁଇଁଲା । ଏହି ୪୦ ଦିନର ଯୁଦ୍ଧରେ ସବୁଠୁ ଅଧିକ କ୍ଷତି ଇରାନର ହେଲା । ଇରାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁସାରେ, ଦେଶରେ ୨୦୭୬ ଲୋକ ପ୍ରାଣ ହରାଇଛନ୍ତି । ୨୬୫୦୦ରୁ ଅଧିକ ଆହତ ହୋଇଛନ୍ତି । ଏଥିରେ ସାଧାରଣ ନାଗରିକ ମଧ୍ୟ ସାମିଲ । ଲେବାନନରେ ୧୪୯୭ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ହଜାର ହଜାର ଲୋକ ଆହତ ହୋଇଛନ୍ତି । ଇସ୍ରାଏଲରେ ୨୬ ଜଣ ପ୍ରାଣ ହରାଇଛନ୍ତି ଏବଂ ୭୧୮୩ ଜଣ ଆହତ ହୋଇଛନ୍ତି । ୧୩ ଆମେରିକୀୟ ସୈନ୍ୟ ପ୍ରାଣ ହରାଇଛନ୍ତି ଏବଂ ୨୦୦ରୁ ଅଧିକ ଆହତ ହୋଇଛନ୍ତି । ଉପସାଗରୀୟ ଦେଶରେ ମୋଟ୍ ୨୮ ମୃତ୍ୟୁ ରେକର୍ଡ ହୋଇଛି । ଏଥିରେ କୁଏତରେ ୭, ବାହାରୀନରେ ୩, ସାଉଦି ଆରବରେ ୨, ୟୁଏଇରେ ୧୨, ଓମାନରେ ୩ ଓ କାତାରରେ ମଧ୍ୟ କିଛି ଆହତ ହୋଇଛନ୍ତି । ଇରାକରେ ୧୦୯ ଜଣଙ୍କ ମୃତ୍ୟୁ ହୋଇଛି । ଜୋର୍ଡାନରେ ୨୯ ଆହତ, ସିରିଆରେ ୪ ମୃତ୍ୟୁ ଏବଂ ସାଇପ୍ରସ୍ରେ ମଧ୍ୟ କିଛି କ୍ଷୟକ୍ଷତି ହୋଇଛି । ମୋଟ୍ ମୃତ୍ୟୁ ସଂଖ୍ୟା ୩୬୪୦ ହୋଇଛି । ଆହତଙ୍କ ସଂଖ୍ୟା ବହୁତ ଅଧିକ । ଇରାନରେ କେବଳ ୨୬,୫୦୦ରୁ ଅଧିକ । ପ୍ରକୃତ ସଂଖ୍ୟା ଏହାଠୁ ବି ଅଧିକ ହୋଇପାରେ । ଯୁଦ୍ଧ କେବଳ ଲୋକଙ୍କ ଜୀବନ ନେଇନାହିଁ, ବରଂ ସହର ଓ ଗାଁକୁ ମଧ୍ୟ ଧ୍ୱଂସ କରିଛି । ମୋଟ୍ ୯୦ ହଜାର ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ସ୍କୁଲ ଉପରେ ମଧ୍ୟ ଖୁବ୍ ପ୍ରଭାବ ପଡ଼ିଛି । ୭୬୦ ସ୍କୁଲ କ୍ଷତିଗ୍ରସ୍ତ କିମ୍ବା ନଷ୍ଟ ହୋଇଛି । ବିସ୍ଫୋରଣରେ କ୍ଷତିଗ୍ରସ୍ତ ହସ୍ପିଟାଲ ସଂଖ୍ୟା ୩୦୭ । ହଜାର ହଜାର ବ୍ୟବସାୟିକ ଅଟ୍ଟାଳିକା, ଦୋକାନ, ବଜାର ଓ କାରଖାନା ଧୂଳିସାତ୍ ହୋଇଛି । ଇରାନରେ ଅନେକ ସହରରେ ଆବାସିକ କ୍ଷେତ୍ର, ସ୍କୁଲ ଓ ହସ୍ପିଟାଲ ପ୍ରଭାବିତ ହୋଇଛି । ଲେବାନନରେ ମଧ୍ୟ ବ୍ୟାପକ ଘର ଓ ଅଟ୍ଟାଳିକା ନଷ୍ଟ ହୋଇଛି । ଇସ୍ରାଏଲରେ କିଛି ଅଞ୍ଚଳରେ କ୍ଷତି ହୋଇଛି କିନ୍ତୁ ସେଠାକାର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଅନେକ ଆକ୍ରମଣକୁ ପ୍ରତିହତ କରିଛି । ଉପସାଗରୀୟ ଦେଶମାନଙ୍କରେ ତେଲ ଓ ଗ୍ୟାସ୍ ପ୍ଲାଣ୍ଟ, ବନ୍ଦର ଓ ବିମାନବନ୍ଦର ଉପରେ ଆକ୍ରମଣ ହୋଇଛି । ଏହା ଦ୍ୱାରା ଉର୍ଜ୍ଜା ଉତ୍ପାଦନ ପ୍ରଭାବିତ ହୋଇଛି । ଷ୍ଟ୍ରେଟ୍ ଅଫ୍ ହୋର୍ମୁଜରେ ତୈଳ ପରିବହନ ବାଧିତ ହେବାରୁ ବିଶ୍ୱରେ ତୈଳ ମୂଲ୍ୟ ବୃଦ୍ଧି ହୋଇଛି ।

# ୯ ଲକ୍ଷ ଟଙ୍କାର ଗଂଜେଇ ଜବତ: ୪ ଗିରଫ



କଟକ(ନିପ୍ର): ଗଂଜେଇ ଚାଲାଣ କରିବା ଅଭିଯୋଗରେ ଗୁରୁବାର କଟକ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ଭରତପୁର ଥାନା ଅନ୍ତର୍ଗତ ଖଣ୍ଡଗିରି ତାରେଣୀ ଛକ ନିକଟରେ ଚଢ଼ାଉ କରି ୪ ଜଣ ଗଂଜେଇ ବେପାରୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅନ୍ତର୍ଗତ ଗୋହିରୀପଡ଼ା ଗ୍ରାମର ପ୍ରସନ୍ନ ପଣ୍ଡା (୪୫), ବୌଦ୍ଧ ଜିଲ୍ଲା ବୌଦ୍ଧ ଥାନା ଅନ୍ତର୍ଗତ ମଥୁରା ଗ୍ରାମର ତାରିଣୀ ବାଗ (୪୦), ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅନ୍ତର୍ଗତ ପୁରୁଷୋତ୍ତମପ୍ରସାଦ ଗ୍ରାମର ବାଙ୍କନିଧି ଦାଶ (୨୬) ଓ ଶିବ ପ୍ରସାଦ ଜେନା (୨୯) । ଗିରଫ ଅଭିଯୁକ୍ତଙ୍କ ନିକଟରୁ ଅବକାରୀ ପୋଲିସ ୩୪କେଜି ଗଂଜେଇ, ଗୋଟିଏ ମାରୁତି କାର ଓ ୩ଟି ସ୍ମାର୍ଟ ଫୋନ ଜବତ କରିଛି । ଜବତ ଗଂଜେଇର ଆନୁମାନିକ ମୂଲ୍ୟ ୯ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଇନସ୍ପେକ୍ଟର ସୁଶାନ୍ତ ମହାପାତ୍ର, ଏସଆଇ ଶେଖ ସାକିଲ ଉଲ୍ଲା ଓ ଅମିତ ବିଶ୍ୱାଳ, ଏଏସଆଇ କର୍ଣ୍ଣ ଓରାମ ଓ ଏଆର ମଲ୍ଲିକ, କନେଷ୍ଟବଳ ଗୌରାଙ୍ଗ ନାୟକ, ଅନ୍ନପୂର୍ଣ୍ଣା ଗଣ୍ଡ, ଜଗନ୍ନାଥ ସାହୁ, ଶଙ୍କର୍ଷଣ ରାଉତ, ରଂଜିତ ସାହୁ, ପବିତ୍ର ଦାଶ, ଶିବାନନ୍ଦ ଷଡଙ୍ଗୀ, ସୁମିତ ନାୟକ ଓ କୃଷ୍ଣମୋହନ ଦାସ ପ୍ରମୁଖ ସାମିଲ ଥିଲେ । ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଗିରଫ

କଟକ(ନିପ୍ର): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜଳସମ୍ପଦ ବିଭାଗ ଡ୍ୟାମ ସେଫଟି ଅତିରିକ୍ତ ମୁଖ୍ୟଯନ୍ତ୍ରୀ ରାଜେଶ ମହାନ୍ତି ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି । ଭିଜିଲାନ୍ସ ଅଧିକାରୀମାନେ ଡ୍ୟାମ୍ ସେଫ୍ଟିରେ ଥିବା ତାଙ୍କ ଅଫିସ୍, ଢେଙ୍କାନାଳ ଦେଉଳସାହି ସମ୍ପର୍କୀୟଙ୍କ ଘର, ଯାଜପୁର ଜିଲ୍ଲା ବଡ଼ଚଣାର କୋହ୍ଲସିଂହପୁର ପୈତୃକ ଘର,ଢେଙ୍କାନାଳ ବିଳାସପୂର୍ଣ୍ଣ ହାଉସ୍, ସରକାରି କ୍ୱାର୍ଟର୍ସ ସମେତ ମୋଟ୍ ୬ଟି ସ୍ଥାନରେ ଗତକାଲି ଚଢ଼ଉ କରିଥିଲେ। ଚଢ଼ାଉ ସମୟରେ ୮ କୋଟିରୁ ଅଧିକ ଟଙ୍କାର ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିବା ଭିଜିଲାନ୍ସ ବିଭାଗ ସୂଚନା ଦେଇଛି । ୧୯୯୪ ମସିହାରେ ମାତ୍ର ୨୦୦୦ ଟଙ୍କାରେ ଷ୍ଟାଇପେଣ୍ଡାରି ଇଞ୍ଜିନିୟର (ହାଉସିଂ ବୋର୍ଡ) ଭାବରେ ଶ୍ରୀ ମହାନ୍ତି ଚାକିରି ଆରମ୍ଭ କରିଥିଲେ । ସେହିପରି ୨୦୨୫ରେ ଭିଜିଲାନ୍ସ ବିଭାଗ ପାଖକୁ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଶ୍ରୀ ମହାନ୍ତିଙ୍କ ବିରୋଧରେ ଏକାଧିକ ପିଟିସନ୍ ଆସିଥିଲା । ଉକ୍ତ ପିଟିସନ୍ ଆଧାରରେ ଭିଜିଲାନ୍ସ ବିଭାଗ ଖୋଳତାଡ଼ ଆରମ୍ଭ କରିଥିଲା। ଏହି ସମୟରେ ତାଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତି ଥିବା ନେଇ ସୁରାକ୍ ମିଳିଥିଲା । ତାଙ୍କର ଆୟବହିର୍ଭୂତ ସମ୍ପତ୍ତି ଠାବ ଲାଗି ସ୍ପେଶାଲ୍ ଭିଜିଲାନ୍ସ କୋର୍ଟର ଦ୍ୱାରସ୍ଥ ହୋଇଥିଲା ଭିଜିଲାନ୍ସ। ଚଢ଼ାଉ ବେଳେ ଘରୁ ସାଢେ ୬ ଲକ୍ଷ ଟଙ୍କା,ବ୍ୟାଙ୍କ୍ ଜମା ୧.୭୦ କୋଟି,ଢେଙ୍କାନାଳରେ ଫାର୍ମ ହାଉସ୍,୩୫୦ ଗ୍ରାମ୍ ସୁନା,୩ ଜିଲ୍ଲାରେ ୮ ପ୍ଲଟ ଥିବା ନେଇ ଭିଜିଲାନ୍ସ ତଥ୍ୟ ହାସଲ କରିଛି ।ଇଞ୍ଜିନିୟର ବାବୁଙ୍କର ଚଳଣି କୌଣସି ଧନୀ ବ୍ୟବସାୟୀଙ୍କଠାରୁ କମ୍ ନଥିଲା । ଚଢ଼ଉ ସମୟରେ ତାଙ୍କ ଘରୁ ମିଳିଥିଲା ୨୦ରୁ ଅଧିକ ଦାମୀ ଘଣ୍ଟା । ଖାଲି ସେତିକି ନୁହେଁ ଚଷମାର ଭଣ୍ଡାର ମଧ ମଳିଥିଲା । ସେହିପରି ଚାରିଚକିଆ ଯାନ ଓ ୨ଟି ଦୁଇଚକିଆ ଯାନ ମଧ ମିଳିଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ବାବୁ ଜଣଙ୍କ ୨୦୨୫ରେ ଭ୍ରମଣ ପାଇଁ ବିମାନ ଟିକଟ୍ ବାବଦକୁ ଖର୍ଚ କରିଛନ୍ତି ୧୩.୪୭ଲକ୍ଷ ଟଙ୍କା। ଏତେ ଟଙ୍କାର ବିମାନ ଯାତ୍ରାରେ ସେ କେଉଁ ଆଡ଼େ ଯାଇଥିଲେ ଏବଂ କେମିତି ଟଙ୍କା ଉଡ଼ାଇଥିଲେ ତାହାର ହିସାବ କରୁଛି ଭିଜିଲାନ୍ସର ଟେକ୍ନିକାଲ୍ ୱିଙ୍ଗ୍। ଶ୍ରୀ ମହାନ୍ତି ୧୯୯୪ରୁ ୧୯୯୬ ପର୍ଯ୍ୟନ୍ତ ହାଉସିଂବୋର୍ଡରେ କାର୍ଯ୍ୟ କରିଥିଲେ। ୧୯୯୬ରେ ତାଙ୍କର ଜଳସମ୍ପଦ ପ୍ଲାନିଂ ନିର୍ଦ୍ଦେଶକ ଭାବେ ବଦଳି ହୋଇଥିଲା। ୧୯୯୭ ଜୁନ୍ ?ରୁ ଫେବୃଆରୀ ୨୦୦୩ ପର୍ଯ୍ୟନ୍ତ ସେ ରେଙ୍ଗାଲି ରାଇଟ୍ କେନାଲ ପ୍ରକଳ୍ପ ଅଧୀନରେ ସହକାରୀ ଇଞ୍ଜିନିୟର ଭାବରେ କାର୍ଯ୍ୟ କରିଥିଲେ। ଫେବୃଆରୀ ୨୦୦୩ରେ, ସେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବରେ ପଦୋନ୍ନତି ପାଇ ଜାରକା-ଚାନ୍ଦବାଲି ଉପଖଣ୍ଡ ଦାୟିତ୍ୱରେ ରହିଥିଲେ। ୨୦୧୪ କଟକର ମହାନଦୀ ସାଉଥ୍ ଡିଭିଜନକୁ ବଦଳି ହୋଇଥିଲା । ୨୦୨୦ରେ ଅଧୀକ୍ଷଣ ଯନ୍ତ୍ରୀ(ଏସ୍ ?ଇ) କୁ ପଦୋନ୍ନତି ପାଇଥିଲେ। ୨୦୨୧ ଜୁଲାଇରେ ସେ ଅତିରିକ୍ତ ମୁଖ୍ୟଯନ୍ତ୍ରୀକୁ ପଦୋନ୍ନତି ପାଇଥିଲେ। ୨୦୨୬ ଫେବୃଆରୀରେ ତାଙ୍କର ଜଳସେଚନ ବିଭାଗର ଯନ୍ତ୍ରୀମୁଖ୍ୟ(ଇଆଇସି) କାର୍ଯ୍ୟାଳୟସ୍ଥିତ ଡ୍ୟାମ୍ ସେଫ୍ଟିର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଭାବେ ନିଯୁକ୍ତି ମିଳିଥିଲା ଶ୍ରୀ ମହାନ୍ତି ବିନା ଟଙ୍କାରେ କୌଣସି କାମ କରୁନଥିଲେ। । ଖାଲି ସେତିକି ନୁହେଁ ପିସି ବଦଳରେ ସେ ଠିକ ଠିକାଦାରଙ୍କ ସହ ଅଘୋଷିତ ପାର୍ଟନସିପ୍ ?ରେ ମଧ କାମ କରୁଥିଲେ। । ସେ ସେ ତାଙ୍କ କଳାଧନକୁ ଠିକାଦାରଙ୍କ ମାଧ୍ୟମରେ ବିନିଯୋଗ କରି ଲାଭ ବି କମାଉଥିଲେ ବୋଲି ଭିଜିଲାନ୍ସ ଏସପି କେ ବି ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।

# ଚଳନ୍ତା ଟ୍ରେନରୁ ଖସି ଜଣେ ମୃତ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଟାଙ୍ଗରମୁଣ୍ଡା ରେଳ ଷ୍ଟେସନ ମଧ୍ୟବର୍ତ୍ତୀ ବେଲାପଡ଼ା ରେଳ ଫାଟକ ନିକଟରେ ବୁଧବାର ଅପରାହ୍ନରେ ଚଳନ୍ତା ଟ୍ରେନରୁ ଖସିପଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ମୃତ ବ୍ୟକ୍ତି ହେଲେ ବିହାର ରାଜ୍ୟ ବୈଶାଳୀ ଜିଲ୍ଲା ଖୁର୍ଦସାହାପୁରର ରଣଧୀର ସାହାଣୀ(୩୦) । ଏନେଇ ରେଳବାଇ ପୋଲିସ୍ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି । ଗୋବିନ୍ଦପୁର ମେଡ଼ିକାଲରେ ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ରେଳବାଇ ବିଭାଗ ବାମରା ଫାଣ୍ଡି ଅଧିକାରୀ ଅରୁଣ ଭଇଁସାଲ କହିଛନ୍ତି । ସୂଚନା ଅନୁଯାୟୀ,ମୃତକ ସାହାଣୀ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଅଞ୍ଚଳରେ ରହି ଡ୍ରାଇଭର କାମ କରୁଥିଲେ । ବୁଧବାର ସେ ସାଉଥ ବିହାର ଏକ୍ସପ୍ରେସ ଟ୍ରେନରେ ଝାରସୁଗୁଡ଼ାରୁ ନିଜ ଘରକୁ ଫେରୁଥିଲେ । ହେଲେ କୌଣସି କାରଣରୁ ଟାଙ୍ଗରମୁଣ୍ଡା ନିକଟବର୍ତ୍ତୀ ବେଲାପଡା ରେଳ ଫାଟକ ନିକରେ ଚଳନ୍ତା ଟ୍ରେନରୁ ଖସିପଡ଼ି ତାଙ୍କ ମୃତ୍ୟୁ ହୋଇଥିବା ରେଳବାଇ ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଛି । କେଉଁ ପରିସ୍ଥିତିରେ ସେ ଚଳନ୍ତା ଟ୍ରେନରୁ ଖସି ପଡ଼ିଲେ ତଦନ୍ତ ପରେ ସଠିକ୍ କାରଣ ଜଣାପଡିବ ବୋଲି ଫାଣ୍ଡି ଅଧିକାରୀ ଭଇଁସାଲ କହିଛନ୍ତି ।

# କେନ୍ଦ୍ରାପଡା ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ଦିବସ

କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପଞ୍ଚାୟତର ମେହେନ୍ଦିପୁର ସ୍ଥିତ ଲାଲବାହାଦୂର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ ସ୍କୁଲ ପ୍ରବେଶ ଓ ଖଡିଛୁଆଁ ଦିବସ ଉଦ୍‌ଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ ବିଶିଷ୍ଟ ଅତିଥି ଓ ଜିଲ୍ଲାପାଳ ରଘୁରାମ ଆର. ଆୟର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଉତ୍ସବକୁ ଉଦଘାଟନ କରିଥିଲେ । ପ୍ରଥମେ ପୂଜକ ସତ୍ୟ ନାରାୟଣ ପଣ୍ଡା ଆଦ୍ୟ ଦେବତା ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା କରିଥିବା ବେଳେ ଶିକ୍ଷକ ରାମଚନ୍ଦ୍ର ଆଚାର୍ଯ୍ୟ ଗୀତାପାଠ କରିଥିଲେ । ଏହାସହିତ କେନ୍ଦ୍ରାପଡା ମଣ୍ଡଳ ସ୍ତରୀୟ ସ୍କୁଲ ପ୍ରବେଶ ଓ ଖଡିଛୁଆଁ ଦିବସ ମଧ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ନିକଟରେ ସମସ୍ତ ଅତିଥି ଶିଶୁବାଟିକାର ପିଲାମାନଙ୍କୁ ଖଡି ଛୁଆଇଁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ସହିତ ଅ ଓ ଆ ଅକ୍ଷର ପିଲାମାନଙ୍କ ସିଲଟରେ ଲେଖି ଦେଇ ଶିକ୍ଷାଦାନର ଅୟମାରମ୍ଭ କରିଥିଲେ । ଏଥିସହିତ ଅତିଥିମାନେ କୁନି କୁନି ପିଲାମାନଙ୍କୁ ପ୍ରତ୍ୟେକ ଦିନ ବିଦ୍ୟାଳୟକୁ ଆସିବା, ମନଦେଇ ପାଠପଢିବା ଓ ବିଦ୍ୟାଳୟରେ ଶିକ୍ଷକ,ଶିକ୍ଷୟିତ୍ରୀ ଏବଂ ଘରେ ପିତାମାତା ଓ ଗୁରୁଜନଙ୍କ କଥାମାନିବାକୁ ପରାମର୍ଶ ଦେଇଥିଲେ । ଶିଶୁବାଟିକା ସହିତ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ସରକାରୀ ସ୍କୁଲ ବ୍ୟାଗ, ସିଲଟ, ଖଡି, ରଙ୍ଗ ପେନସିଲ ଓ ପାଠ୍ୟ ପୁସ୍ତକ ଅତିଥିମାନେ ପ୍ରଦାନ କରିଥିଲେ ।

# ଆଜାଦନଗର ବିସ୍ଫୋରଣ ଘଟଣା ଏନଆଇଏର ତଦନ୍ତ ଆରମ୍ଭ, ଏୟାରଫିଲ୍ଡ ଥାନାରୁ ଦସ୍ତାବିଜ ସଂଗ୍ରହ

ଭୁବନେଶ୍ୱର(ନିପ୍ର): ଆଜାଦ ନଗର ବୋମା ବିସ୍ଫୋରଣ ଘଟଣାରେ ଏନଆଇଏ ଟିମ ତଦନ୍ତ ଆରମ୍ଭ କରିଛି। ଏନଆଇଏର ତିନିଜଣିଆ ଟିମ ଏୟାରଫିଲ୍ଡ ଥାନାରେ ପହଁଚି ପୋଲିସ ତଦନ୍ତର ସମସ୍ତ ଦସ୍ତାବିଜ ସଂଗ୍ରହ କରିଥିଲେ । ଏନଆଇଏର ତିନିଜଣିଆ ଟିମ ଏୟାରରଫିଲ୍ଡ ଥାନାରେ ପହଞ୍ଚି ବୋମା ବିସ୍ଫୋରଣ ଘଟଣାର ତଦନ୍ତକାରୀ ଅଧିକାରୀଙ୍କ ନିକଟରୁ ସମସ୍ତ ତଥ୍ୟ ହାସଲ କରିଛି । ଆଜି ପର୍ଯ୍ୟନ୍ତ ବୋମା ବିସ୍ଫୋରଣ ଘଟଣାରେ ମିଳିଥିବା ସୁରାକ, ଫୋରେନସିକ ରିପୋର୍ଟ, ଘଟଣା ସ୍ଥଳରୁ ମିଳିଥିବା ବିସ୍ଫୋରଣ ସମୟର ସିସିଟିଭିର ହାର୍ଡଡିସ୍କ କୁ ନିଜ ହେପାଜତକୁ ନେଇଛି । ଏହା ସହିତ ତଦନ୍ତକାରୀ ଅଧିକାରୀ ରେକର୍ଡ କରିଥିବା ଦୁଇ ଭିଯୁକ୍ତଙ୍କ ମୃତ୍ୟୁକାଳିନ ଜମାନବନ୍ଦି, ଅଭିଯୁକ୍ତ ମାନଙ୍କ ବୟାନକୁ ମଧ ସଂଗ୍ରହ କରିଛି। ଏହା ପୁର୍ବରୁ ଏନଆଇଏ ଟିମ ବୋମା ବିସ୍ଫୋରଣ ସ୍ଥଳକୁ ଦୁଇ ଦୁଇଥର ଯାଇ ତଦନ୍ତ କରି ଫେରିଛନ୍ତି । ସୂଚ଼ନାଯୋଗ୍ୟ ଯେ, ୨୦୨୬ ଜାନୁୟାରୀ ୨୭ ତାରିଖରେ ଆଜାଦ ନଗରରେ ଘଟିଥିଲା ଭୟଙ୍କର ବିସ୍ଫୋରଣ ଓ ଅଭିଯୁକ୍ତ ସେହନୱାଜ ମଲ୍ଲିକ୍, ତାଙ୍କ ମାଆ ଲିଜାତୁନ ବିବି , ସେହେନାଜର ପ୍ରେମିକା ତୃପ୍ତିମୟୀ ଓ ସହଯୋଗି ଅମୀୟ ମଲ୍ଲିକ ବୋମା ବିସ୍ଫୋରଣରେ ଗୁରୁତର ଆହତ ହୋଇଥିଲେ ଓ ଅଭିଯୁକ୍ତ ସେହେନୱାଜ ଓ ତାଙ୍କ ମା' ଚ଼ିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଥିଲା

# ମୋବାଇଲ ଚୋର ଧରାପଡିଲା

ଭୁବନେଶ୍ୱର(ନିପ୍ର): ମୋବାଇଲ ଚୋରି ଅଭିଯୋଗରେ ନୂଆପଲ୍ଲୀ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ରାଜେଶ ସାହୁ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ସୂଚ଼ନାଯୋଗ୍ୟ ଯେ, ଅଭିଯୋଗକାରିଣୀ ଶ୍ରବନ୍ତୀ ନାୟକ ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଆରସି ଭିଲେଜ ଅଞ୍ଚଳରେ ରୁହନ୍ତି । ଗତକାଲି ସନ୍ଧ୍ୟାରେ ସେ ପନିପରିବା କିଣିବା ଲାଗି ଆଇଡି ମାର୍କେଟକୁ ଯାଇଥିଲେ । ସେଠାରେ ପରିବା କିଣିବାରେ ବ୍ୟସ୍ତ ଥିବା ବେଳେ, ଅଭିଯୁକ୍ତ ରାଜେଶ ଏହାର ସୁଯୋଗ ନେଇ କୌଶଳ କ୍ରମେ ତାଙ୍କ ମୋବାଇଲ ଫୋନକୁ ଚୋରୀ କରି ଫେରାର ହୋଇଯାଇଥିଲେ । ବହୁତ ଖୋଜାଖୋଜି କରିବା ସତ୍ୱେ ମଧ ନିଜ ମୋବାଇଲ ଫୋନ ପାଇପାରି ନଥିବାରୁ ସେ ଏହା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ । ତଦନ୍ତ ସମୟରେ ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଥିଲା ଯେ, ଅଭିଯୁକ୍ତ ରାଜେଶ ଏକ ଚୋରା ମୋବାଇଲ ଫୋନ କମ ଦାମରେ ବିକ୍ରି କରିବା ଲାଗି ସିଆରପି ମୁଣ୍ଡା ସାହି ଅନ୍ତର୍ଗତ ନୀଳକଣ୍ଠ ନଗର ଅଞ୍ଚଳରେ ଗ୍ରାହକ ଯୋଗାଡରେ ଲାଗିଛନ୍ତି । ମିଳିଥିବା ଏହି ସୂତ୍ର ଆଧାରରେ ପୁଲିସ ଟିମ ଘଟଣା ସ୍ଥଳରେ ଅଚ଼ାନକ ଚ଼ଢଉ କରି ଅଭିଯୁକ୍ତ ରାଜେଶଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ଅଭିଯୋଗକାରିଣୀଙ୍କ ଚୋରୀଯାଇଥିବା ମୋବାଇଲ ଫୋନକୁ ଜବତ କରିଥିଲେ । ପଚ଼ରାଉଚ଼ରା ସମୟରେ ଅଭିଯୁକ୍ତ, ଏହି ଅପରାଧରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ ।

# ଦୁଇ ବ୍ରାଉନ ସୁଗାର ବେପାରୀ ଗିରଫ

ଭୁବନେଶ୍ୱର(ନିପ୍ର): ବ୍ରାଉନ ସୁଗାର କାରବାର କରୁଥିବା ଦୁଇ ନିଶା ବେପାରୀକୁ ତମାଣ୍ଡୋ ଥାନା ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଦୀପକ ନାୟକ ଓ ରାକେଶ ନାୟକ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି । ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚ଼ନାକୁ ଆଧାର କରି ତମାଣ୍ଡୋ ଥାନାର ଏକ ସ୍ପେଶାଲ ଟିମ୍ ତମାଣ୍ଡୋ ମେଳଣ ପଡିଆ ନିକଟରେ ଅତର୍କିତ ଚ଼ଢଉ କରିବା ସହ ବେଆଇନ ବ୍ରାଉନ ସୁଗାର ଚ଼ାଲାଣ ତଥା ବିକ୍ରି ଅଭିଯୋଗରେ ଦୀପକ ନାୟକ ଓରଫ ବାପି ଓ ରାକେଶ ନାୟକ ଓରଫ ସାନୁ ନାମକ ଦୁଇ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଛାନଭିନ ସମୟରେ ପୁଲିସ ଟିମ ଅଭିଯୁକ୍ତ ଦୀପକ ନାୟକଙ୍କ ହେପାଜତରୁ ୧୧ ଗ୍ରାମ ଓ ଅଭିଯୁକ୍ତ ରାକେଶ ନାୟକଙ୍କ ନିକଟରୁ ୧୦ ଗ୍ରାମ, ମୋଟ ୨୧ ଗ୍ରାମ ଓଜନର ବ୍ରାଉନ ସୁଗାର ଏବଂ ଏକ ଅଟୋ ଜବତ କରିଥିଲେ । ପଚ଼ରା ଉଚ଼ରା ବେଳେ, ଉଭୟ ଅଭିଯୁକ୍ତ ଏହି ବ୍ରାଉନ ସୁଗାର ବ୍ୟବସାୟ ଗତ ଦୁଇବର୍ଷ ହେବ ନିୟମିତ ଭାବେ କରିଆସୁଥିବା ପ୍ରକାଶ କରିଥିଲେ । ଏହି ଘଟଣାକୁ କେନ୍ଦ୍ରକରି ତମାଣ୍ଡୋ ଥାନା ପୁଲିସ ଏକ ବେଆଇନ ବ୍ରାଉନ ସୁଗାର ବିକ୍ରି ଜନିତ ମାମଲା ରୁଜୁ କରିବା ସହ ଦୀପକ ନାୟକ ଓ ରାକେଶ ନାୟକଙ୍କୁ ଗିରଫ କରି କୋର୍ଟ ଚ଼ାଲାଣ କରିଛନ୍ତି ।

# ବୁଲିଲା ଶିକ୍ଷା ସଚେତନତା ରଥ



ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଶିକ୍ଷା ବିଭାଗ ଅଧୀନରେ ଥିବା ଲାଳିତପାଟପୁର ଓ ରାମେଶ୍ୱର କ୍ଲଷ୍ଟରେ ଅଧିନରେ ଥିବା ସମସ୍ତ ବିଦ୍ୟାଳୟ ମାନଙ୍କରେ ଛାତ୍ର ଛାତ୍ରୀମାନେ ନାମ ଲେଖାଇ ପାଠ ପଢିବାକୁ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ସରକାର ଖଡିଛୁଆଁ ଏବଂ ପ୍ରବେଶ ଉତ୍ସବ ଆରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମ ଟାଙ୍ଗୀ ବ୍ଲକ ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ଅନୁଷ୍ଠିତ ହୋଇଛି । ଟାଙ୍ଗୀ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ମଣ୍ଡଳ ଶିକ୍ଷାଅଧିକାରୀ ପ୍ରଦୀପ କୁମାର ସାହୁ ନିର୍ଦ୍ଦେଶ ଅନୁସାରେ ଏକ ଶିକ୍ଷା ସଚେତନତା ରଥ ବିଭିନ୍ନ ବିଦ୍ୟାଳୟ ଏବଂ ଗ୍ରାମ ପରିକ୍ରମା କରିଛି । ଏଥି ସହିତ ବିଭିନ୍ନ ବିଦ୍ୟାଳୟରେ ଏହି ଶିକ୍ଷା ସଚେତନତା ରଥକୁ ପୂଜାର୍ଚ୍ଚନା କରାଯାଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ ଶିକ୍ଷା ସଚେତନତା ରାଲିର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସିଆରସିସି, ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ସାମିଲ୍ ହୋଇଥିଲେ । ଅନୁରୂପ ଭାବେ ସରକାରୀ ପ୍ରାଥମିକ ବିଦ୍ୟାଳୟ ଚିତ୍ରକୂଟବିହାର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ପଟ୍ଟନାୟକ ଏହି ଶିକ୍ଷା ସଚେତନତା ରଥକୁ ସ୍ୱାଗତ କରିଥଲେ । ବିଦ୍ୟାଳୟର ସଭାପତି ମନୋଜ କୁମାର ପ୍ରଧାନ, ସହକାରୀ ଶିକ୍ଷକ ସଚିତ୍ରା କୁମାର ପାଇକରାୟ, ନମିତା ଭଡ ସିଆରସିସି ମଳୟ କୁମାର ମଙ୍ଗରାଜ, ଶିକ୍ଷକ ନେତା ଅମର କୁମାର ଜୟସିଂହ ଉପସ୍ଥିତ ରହି ସ୍ୱାଗତ ଜଣାଇ ବା ସହିତ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନାଚ ଗୀତ ମାଧ୍ୟମରେ ସ୍ୱାଗତ କରାଯାଇଥିଲା ।

## ଅଭିନବ ଉପାୟରେ ସାଇବର ଠକେଇ

# ଗର୍ଭବତୀ ମହିଳାଙ୍କଠାରୁ ଲୁଟି ନେଲେ ଲକ୍ଷାଧିକ ଟଙ୍କା

ରଣପୁର: ନୟାଗଡ ଜ଼ିଲ୍ଲା ରଣପୁର ଏନଏସିରେ ଅଭିନବ ଉପାୟରେ ସାଇବର ଠକେଇ ହୋଇଛି । ଗର୍ଭବତୀ ମହିଳାଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି ଅପରାଧୀମାନେ । ଏ ନେଇ ନୟାଗଡ ସାଇବର ଥାନାରେ ଲିଖିତ ଅଭିଯୋଗ ହୋଇଛି । ସୂଚନା ଅନୁସାରେ ରଣପୁର ଏନଏସି ଅନ୍ତର୍ଗତ ୨ନଂ ୱାର୍ଡରେ ଥିବା ମାଣିକପାଟଣା ଅଙ୍ଗନବାଡିର ଶିକ୍ଷୟତ୍ରୀ ଲକ୍ଷ୍ମୀପ୍ରିୟା ସାହୁଙ୍କ ପାଖକୁ ଗତ ବୁଧବାର ସକାଳ ୯.୪୫ରେ ସାଇବର ଠକ ଫୋନ କରି ମୁଁ ତୁମ ସେଣ୍ଟ୍ରାଲ ଇନକ୍ୱାରୀ ଅଫିସର କହି ତୁମ ଅଙ୍ଗନବାଡି ସେଣ୍ଟରରେ ସବୁ କାର୍ଯ୍ୟକ୍ରମ ଠିକ ଠାକ ହେଉଛି କି ନାହିଁ ତୁମ ୱାର୍ଡରେ କେତେଜଣ ଗର୍ଭବତୀ ନାରୀ ପଞ୍ଜିକରଣ କରଣ କରିଛନ୍ତି ତାଙ୍କର ସମସ୍ତ ଡାଟା ମାଗିଥିଲେ ଏବଂ ସେମାନଙ୍କର ଇନକ୍ୱାରୀ କରାଯିବ କହିଥିଲେ । ଅଙ୍ଗନବାଡି ଦିଦି ତାଙ୍କ ବିଷୟରେ ସବିଶେଷ ତଥ୍ୟ ନଜାଣି ସେହି ୱାର୍ଡ ତିନି ଜଣ ଗର୍ଭବତୀ ମହିଳାଙ୍କ ନାମ ଓ ଫୋନ ନମ୍ବର ପ୍ରଦାନ କରିବା ସହିତ ସାଇବର ଠକ ସହିତ ଭିଡ଼ିଓକଲ ମାଧ୍ୟମରେ ରହି ସେହି ୱାର୍ଡର ଜୈନିକ ଗର୍ଭବତୀ ମହିଳାଙ୍କୁ ଭିଡିଓ କଲ କରିଥିଲେ । ମହିଳା ଜଣଙ୍କ ଭିଡିଓ କଲ ଉଠାଇବାରୁ ସାଇବର ଠକ ଜଣଙ୍କ ନିଜକୁ ସେଣ୍ଟ୍ରାଲ ଇନକ୍ୱାରୀ ଅଫିସର ପରିଚୟ ଦେବା ପରେ ତୁମର କିଛି ଟଙ୍କା ଆସିବା ନେଇ ଜରୁରୀ ଇନକ୍ୱାରୀ କରାଯିବ ବୋଲି କହିଥିଲେ । ସେହି ଭିଡିଓ କଲରେ ଥିବା ସେହି ୱାର୍ଡର ଅଙ୍ଗନବାଡ଼ି ଦିଦି ଜୈନିକ ମହିଳାଙ୍କୁ କହିଥିଲେ ସାରେ କିଛି ଇନକ୍ୱାରୀ କରିବେ ତୁମେ ସାରେ ଯାହା ପଚାରୁଛନ୍ତି ଉତ୍ତର ଦିଅ ବୋଲି କହିଥିଲେ । ଭିଡିଓ କଲ ଲାଇନରେ ଥିଲେ ଅଙ୍ଗନବାଡି ଦିଦି କହିବାରୁ ଯାହାକୁ ନେଇ ମହିଳା ଜଣଙ୍କ ବିଶ୍ୱାସ କରିଯାଇ ସମସ୍ତ ତଥ୍ୟ ପ୍ରଦାନ କରିବାରୁ ମହିଳାଙ୍କ ବ୍ୟାଙ୍କ ଖାତାରୁ ୯୫,୩୦୦ ଟଙ୍କା କଟିଯାଇଥିଲା । ଏକଥା ଜାଣିବା ପରେ ମହିଳାଙ୍କ ସ୍ୱାମୀ ନୟାଗଡ ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ରଣପୁର ମହିଳା ଶିଶୁ ବିକାଶ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ତରଫରୁ ତୁରନ୍ତ ଇନକ୍ୱାରୀ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣ ରେ ଦାବି ହେଉଛି

# ଯାଜପୁର ଜିଲ୍ଲା ଓକିଲ ସଂଘର ଶପଥ ଗ୍ରହଣ




ଯାଜପୁର(ନିପ୍ର): ଯାଜପୁର ଜିଲ୍ଲା ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ବରିଷ୍ଠ ଆଇନଜୀବୀ ପ୍ରତାପ ରାୟ ସଭାପତିତ୍ୱ କରିଥିଲେ । ଏହି ସଭାରେ ନିର୍ବାଚନ ଅଧିକାରୀ ବିଜୟ କୁମାର ଜେନା ନବନିର୍ବାଚିତ କର୍ମକର୍ତ୍ତା ମାନଙ୍କୁ ଶପଥ ପାଠ କରାଇଥିଲେ । ନବନିର୍ବାଚିତ ସଭାପତି ଅମୀୟ କୁମାର ମହାନ୍ତି, ସାଧାରଣ ସମ୍ପାଦକ ଦିବାକର ମହାନ୍ତି, ଉପ ସଭାପତି ଶ୍ରୀମତୀ ଝରଣା ମିଶ୍ର ଓ ସହସଂପାଦିକା ଭାବେ ଚିନ୍ମୟୀ ଜେନା ପ୍ରମୁଖ ନୂତନ କର୍ମକର୍ତ୍ତା ଶପଥ ପାଠ କରିବା ପରେ ଆଇନ୍‌ଜୀବୀମାନଙ୍କର ବିଭିନ୍ନ ସମସ୍ୟା ଓ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ ।

# ଅଜଣା ଗାଡ଼ି ଧକ୍କାରେ ବାଇକ ଚାଳକ ମୃତ, ଜଣେ ଗୁରୁତର

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଘୁନଘୁଟିଠାରେ ଏକ ସଡ଼କ ଦୁର୍ଘଟଣାରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ରାଉରକେଲା ସରକାରୀ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି । ମୃତ ବାଇକ ଚାଳକ ହେଲେ ମହୁଲପାଲି ଥାନା ଘୁନଘୁଟି କାରେଲକୁଟା ପଡ଼ାର ପାତ୍ରାସ ବା(୫୮) ଏବଂ ଆହତ ଜଣକ ହେଲେ ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଟୁନମୁରା ଗ୍ରାମର ରଞ୍ଜିତ କେର୍କେଟା(୪୫) । ଏନେଇ ପୋଲିସ ମହୁଲପାଲି ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ କରି ମୃତଦେହ ଜବତ ପରେ ଗୁରୁବାର ଗୋବିନ୍ଦପୁର ମେଡ଼ିକାଲରେ ବ୍ୟବଚ୍ଛେଦ କରାଇଛି । ସୂଚନା ଅନୁଯାୟୀ ମୃତକ ଏବଂ ଗୁରୁତର ବ୍ୟକ୍ତି ଦୁହେଁ ମିଶି ବୁଧବାର ଅପରାହ୍ନରେ ଏକ ବାହାଘର ଭୋଜି ପାଇଁ ବାଇକରେ ବାହାରିଥିଲେ । ଘୁନଘୁଟି ଛକରୁ ବାହାରି ବାମରା-କୁଚିଣ୍ଡା ୨୪ ନମ୍ବର ଜାତୀୟ ରାଜପଥରେ ସେମାନେ ଏକ ଅଜଣା ଗାଡ଼ି ଧକ୍କାର ଶିକାର ହୋଇଥିଲେ । ଫଳରେ ଉଭୟେ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ । ଗୋବିନ୍ଦପୁର ଥାନା ଆଇଆଇସି ପଦ୍ମାଳୟା ସାହୁ କୁଚିଣ୍ଡା କୋର୍ଟରୁ କାମ ସାରି ବାମରା ଅଭିମୁଖେ ଫେରୁଥିବା ସମୟରେ ସେମାନଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ପଡିଥିବା ଦେଖିଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ପାତ୍ରାସ ଓ ରଞ୍ଜିତଙ୍କୁ ଆଇଆଇସି ସାହୁ ପୋଲିସ ଗାଡ଼ିରେ ତୁରନ୍ତ ଗୋବିନ୍ଦପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ପାତ୍ରାସଙ୍କୁ ମୃତ ଘୋଷଣା କରିଥିଲେ । ରଞ୍ଜିତଙ୍କ ଗୋଡ଼ ଭାଙ୍ଗି ଯାଇଥିବାରୁ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ରେଫର କରାଯାଇଛି । ଘଟଣାଟି ମହୁଲପାଲି ଥାନା ଅଞ୍ଚଳର ହୋଇଥିବାରୁ ଖବରପାଇ ପୋଲିସ ଗୋବିନ୍ଦପୁର ମେଡ଼ିକାଲକୁ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ସୂଚନାଯୋଗ୍ୟ ଯେ, ରଞ୍ଜିତ ରାଜମିସ୍ତ୍ରୀ ହୋଇଥିବାରୁ ପାତ୍ରାସ ଘର ମରାମତି ପାଇଁ ଡାକିଥିଲେ । ନିଜ ଅଞ୍ଚଳ ହୋଇନଥିଲେ ବି ରକ୍ତ ଜୁଡୁବୁଡୁ ଗୁରୁତର ଅବସ୍ଥାରେ ଆଇଆଇସି ସାହୁ ପୋଲିସ ଗାଡିରେ ଘଟଣା ସ୍ଥଳରୁ ସେମାନଙ୍କୁ ଉଦ୍ଧାର କରି ମେଡ଼ିକାଲକୁ ନେବା ମାନବିକତାର ପରିଚୟ ଦେଇଛନ୍ତି ।

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା: ପ୍ରେମିକ ଗିରଫ



କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶୃତି ଦେଇ ପ୍ରତାରଣା କରିବା ସହ ୩ମାସର ଗର୍ଭବତୀ କରିବା ଅଭିଯୋଗରେ ପ୍ରେମିକ ଯୁବକ ଗିରଫ ହୋଇଛି । ଗିରଫ ଯୁବକ ହେଲେ ରାଉରକେଲା ଜଗଦା ଅଞ୍ଚଳର ଅଭିଜିତ ସୁରିନ(୨୩) । ପିଡିତା ଯୁବତୀଙ୍କ ରିପୋର୍ଟ କ୍ରମେ ଗୋବିନ୍ଦପୁର ଥାନା ପୋଲିସ କେଶ ନଂ(୪୬/୨୬) ଦଫା ୬୯/୩୧୮(୨) ବିଏନଏସରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୁଚିଣ୍ଡା ଏସଡ଼ିଜେଏମ୍ କୋର୍ଟକୁ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ସୂଚନା ଅନୁଯାୟୀ, ଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ୨୧ ବର୍ଷିୟା ଯୁବତୀ ରାଉରକେଲାର ଏକ କଲେଜରେ ପାଠ ପଢୁଥିଲେ । ପୀଡିତା ଯୁବତୀଙ୍କ ସହ ଦେଖା ସାକ୍ଷାତ ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଥିଲା । ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଅଭିଯୁକ୍ତ ଶାରିରୀକ ସମ୍ପର୍କ ରଖିଥିଲେ । ଫଳରେ ପୀଡିତା ଯୁବତୀ ଜଣକ ବର୍ତ୍ତମାନ ୩ ମାସର ଗର୍ଭବତୀ । ଅଭିଯୁକ୍ତ ଜଣକ ସିଧାସଳଖ ବିବାହ ପାଇଁ ମନା କରିବାରୁ ଯୁବତୀ ଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ ।

## ବିଦ୍ୟାଳୟ ପରିସରରୁ ଗଛ କାଟି ବିକ୍ରି ଅଭିଯୋଗ

# ପ୍ରତିବାଦରେ ଗ୍ରାମବାସୀଙ୍କ ତାଲାବନ୍ଦ, ଶିକ୍ଷାଦାନ ଅଚଳ



ଧାମନଗର(ନିପ୍ର): ଧାମନଗର ବ୍ଲକ ଦଇପୁର ପଞ୍ଚାୟତସ୍ଥିତ ୧୯୪୭ ମସିହାରେ ସ୍ଥାପିତ ଜଗନ୍ନାଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ଅରାଜକତାର ପେଣ୍ଠସ୍ଥଳ ପାଲଟିଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ମନମୁଖୀ କାର୍ଯ୍ୟକଳାପ ଏବଂ ଶିକ୍ଷା ବିଭାଗର ଉଦାସୀନତା ଯୋଗୁଁ ଏହି ପୁରାତନ ଶିକ୍ଷାନୁଷ୍ଠାନ ଏବେ ଅଚଳାବସ୍ଥାକୁ ଚାଲିଆସିଛି । ଜରାଜୀର୍ଣ୍ଣ ବିପଦ ସଙ୍କୁଳ ଶ୍ରେଣୀ ଗୃହର ପାଠପଢ଼ା ବି ହେଉଛି । ସୂଚନା ଅନୁଯାୟୀ, ଚଳିତ ମାସ ୫ ତାରିଖରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିନା କୌଣସି ବିଭାଗୀୟ ଅନୁମତିରେ ପରିସର ମଧ୍ୟରେ ଥିବା ମୂଲ୍ୟବାନ ଗଛଗୁଡ଼ିକୁ କାଟି ବିକ୍ରି କରୁଥିଲେ । ଏହା ଜାଣିପାରି ବାବୁରିଗାଁ ଓ ସ୍ୱାମୀପାଟଣାର ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଞ୍ଚି ଏହାକୁ ତୀବ୍ର ବିରୋଧ କରିଥିଲେ । କଟା ଗଛଗୁଡ଼ିକ ଏବେ ମଧ ବିଦ୍ୟାଳୟ ପରିସରରେ ପଡ଼ି ରହିଥିବା ବେଳେ ପ୍ରତିବାଦ ସ୍ୱରୂପ ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇ ଦେଇଛନ୍ତି । ଖବର ପାଇ ପୋଲିସ ଓ ଶିକ୍ଷା ବିଭାଗର ଅଧିକାରୀମାନେ ପହଞ୍ଚିଥିଲେ ମଧ ସମସ୍ୟାର କୌଣସି ସ୍ଥାୟୀ ସମାଧାନ ହୋଇପାରିନାହିଁ । ଗଛକଟାକୁ ନେଇ ବିବାଦ ବଢ଼ିବା ପରେ ପ୍ରଧାନଶିକ୍ଷକ କାହାକୁ ଦାୟିତ୍ୱ ନ ଦେଇ ମନମୁଖୀ ଭାବେ ଛୁଟିରେ ରହିଛନ୍ତି । ଫଳରେ ବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ବର୍ତ୍ତମାନ ବିଦ୍ୟାଳୟରେ 'ପ୍ରବେଶ ଉତ୍ସବ' ଚାଲିଥିବା ବେଳେ ନୂତନ ନାମଲେଖା ବାଧାପ୍ରାପ୍ତ ହୋଇଛି । ସେହିପରି ଅଷ୍ଟମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇଥିବା ପିଲାମାନେ ନିଜର ସାର୍ଟିଫିକେଟ ପାଇବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଦ୍ୟାଳୟରେ ମାତ୍ର ୪୫ଜଣ ଛାତ୍ରଛାତ୍ରୀଙ୍କ ପାଇଁ ୫ ଜଣ ଶିକ୍ଷକ ନିୟୋଜିତ ଥିଲେ ହେଁ ବିଦ୍ୟାଳୟ ପରିବେଶ ଅତ୍ୟନ୍ତ ଅପରିଷ୍କାର ଓ ଅସ୍ୱାସ୍ଥ୍ୟକର ହୋଇପଡ଼ିଛି । ଏ ସମ୍ପର୍କରେ ସି.ଆର.ସି.ସି କହିଛନ୍ତି ଯେ, ସେ ଘଟଣା ସମ୍ପର୍କରେ ଅବଗତ ଅଛନ୍ତି ଏବଂ ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିବେ । ତେବେ ଏତେବଡ଼ ସମ୍ବେଦନଶୀଳ ଘଟଣା ଘଟିଥିଲେ ମଧ ଜିଲ୍ଲା ଶିକ୍ଷା ବିଭାଗ କାହିଁକି ଚୁପ୍ ରହିଛି, ତାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଜଣେ ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ଗୋଟେ ଗଛ ଲଗାଇ ନଥିବା ବେଳେ ସେଠାରୁ ଗଛଗୁଡ଼ିକ କାଟି ବିକ୍ରି କରିଦେଇଥିଲେବି ପ୍ରଶାସନ କାହିଁକି ପ୍ରଧାନ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଶୀଘ୍ର ଏହି ସମସ୍ୟାର ସମାଧାନ କରାଯାଇ ବିଦ୍ୟାଳୟରେ ସ୍ୱାଭାବିକ ଶିକ୍ଷାଦାନ ବ୍ୟବସ୍ଥା ଫେରାଇ ଆଣିବାକୁ ଦଇପୁର ପଞ୍ଚାୟତବାସୀ ଦାବି କରିଛନ୍ତି ।

# ବନୀକରଣ ତାଲିମ

ପିପିଲି(ନିପ୍ର): ବଳଙ୍ଗା ଥାନା ଅନ୍ତର୍ଗତ ଗୋଡ଼ିମାଳସ୍ଥିତ ଶାଳେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଓୟୁଏଟି ଭୁବନେଶ୍ୱର ଅଧିନସ୍ଥ କୃଷି ବନୀକରଣ ବିଭାଗ ପକ୍ଷରୁ କୃଷି ବନୀକରଣ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବିଭାଗର ବୈଜ୍ଞାନିକ ଡଃ ମାନସ ରଞ୍ଜନ ନାୟକ, ଓଭରସିୟର ସରୋଜ କୁମାର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃଷି ବନୀକରଣର ଉପକାରିତା, ଏହା କିପରି ଜୀବନ ଜୀବିକାର ଉତ୍ସ ହୋଇହୋଇପାରିବ ଓ ପରିବେଶକୁ କିଭଳି ସନ୍ତୁଳିତ କରିପାରିବ ସେ ନେଇ ଉପସ୍ଥିତ ଥିବା ଚାଷୀମାନଙ୍କୁ ବୁଝାଇଥିଲେ । ଏହି ଅବସରରେ ଉପସ୍ଥିତ ଥିବା ୪୦ରୁ ଊର୍ଦ୍ଧ୍ୱ ଚାଷୀମାନଙ୍କୁ କୃଷି ଉପକରଣ ବଣ୍ଟନ କରାଯାଇଥିଲା ।



# ୫୦୦୦ ମିଶନ ଶକ୍ତି ମହିଳାଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣର ଶୁଭାରମ୍ଭ

ଭୁବନେଶ୍ୱର, ୯ /୪(ନିପ୍ର): ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ରସଦସ୍ୟାମାନଙ୍କୁ ସୁରକ୍ଷିତ ଓ ସଶକ୍ତ କରିବା ଲକ୍ଷ୍ୟରେ ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁବାର ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ସଦସ୍ୟାମାନଙ୍କୁ ସୁରକ୍ଷିତ ଓ ସଶକ୍ତ କରିବା ଲକ୍ଷ୍ୟରେ ମିଶନ ଶକ୍ତି ପକ୍ଷରୁ ପ୍ରଥମ ଥର ପାଇଁଏକ ସ୍ୱତନ୍ତ୍ର ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଜାତୀୟ ମହିଳା କମିଶନର (ଏନସିଡବ୍ଲ୍ୟୁ) ଅଧ୍ୟକ୍ଷା ବିଜୟା କିଶୋର ରାହତକର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ସମାବେଶକୁ ସମ୍ବୋଧିତ କରି ପ୍ରଭାତୀ ପରିଡ଼ା କହିଥିଲେ ଯେ, ମହିଳା ସଶକ୍ତିକରଣ କେବଳ ଆର୍ଥିକ ସ୍ୱାଧୀନତା ମଧ୍ୟରେ ସୀମିତ ନୁହେଁ, ବରଂ ସେମାନଙ୍କର ସମ୍ମାନ ଓ ସୁରକ୍ଷା ସୁନିଶ୍ଚିତ କରିବା ମଧ୍ୟ ଏକ ପ୍ରମୁଖ ଲକ୍ଷ୍ୟ। ଏହି ପ୍ରଶିକ୍ଷଣ ଦ୍ୱାରା ମହିଳାମାନେ ଆତ୍ମବିଶ୍ୱାସର ସହ ସମାଜରେ ବିଚରଣ କରିପାରିବେ ଏବଂ ନିର୍ଭୟରେ ବିଭିନ୍ନ ଆର୍ଥିକ କାର୍ଯ୍ୟକଳାପରେ ସାମିଲ ହୋଇପାରିବେ। ଏଥିସହ ଏନସିଡବ୍ଲ୍ୟୁ ଅଧ୍ୟକ୍ଷା ରାହତକର କହିଥିଲେ ଯେ, ମହିଳାମାନେ ଆତ୍ମନିର୍ଭରଶୀଳ ହେବାସହ ନିଜ ସୁରକ୍ଷା ପାଇଁ ସଜାଗ ରହିଲେ ହିଁ ଦେଶର ଅର୍ଥନୀତିରେ ସେମାନଙ୍କର ଅବଦାନ ଅଧିକ ସୁଦୃଢ଼ ହେବ। ଜାତୀୟ ମହିଳା କମିଶନ ଏବଂ ମିଶନ ଶକ୍ତି ବିଭାଗର ମିଳିତ ସହଯୋଗରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୫ଟିଜିଲ୍ଲା ଯଥା- ଖୋର୍ଦ୍ଧା,କଟକ, ପୁରୀ, କେନ୍ଦୁଝର ଏବଂ ଗଞ୍ଜାମର ୫,୦୦୦ ଏସଏଚଜି ସଦସ୍ୟାଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି, ମିଶନ ଶକ୍ତି ବିଭାଗର କମିସନର ତଥା ଶାସନ ସଚିବ ମାନସୀ ନିମ୍ଭାଲ ଏବଂ ଅତିରିକ୍ତଶାସନ ସଚିବ ଶୈଳେନ୍ଦ୍ର କୁମାର ଜେନାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିମହିଳାଙ୍କ ନେତୃତ୍ୱରେ ବିକାଶର ନୂଆ ପର୍ଯ୍ୟାୟ ଉପରେ ଗୁରୁତ୍ୱାରୋପ କରିଥିଲେ।



## ଓଡ଼ିଆ ପ୍ରଶାସନିକ ଭାଷା ଜ୍ଞାନ ପ୍ରତିଯୋଗିତା

ପୁରୀ,୯/୪(ନିପ୍ର): ଓଡ଼ିଆ ପକ୍ଷ ପାଳନ ଅବସରରେ ଗୁରୁବାର ଅପରାହ୍ନରେ ସର୍କିଟ ହାଉସ ଠାରେ ଓଡ଼ିଆ ପ୍ରଶାସନିକ ଭାଷା ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଇଥିଲା। ଡେପୁଟି କଲେକ୍ଟର ସୌମ୍ୟଶ୍ରୀ ପାଣିଗ୍ରାହୀ ଏହାକୁ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ବିଭାଗର କର୍ମଚାରୀମାନେ ଯୋଗ ଦେଇ ପ୍ରଶାସନିକ ଭାଷା ଜ୍ଞାନ ସମ୍ପର୍କରେ ପରୀକ୍ଷା ଦେଇଥିଲେ। ଏହି ପ୍ରତିଯୋଗିତାରେ ଅଭିଜିତ ପ୍ରଧାନ ପ୍ରଥମ, ଶୁଭ ନାରାୟଣ ଶତପଥୀ ଦ୍ୱିତୀୟ, ରାମକୃଷ୍ଣ ବଡଡଜେନା, ମନୋରମା ସାହୁ, ସଞ୍ଜୟ ମିଶ୍ର ଓ ବିଶ୍ୱନାଥ ମହାପାତ୍ର ଯୁଗ୍ମ ତୃତୀୟ ହୋଇଥିଲେ। ଓଡ଼ିଆ ପକ୍ଷର ଶେଷ ଦିବସରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ସୂଚନା ଦେଇଛନ୍ତି।

## ବିଜୁ ଲିଗାସୀ ଏକାଠି ହେବାକୁ ସ୍ୱାଗତ କଲେ ସମ୍ବିତ ରାଉତରାୟ



**ଭୁବନେଶ୍ୱର, ୯/୪(ନିପ୍ର):** ବିଜୁ ବାବୁଙ୍କ ନାଁ ନେଇ ବିଜୁ ଲିଗାସୀ ଏକାଠିହେବାକୁ ସ୍ୱାଗତ କଲେ ବିଜେଡି ନେତା ସମ୍ବିତ ରାଉତରାୟ । କହିଲେ ବିଜୁ ବାବୁଙ୍କ ନାମକୁ ନେଇ ସେମାନେ ଯାହା କରୁଛନ୍ତି କରିପାରିବେ, କିଛି ଅସୁବିଧା ନାହିଁ । ବିଜୁ ବାବୁ ଏମିତି ଗୋଟେ ନେତାତାଙ୍କ ନାମ ନେଇକି ଯିଏ ଯାହା କରିପାରିବେ । ସେମାନେ ଦଳର କ୍ଷତି କରିବା ପାଇଁ କି କଣ କହିହେବନି। କିନ୍ତୁ ବିଜୁ ବାବୁଙ୍କ ନାମ ନେଇ ଏକାଠି ହେଉଛନ୍ତି ଭଲ କଥା । ବିଜୁଙ୍କ ନୀତି ଆଦର୍ଶ ମାନୁଛନ୍ତି ବଡ଼ କଥା । ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅନେକ ବ୍ୟକ୍ତି ରାଜନୀତିକୁ ଓହ୍ଲେଇ ଥିଲେ । ତା ଭିତରେ ମୋ ବାପ ଦାମୋଦର ରାଉତ ଜଣେ । ବିଜୁ ବାବୁ ଅନେକ ନେତାଙ୍କୁ ସୃଷ୍ଟି କରିଥିଲେ । ବିଶ୍ୱ ସ୍ତରରେ ଓଡ଼ିଶାର ଅନ୍ୟତମ ନାମ ବିଜୁ । ସେତବେଳେ ଯେଉଁମାନେ ବିଜୁ ବାବୁଙ୍କ ସହ ଥିଲେ ବହୁତ ଦେହାନ୍ତ ହୋଇଗଲେଣି । ଆମକୁ ପଚାରିଲେ ଆମେ କହିବୁ ନବୀନ ଲିଗାସୀ । ବିଜୁ ବାବୁଙ୍କ ପାଖରେ କୌଣସି କଟକଣା ନଥିଲା । ମନର କଥା ବିଜୁ ବାବୁଙ୍କୁ କହିପାରୁଥିଲେ । ଆଜିକା ଦିନରେ ବିଜୁ ଲିଗାସୀ ନାହାନ୍ତି ଯେଉଁମାନେ ଅଛନ୍ତି ଦଳ ଛାଡି ଗଲେଣି । ଆମର ନେତା ନବୀନ ବାବୁ ଯେଉଁ ପର୍ଯ୍ୟନ୍ତ ଅଛନ୍ତି ଏସବୁରେ କିଛି ହେବନି ବୋଲି ସେ କହିଛନ୍ତି ।

# ମା' ତାରିଣୀଙ୍କ ଚଇତି ପର୍ବ ଆରମ୍ଭ



କେନ୍ଦୁଝର, ୯/୪(ନିପ୍ର): ଘଟଗାଁ ମା' ତାରିଣୀଙ୍କ ପ୍ରସିଦ୍ଧ ୯୦ତମ ଚଇତି ପର୍ବ ଆରମ୍ଭ ହୋଇଛି । ସପ୍ତାହେ ଧରି ମା'ଙ୍କ ପୀଠରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ମା'ଙ୍କୁ ସୁନାବେଶରେ ସଜ୍ଜିତ କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିବ ମଞ୍ଚ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଗୁରୁବାର ସକାଳୁ ଦେହୁରୀ ମାନେ ମା'ଙ୍କ ମାର୍ଜନା, ବଡ଼ସିଂହାର ବେଶ, ଷୋଡ଼ଶ ଉପଚାର, ମଙ୍ଗଳ ଆଳତି କରି ସୁନାବେଶ କରାଯାଇଛି। ଏହା ସହ ମନ୍ଦିର ପରିସରରେ ହୋମଯଜ୍ଞ, ଭାଗବତ ପାରାୟଣ, ଚଣ୍ଡୀପାଠ ଓ ସତ୍ୟନାରାୟଣ ପୂଜା କରାଯାଉଛି, ୧୦୮ ନଡ଼ିଆ ପୂଜାପାଇଁ ଦୁଆରଶୁଣୀ ମନ୍ଦିରରେ ବ୍ୟବସ୍ଥା କରାଯାଇଥିବା ମନ୍ଦିର ଦେହୁରୀ ରବି ଦେହୁରୀ ପ୍ରକାଶ କରିଛନ୍ତି। ଚଇତି ପର୍ବରେ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ରାଜ୍ୟର କୋଣ ଅନୁକୋଣରୁ ଶ୍ରଦ୍ଧାଳୁମାନେ ଘଟଗାଁ ଆସିବେ। ହଜାର ହଜାର ଗାଡ଼ି ଆସିବ ତିନିଟି ସ୍ଥାନ ଘଟଗାଁ ହାଟପଡ଼ିଆ, ଶାଳବଣ ବାଙ୍କ, ସରସ୍ୱତୀ ଶିଶୁମନ୍ଦିର ପଡ଼ିଆରେ ଗାଡ଼ି ପାର୍କିଂ ବ୍ୟବସ୍ଥା କରାଯାଇଛି। ଆନନ୍ଦପୁର ଆଡୁ ଆସୁଥିବା ଗାଡ଼ି ଗୁଡ଼ିକ ଶାଳବଣ ବାଙ୍କ, କେନ୍ଦୁଝର ପଟୁ ଆସୁଥିବା ଗାଡ଼ି ଗୁଡ଼ିକ ହାଟପଡ଼ିଆ ଓ ହରିଚନ୍ଦନପୁର ପଟୁ ଆସୁଥିବା ଗାଡ଼ି ଗୁଡ଼ିକ ସରସ୍ୱତୀ ଶିଶୁମନ୍ଦିର ପଡ଼ିଆରେ ପାର୍କିଂ କରିବେ। ଘଟଗାଁ ଏସବିଆଇ, ମା' ହୋଟେଲ ଏବଂ ଶନିମନ୍ଦିର ନିକଟରେ ସ୍ୱାଗତ ତୋରଣ ନିର୍ମାଣ କରାଯାଇଛି। ଶ୍ରଦ୍ଧାଳୁମାନେ ଖରାରୁ ରକ୍ଷା ପାଇବା ପାଇଁ ମା' ତାରିଣୀ ପୀଠକୁ ସମ୍ପୂର୍ଣ୍ଣ ଭାବେ ତାରପୋଲିନ ଛାଉଣି କରାଯାଇଛି।

# ୧୩ ଶମ୍ଭୁଙ୍କ ମହାମିଳନ: ଭକ୍ତିମୟ ପରିବେଶରେ ହଜାରହଜାର ଶ୍ରଦ୍ଧାଳୁ



**ନିରାକାରପୁର, ୯/୪(ନିପ୍ର):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁରଠାରେ ଆଧ୍ୟାତ୍ମିକତାର ଏକ ଅପୂର୍ବ ସଙ୍ଗମ ଦେଖିବାକୁ ମିଳିଛି। ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଅତ୍ୟନ୍ତ ଆଡ଼ମ୍ବର ସହକାରେ ତ୍ରୟୋଦଶ ଶମ୍ଭୁ ଦଣ୍ଡ ମହାମିଳନ ପର୍ବ ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ଆଖପାଖ ଅଞ୍ଚଳର ୧୩ଟି ପ୍ରମୁଖ ଶୈବପୀଠରୁ ଆସିଥିବା ପ୍ରଭୁ ଶମ୍ଭୁଙ୍କ ପଟୁଆର ଏକାଠି ହୋଇ ଏକ ଦିବ୍ୟ ପରିବେଶ ସୃଷ୍ଟି କରିଥିଲେ। ୧୩ ଶୈବପୀଠର ପଟୁଆର ଓ ପରିକ୍ରମା ଏହି ଭବ୍ୟ ମିଳନରେ ନିରାକାରପୁରର ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ସମେତ ଲେଣ୍ଡୁର ଚନ୍ଦନେଶ୍ୱର ଦେବ, ଷୋଢ଼ରପୁରର କପିଳେଶ୍ୱର ଦେବ, ବାଦୁରବରର କୁମୁଦେଶ୍ୱର ଦେବ, ବୋଦଙ୍ଗରାର ଲୋକନାଥ ଦେବ, ଆସେଲିର ଚନ୍ଦନେଶ୍ୱର ଦେବ, ଅରାଞ୍ଚଳର ଗ୍ରାମେଶ୍ୱର ଦେବ, ବାଲିଗାଁ କପିଳେଶ୍ୱର ଦେବ, ଗୋଳବାଇ ଗୁଣ୍ଡୁଣୀର କୃଷ୍ଣେଶ୍ୱର ଦେବ, ରୋଷଣାର ଈଶାନେଶ୍ୱର ଦେବ, ପାଣ୍ଡବପାଟଣାର କପିଳେଶ୍ୱର ଦେବ, ହଜର ନାଟ୍ୟେଶ୍ୱର ଦେବ, ହରିପୁର ବିଶ୍ୱନାଥ ଦେବ ଏବଂ ଗୋଡ଼ିପଦରର କୃଷ୍ଣେଶ୍ୱର ଦେବ ପ୍ରମୁଖ ନିଜ ନିଜର ପଟୁଆର ସହ ଉପସ୍ଥିତ ହୋଇଥିଲେ। ପ୍ରଥମେ ସମସ୍ତ ଠାକୁର ନୀଳକଣ୍ଠେଶ୍ୱର ଦେବଙ୍କ ପଡ଼ିଆରେ ପହଞ୍ଚିବା ପରେ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ହାଇସ୍କୁଲ ପଡ଼ିଆକୁ ଆସିଥିଲେ। ଭକ୍ତମାନେ ନିଜ ଦ୍ୱାର ଆଗରେ ଝୋଟି ଓ ଚିତା ପକାଇ ଠାକୁରଙ୍କୁ ସ୍ୱାଗତ କରିଥିଲେ। ମହାମିଳନ ସ୍ଥଳରେ ଭକତାମାନଙ୍କ ଦ୍ୱାରା ପ୍ରଦର୍ଶିତ ଦଣ୍ଡ ନୃତ୍ୟ ଓ ବିଭିନ୍ନ କଳାକୌଶଳ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଆତସବାଜିର ପ୍ରକମ୍ପନ ଓ ହରିବୋଲ ହୁଳହୁଳି ଶବ୍ଦରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ଏହି ଦିବ୍ୟ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ବେଳେ ଖରୁଡ଼ା ମହାସଂଘ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଦହିପଣା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କମିଟି ସଭାପତି ରବୀନ୍ଦ୍ର ରାଉତରାୟ, ସମ୍ପାଦକ ସତ୍ୟବାଦୀ ବଳବନ୍ତରାୟ ଏବଂ କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।



## ୪୮ ଦଣ୍ଡମେଳନ ଉତ୍ସବ

ଭାପୁର, ୯/୪(ନିପ୍ର): ଚୈତ୍ର ମାସ ଠାକୁରାଣୀଙ୍କ ମାସ ହୋଇଥିବାରୁ ଗାଁ ଠାରୁ ସହର ପର୍ଯ୍ୟନ୍ତ ଭକ୍ତିର ପରିବେଶ ଦେଖାଦେଇଥାଏ। ଏହି ଅବସରରେ, ଭାପୁର ଗ୍ରାମର ବାଲୁଙ୍କେଶ୍ୱର ଦେବଙ୍କ ପୀଠସ୍ଥଳୀ ପ୍ରାଙ୍ଗଣରେ ବୁଧବାର ରାତ୍ରିରେ ୪୮ ଦଣ୍ଡ ମେଳନ ଅନୁଷ୍ଠିତ ହୋଇଥିଲା। ଦଣ୍ଡ ଠାକୁରଙ୍କ ଗ୍ରାମ ପରିକ୍ରମା ସହିତ ଝୁଣାଧୂପରେ ଗାଁ ପ୍ରକମ୍ପିତ ହୋଇଥିଲା। ଢୋଲର ତାଳେତାଳେ ଶ୍ରଦ୍ଧାଳୁମାନେ ଠାକୁରଙ୍କ ଗହଣରେ ଗ୍ରାମ ପରିକ୍ରମା ସହିତ ୪୮ ଦଣ୍ଡ ମେଳନ ହୋଇଥିଲେ। ବିଜିପୁର ପଞ୍ଚାୟତର ମାଳିବେରେଣୀ, ରାକମା, ଶାଳପଡା ପଞ୍ଚାୟତର ବାରବାଟୀ, ଜାମୁସାହି ଏବଂ ଗୋଳାପୋଖରୀ ପଞ୍ଚାୟତର ତରବାଲୋ ଗ୍ରାମ ମାନଙ୍କରୁ ଦଣ୍ଡ ଠାକୁରମାନେ ଆସି ମିଳନ ହୋଇଥିଲେ। ଏହି ଦଣ୍ଡ ମେଳନ ଉତ୍ସବକୁ ଭାପୁର ଗ୍ରାମବାସୀ ଆୟୋଜନ କରିଥିଲେ।

## ଚିନ୍ତାମଣିଶ୍ୱର ଅଞ୍ଚଳରେ ଲାଗିଲା ନିଆଁ



**ଭୁବନେଶ୍ୱର, ୯/୪(ନିପ୍ର):** ଭୁବନେଶ୍ୱର ଚିନ୍ତାମଣିଶ୍ୱର ଅଞ୍ଚଳରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଡୁପ୍ଲେକ୍ସ ତଳେ ଥିବା ଗ୍ୟାରେଜରେ ପାର୍କିଂ ହୋଇଥିବା ୪ ବାଇକ ପୋଡି ପାଉଁଶ ହୋଇଯାଇଛି। ନିଆଁ ଲାଗିଯିବା ଫଳରେ ଗାଡି ଗୁଡିକ ହୁତହୁତ ହୋଇ ଜଳିଥିଲା। ସର୍ଟସର୍କିଟରୁ ନିଆଁ ଲାଗିଥିବା ନେଇ ଅନୁମାନ କରାଯାଉଛି। ନିଆଁ ଲିଭାଇବାରେ ଅଗ୍ନିଶମ ବାହିନୀ ଟିମ ପହଞ୍ଚି ନିଆଁକୁ ଆୟତ୍ତ କରିଛି।

## ୟୁଜିସିର ବଡ଼ ନିଷ୍ପତ୍ତି: ଏଣିକି ଅଙ୍ଗନୱାଡି ପିଲାଙ୍କ ପାଠପଢ଼ା ଏବଂ ସ୍ୱାସ୍ଥ୍ୟର ଯତ୍ନ ନେବେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ



ଭୁବନେଶ୍ୱର, ୯/୪(ନିପ୍ର): ୟୁଜିସିର ବଡ଼ ନିଷ୍ପତ୍ତି । ଅଙ୍ଗନୱାଡିକୁ ଆଡପ୍ଟ କରିବେ ବିଶ୍ୱବିଦ୍ୟାଳୟ । ଏଣିକି କୁନି କୁନି ପିଲାଙ୍କ ପାଠପଢ଼ା ଏବଂ ସ୍ୱାସ୍ଥ୍ୟର ଯତ୍ନ ନେବେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ । ଶିଶୁ ଶିକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ୟୁଜିସି ଏହି ନିର୍ଦ୍ଦେଶନାମା ଜାରି କରିଛି । ବିଶ୍ୱବିଦ୍ୟାଳୟ କରିବେ ମେଣ୍ଟରସିପ୍ । ପ୍ରତି ବିଶ୍ୱବିଦ୍ୟାଳୟ ଓ କଲେଜ ଅତିକମରେ ୫ରୁ ୬ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ପୋଷ୍ୟ ଭାବେ ଗ୍ରହଣ କରିବେ । ଫିଲ୍ଡ ୱାର୍କ, ସାମାଜିକ ସେବା ଏବଂ ଇଣ୍ଟର୍ନସିପରେ ଛାତ୍ରଛାତ୍ରୀଙ୍କୁ ଏହା ସହାୟକ ହେବ । ମୁଖ୍ୟ ଶାସନ ସଚିବମାନଙ୍କ ସମ୍ମିଳନୀ ପରେ ନୀତି ଆୟୋଗର କାର୍ଯ୍ୟବିବରଣୀ ପ୍ରକାଶ ପାଇଛି । ସମସ୍ତ କୁଳପତି ଓ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଲା ୟୁଜିସି । ପ୍ରାରମ୍ଭିକ ଶିଶୁ ଶିକ୍ଷାକୁ ଗୁରୁତ୍ୱ ଦେଇ ସରକାର ଏହି ମାଷ୍ଟରପ୍ଲାନ ପ୍ରସ୍ତୁତ କରିଛନ୍ତି । ବିଶେଷ କରି ଶିକ୍ଷା, ମନୋବିଜ୍ଞାନ, ପୋଷଣ ଏବଂ ସମାଜ ମଙ୍ଗଳ ବିଭାଗର ଛାତ୍ରଛାତ୍ରୀମାନେ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇ ପିଲାଙ୍କ ବିକାଶରେ ସହଯୋଗ କରିବେ । ଏହାଦ୍ୱାରା ୩ରୁ ୬ ବର୍ଷର ଶିଶୁମାନଙ୍କୁ ଗୁଣାତ୍ମକ ଶିକ୍ଷା ମିଳିବା ସହ ଉଚ୍ଚଶିକ୍ଷା ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ପେସାଗତ ଅନୁଭୂତି ହାସଲ କରିପାରିବେ । ଉଭୟ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ପାଇଁ ଏହି ନିୟମ ଲାଗୁ ହେବାକୁ ଯାଉଛି । ଶିକ୍ଷା ନୁହେଁ ବରଂ ସମାଜ ପ୍ରତି ଛାତ୍ର ସମାଜର ଦାୟିତ୍ୱବୋଧକୁ ଆହୁରି ବୃଦ୍ଧି କରିବ ।

## ୭ ଦିନିଆ ରିମାଣ୍ଡରେ ଗଲା ରାଜା ସାହାଣୀ

**ବନେଶ୍ୱର, ୯/୪(ନିପ୍ର):** ଆଜିଠୁ ୭ ଦିନିଆ ରିମାଣ୍ଡରେ ଗଲା କୁଖ୍ୟାତ ଅପରାଧୀ ରାଜା ସାହାଣୀ। ଚୌଦ୍ୱାର ଜେଲରୁ ରିମାଣ୍ଡରେ ନେଲା ବେଙ୍ଗାଲୁରୁ ପୋଲିସ। କର୍ଣ୍ଣାଟକ ବେଙ୍ଗାଲୁରୁରେ ୨୦ କୋଟି ଟଙ୍କାର ଅଳଙ୍କାର ଲୁଟ ଘଟଣାର ତନାଘନା ପାଇଁ ରାଜା ସାହାଣୀକୁ ରିମାଣ୍ଡରେ ନେଇଛି କର୍ଣ୍ଣାଟକ ପୋଲିସ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ପଚରାଉଚରା କରିବ ପୋଲିସ ଟିମ। କେମିତି ଏତେ ଟଙ୍କାର ଅଳଙ୍କାର ଲୁଟ କରିଥିଲା ଏ ନେଇ ଜେରା କରିବ କର୍ଣ୍ଣାଟକ ପୋଲିସ। ୭ ଦିନିଆ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି କଟକ ଔଗରଉ। କର୍ଣ୍ଣାଟକ ପୋଲିସ ମାଗିଥିବା ରିମାଣ୍ଡକୁ ମଂଜୁରୀ ପରେ ରିମାଣ୍ଡରେ ନେଇଛି ପୋଲିସ। ଚୌଦ୍ୱାର ଜେଲରୁ ଫେରାର୍ ଦ୍ୱିତୀୟ କଏଦୀ ରାଜା ସାହାଣୀକୁ ଉତ୍ତରାଖଣ୍ଡରୁ ଗିରଫ କରାଯାଇଥିଲା। ବିହାରର ରାଜା ସାହାଣୀକୁ ଋଷିକେଶରୁ କମିଶନରେଟ୍ ପୁଲିସର ସ୍ୱତନ୍ତ୍ର ଟିମ୍ ଗିରଫ କରଥିଲା। ଏହା ପୂର୍ବରୁ ମଧୁକାନ୍ତ ରାଣାକୁ ବୃନ୍ଦାବନରୁ ପୋଲିସ ଗିରଫ କରିଥିଲା। ଗତ ଦଶହରାରେ ମଧୁକାନ୍ତ ଓ ରାଜା ପାଚେରୀ ଡେଇଁ ଫେରାର ହୋଇଯାଇଥିଲେ।

# ୨ ବେଆଇନ ବାଲି ଘାଟରେ ଲାଗିଲା ୧୬୩ ଧାରା

ଆସିକା, ୯/୪(ନିପ୍ର): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପଖଣ୍ଡ ଆସିକା ତହସିଲର ଆସିକା ଥାନା ଅଧୀନ ବଡ଼ନଦୀର ୨ଟି ବେଆଇନ ବାଲି ଘାଟରେ ଲାଗିଲା ୧୪୪ ଧାରା (ଭାରତୀୟ ନ୍ୟାୟ ସଂହିତା ୧୬୩ ଧାରା)। ଆସିକା ତହସିଲରେ ଥିବା ବଡ଼ନଦୀ ଘାଟରୁ ବେଆଇନ ବାଲି ଉତ୍ତୋଳନ ହେଉଥିବା ହେତୁ ଅନେକଥର ଗ୍ରାମବାସୀ ପକ୍ଷରୁ ବିରୋଧ ହୋଇ ଆସୁଛି। ବାରମ୍ବାର ବେଆଇନ ବାଲି ଉତ୍ତୋଳନ ଯୋଗୁଁ ସରକାର କୋଟିକୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ଅନ୍ୟପଟେ ବାଲି ଘାଟକୁ ନେଇ ମୁଣ୍ଡ ଗଡିବା ସମ୍ଭାବନାକୁ ଆଡେଇ ଦିଆଯାଇ ପାରିବନି। ଗାଁ ଗାଁ ମଧ୍ୟରେ ବେଆଇନ ବାଲିକୁ ନେଇ ଗୋଷ୍ଠୀ କନ୍ଦଳ ଦେଖାଦେଇଛି। ଏ ନେଇ ଭଞ୍ଜନଗର ଉପ ଜିଲ୍ଲାପାଳଙ୍କ ଆଦେଶ ନମ୍ବର ୨୯୪୦ ତାରିଖ ୦୫/୦୪/୨୦୨୬ ପ୍ରକାରେ ଆସିକା ତହସିଲ ଅଧୀନ ଇଲାକାରେ ନୂଆପଲ୍ଲୀ ମୌଜା, ଖାତା ନଂ- ୨୯୧, ପ୍ଲଟ୍ ନ-ଂ ୪୪୧ର ପ୍ରାୟ ୫ ଏକର ସେହିପରି ଫାପଲ ପୁର ମୌଜା ଖାତା ନଂ-୪୭୫, ପ୍ଲରଟ ନଂ- ୬୫୮ର ପ୍ରୟ ୩ ଏକର ଇଲାକାର ସ୍ଥାନ ଗୁଡ଼ିକରେ ବେଆଇନ ବାଲି ଉତ୍ତୋଳନ ନ ହେବା ସକାଶେ ଏହି ଧାରା ବଳବତ୍ତର ରହିବ ବୋଲି ନିର୍ଦ୍ଦେଶ ନାମା ଜାରି କରାଯାଇଛି। ପୂର୍ବରୁ ଅନୁରୂପ ଋଷିକୂଲ୍ୟା ଓ ବଡ଼ନଦୀର ୫ଟି ସ୍ଥାନରେ ବେଆଇନ ବାଲି ଉତ୍ତୋଳନ ନକରିବା ପାଇଁ ଭଞ୍ଜନଗର ଉପ ଜିଲ୍ଲାପାଳଙ୍କ ଆଦେଶ ନମ୍ବର ୨୫୬୦ଏବଂ ୨୫୬୩ ତାରିଖ ୨୧/୦୩/୨୬ ପ୍ରକାରରେ କେନ୍ଦୁପଦର ମୌଜାର ଖାତା ନମ୍ବର ୬୧୧ ପ୍ଲଟ ନମ୍ବର ୧୨୮୮ର ୨୨ ଏକର, ପ୍ଲଟ ନମ୍ବର୧୨୮୯ ର ପ୍ରାୟ ୧୦ ଏକର,ପ୍ଲଟନମ୍ବର ୨୪୯୨ ପ୍ରାୟ ୨୦ ଏକର ସମେତ ଚେରମାରିଆ ମୌଜାର ଖାତା ନମ୍ବର ୩୦୩ ପ୍ଲଟ ନମ୍ବର ୧୩୯୨ର ୧୨ ଏକର ସେହିପରି ବଡ଼ନଦୀର ଇଲାକାରେ ଉପଜିଲ୍ଲାପାଳଙ୍କ ଆଦେଶ ସଂଖ୍ୟା ୨୭୭୮,୨୭୭୫,୨୭୮୧ ତାରିଖ ୨୭/୦୩/୨୦୨୬ ପ୍ରକାରେ ପଥରା ମୌଜାର ଖାତା ନମ୍ବର ୨୫୭ ପ୍ଲଟ ନମ୍ବର ୧୬୦୦ ର ପ୍ରାୟ ୧୪ଏକର,ନିରାଳ ମୌଜାର ଖାତା ନମ୍ବର ୩୧୬ ପ୍ଲଟ ନମ୍ବର ୧୭୯୧ର ପ୍ରାୟ ୭ଏକର ଅନୁରୂପ ରିଷିପୁର ମୌଜାର ଖାତା ନମ୍ବର ୫୫୭ପ୍ଲଟ ନମ୍ବରର ୧୭୩ର ପ୍ରାୟ ୩ଏକର ଇଲାକାରେ ୧୪୪ ଧାରା (ଭାରତୀୟ ନ୍ୟାୟ ସଂହିତା ୧୬୩) ପାଇଁ ଦୁଇ ଥାନାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଆଜିର ଏହି ଦୁଇ ମୌଜାକୁ ମିଶାଇ ମୋଟ ୭ଟି ସ୍ଥାନରେ ଧାରା ୧୬୩ ବଳବତ୍ତର ରହିଲା।

## ଦାୟିତ୍ୱ ଗ୍ରହଣ କଲେ ବିଧାୟକ ସିତାଂଶୁ ଶେଖର ମହାପାତ୍ର

ଭଦ୍ରକ, ୯/୪(ନିପ୍ର): ଭଦ୍ରକର ବିଧାୟକ ସିତାଂଶୁ ସେଖର ମହାପାତ୍ର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ମନୋନୀତ ହେବା ପରେ ଗୁରୁବାର ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲାପାଳ ଦିଲୀପ୍ ରାଉତରାୟଙ୍କ ଦ୍ୱାରା ଏବଂ ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲା ସଭାପତି ଭଗବାନ ପଣ୍ଡାଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ଅଧ୍ୟକ୍ଷ ପଦ ଅଳଙ୍କୃତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଦଳୀୟ କର୍ମକର୍ତ୍ତାଙ୍କ ପକ୍ଷରୁ ଆୟୋଜିତ ଏକ ବିଶାଳ ଶୋଭାଯାତ୍ରା ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଧାୟକ ଗୋଶାଳା ପରିସରରେ ଗୋମାତାଙ୍କ ପୂଜା କରି ତାଙ୍କର ଆଶୀର୍ବାଦ ଲାଭ କରିବା ସହ ଏହି ସମ୍ମାନକୁ ଏକ ଦାୟିତ୍ୱ ଭାବେ ଗ୍ରହଣ କରି ଭଦ୍ରକ ଜିଲ୍ଲାର ସାମଗ୍ରିକ ଉନ୍ନତି ଓ ଲୋକମାନଙ୍କର କଲ୍ୟାଣ ପାଇଁ ନିରନ୍ତର ପ୍ରୟାସ କରବେ ବୋଲି କହିଛନ୍ତି।

**ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେସନ ଆଣ୍ଡ ରିସର୍ଚ୍ଚ ତିରୁପତି**
(କେନ୍ଦ୍ର ସରକାରଙ୍କ ଶିକ୍ଷାମନ୍ତ୍ରାଳୟ ଅଧୀନରେ ଜାତୀୟ ଗୁରୁତ୍ୱ ବହନ କରୁଥିବା ଏକ ସ୍ୱୟଂଶାସିତ ଶିକ୍ଷାନୁଷ୍ଠାନ)
**'ସହକାରୀ ପ୍ରଫେସର ଗ୍ରେଡ୍-୨' ପଦବୀ ପାଇଁ ନିଯୁକ୍ତି**
ଆଇଜର ତିରୁପତି ଉତ୍କର୍ଷ ଶିକ୍ଷାଗତ ରେକର୍ଡଧାରୀ ଭାରତୀୟ ନାଗରିକଙ୍କଠାରୁ ସହକାରୀ ପ୍ରଫେସର ଗ୍ରେଡ୍-୨ ପଦବୀ ନିମନ୍ତେ ସମ୍ପୂର୍ଣ୍ଣ ଭାବରେ ଚୁକ୍ତି ଆଧାରରେ ଅନଲାଇନ ଆବେଦନ ଆହ୍ୱାନ କରାଯାଇଛି।
ବିଜ୍ଞାପନର ସବିଶେଷ ନିମନ୍ତେ ଦୟାପୂର୍ବକ www.iisertirupati .ac.in>>Careers>> Faculty. ପରିଦର୍ଶନ କରନ୍ତୁ। ଅନଲାଇନ ଦରଖାସ୍ତ ଦାଖଲର ଶେଷ ତାରିଖ ଏପ୍ରିଲ ୩୦, ୨୦୨୬
ବିଜ୍ଞାପନ ନଂ. ୨୭/ ୨୦୨୬/ IISER-T/Rect./09.04.2026
ରେଜିଷ୍ଟ୍ରାର
CBC21377/12/0002/2627

# ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ସମୀକ୍ଷା ବୈଠକ



**ଭୁବନେଶ୍ୱର, ୯/୪(ନିପ୍ର):** ଜଳମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଗୁରୁବାର ଗ୍ରାମ୍ୟ ଉନ୍ନୟନ ବିଭାଗର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ୨୦୨୫-୨୬ ବର୍ଷର କାର୍ଯ୍ୟର ସଫଳତା ଏବଂ୨୦୨୬-୨୭ ବର୍ଷ ପାଇଁ ନୂତନ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ବୈଠକ ଆରମ୍ଭରେ କମିଶନର ତଥା ଶାସନ ସଚିବ ଯାମିନୀ ଷଡ଼ଙ୍ଗୀ ବିଭାଗୀୟ ଉପଲବ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ଗତ ୨୦୨୫-୨୬ ଆର୍ଥିକ ବର୍ଷରେ ବିଭାଗ ପକ୍ଷରୁ ୮୯.୪୫ ପ୍ରତିଶତ ଅର୍ଥ ବିନିଯୋଗ କରାଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାର୍ଯ୍ୟକାରୀ କରିବାରେ ଓଡ଼ିଶା ଦେଶରେ ୮ମ ସ୍ଥାନରେ ଥିବା ବେଳେ, ନୂତନ ଜ୍ଞାନକୌଶଳ ଓ ସାମଗ୍ରୀ ବ୍ୟବହାର କରି ରାସ୍ତା ନିର୍ମାଣ କରିବାରେ ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନରେ ରହିଛି। ମନ୍ତ୍ରୀ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। ପୂର୍ବବର୍ଷର ସଫଳତାକୁ ଆଧାର କରି ଆହୁରି ଉଚ୍ଚଲକ୍ଷ୍ୟ ରଖିବା ସହିତ ଚଳିତବର୍ଷରେ ନିଜ ପ୍ରଦର୍ଶନକୁ ନିଜେ ଅତିକ୍ରମ କରିବା ପାଇଁ ଅଧିକ ସଂକଳ୍ପ ଓ ପ୍ରୟାସ ସହ କାମ କରିବା ଆବଶ୍ୟକ ବୋଲି ମନ୍ତ୍ରୀ ଶ୍ରୀ ନାଏକ ମତ ପ୍ରକାଶ କରିଥିଲେ। ସମୟର ଉପଯୁକ୍ତ ବ୍ୟବହାର ଏବଂ ବିଭାଗୀୟ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି, ଯେ ବର୍ଷାଦିନ ପୂର୍ବରୁ ଟେଣ୍ଡର ପ୍ରକ୍ରିୟା ଶେଷ କରାଯାଉ। ଯେପରି ବର୍ଷା ଛାଡ଼ିବା ମାତ୍ରେ କାମ ଦ୍ରୁତ ଗତିରେ ଆରମ୍ଭ ହୋଇପାରିବ। ଏହି ବୈଠକରେ 'ମିଶନ ପାୱାର' ମାଧ୍ୟମରେ ଅପହଞ୍ଚ ଗାଁଗୁଡିକୁ ପକ୍କା ରାସ୍ତାରେ ଯୋଡ଼ିବା ପାଇଁ ଆଲୋଚନା ମଧ୍ୟ କରାଯାଇଛି। କେଉଁ ଜିଲ୍ଲାରେ କେତେ 'ଅନକନେକ୍ଟେଡ୍ ହାବିଟେସନ୍ସ' ରହିଛି ତାହାର ସବିସ୍ତୃତ ସମୀକ୍ଷା କରାଯାଇଛି । ଲକ୍ଷ୍ୟ ହାସଲ ପାଇଁ ସମୟସୀମା ମଧ୍ୟନିର୍ଦ୍ଧାରିତ କରାଯାଇଛି। ଆଗାମୀ ମାସଗୁଡ଼ିକରେ ସଂଯୋଗ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଧ୍ୟାନ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଓ ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ମଧ୍ୟ ସମୀକ୍ଷା ହୋଇଛି। ଆବଶ୍ୟକତାମୂଳକ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରିବା ସହ ଉନ୍ନୟନର ଲାଭ ସମସ୍ତ ଅଞ୍ଚଳରେ ସମାନ ଭାବରେ ପହଞ୍ଚିବା ସୁନିଶ୍ଚିତ କରିବାକୁ ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ରାଜ୍ୟର ଗ୍ରାମାଞ୍ଚଳ ରାସ୍ତାଗୁଡ଼ିକର ରକ୍ଷଣାବେକ୍ଷଣ ଯୋଜନା ଉପରେ ସମୀକ୍ଷା କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ, ନୂତନ ରାସ୍ତା ନିର୍ମାଣଭଳି ପୁରୁଣା ରାସ୍ତାର ମରାମତି ଓ ସୁଦୃଢ଼ିକରଣ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଉନ୍ନତ ଭିତ୍ତିଭୂମି ହିଁ ସରକାରଙ୍କ ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ମଜଭୁତ କରିଥାଏ।

## ମଝି ଆକାଶରେ ବିମାନରେ ଯାନ୍ତ୍ରିକ ତ୍ରୁଟି

ମୁମ୍ବାଇ,୯।୪: ହିନ୍ଦୁସ୍ତାନ ଟାଇମ୍ସ ରିପୋର୍ଟ ମୁତାବକ ଗୁରୁବାର ମୁମ୍ବାଇରୁ ବେଙ୍ଗାଲୁରୁ ଯାଉଥିବା ଏକ ଏୟାର ଇଣ୍ଡିଆ ବିମାନ ଉଡ଼ାଣ ଆରମ୍ଭ ହେବାର କିଛି ସମୟ ପରେ ଫେରିବାକୁ ବାଧ୍ୟ ହୋଇଛି। କାରଣ ପାଇଲଟମାନେ ମଝି ଆକାଶରେ ଏକ ଯାନ୍ତ୍ରିକ ସମସ୍ୟା ବିଷୟରେ ରିପୋର୍ଟ କରିଥିଲେ ଏବଂ ଜରୁରୀକାଳୀନ କଲ୍ ଘୋଷଣା କରିଥିଲେ। ଏହି ଘଟଣାଟି ବିମାନ ଏୱାନ ୨୮୧୨, ଏକ ଏୟାରବସ୍ ଏ ୩୨୦ୱାନ ସହିତ ଜଡିତ ଥିଲା, ଯାହା ରାତି ୨:୦୫ ରେ ଉଡ଼ାଣ କରିବାର ଥିଲା । କିନ୍ତୁ ପ୍ରାୟ ୨:୧୫ ରେ ଉଡ଼ାଣ ଆରମ୍ଭ କରିଥିଲା। ବିମାନଟି ପ୍ରାୟ ୨୦ ମିନିଟ୍ ପରେ ମୁମ୍ବାଇ ବିମାନବନ୍ଦରକୁ ଫେରି ଆସିଥିଲା, ପ୍ରାୟ ୨:୩୫ ରେ ସୁରକ୍ଷିତ ଭାବରେ ଅବତରଣ କରିଥିଲା।

**ବିଜ୍ଞାପନ ନଂ.୦୧/୨୦୨୬**
**କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନରେ ବଦଳି ଜରିଆରେ ଡେପୁଟେସନ ଆଧାରିତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଓ ସହକାରୀ ନିର୍ଦ୍ଦେଶକ (ଦାପ୍ତରିକ ଭାଷା) ପଦବୀର ହେବ ପୂରଣ**
କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ(କେଭିଏସ) ଶିକ୍ଷା ମନ୍ତ୍ରାଳୟ ଅଧିନ ଏକ ସ୍ୱୟଂଶାସିତ ସଂଗଠନ। ବଦଳି ଜରିଆରେ ଡେପୁଟେସନ ଆଧାରିତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପଦବୀ (ଗୋଟିଏ) ୦୧ ପେ ଲେଭଲ-୧୧ ଓ ପେ ଲେଭଲ-୧୦ ଅନୁଯାୟୀ ସହକାରୀ ନିର୍ଦ୍ଦେଶକ (ଦାପ୍ତରିକ ଭାଷା) ପଦବୀ (ଗୋଟିଏ) ୦୧ ପୂରଣ ହେବ।
ଅଧିକ ଜାଣିବା ପାଇଁ ଯୋଗ୍ୟତା ପରିମାପକ, ଯୋଗ୍ୟତା ଏବଂ ନିୟମ ଓ ସର୍ତ୍ତାବଳୀ ନିମନ୍ତେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ୱେବସାଇଟ୍ www.kvsangathan.nic.in ପରିଦର୍ଶନ କରନ୍ତୁ ଏବଂ ଏମ୍ପ୍ଲୟମେଣ୍ଟ ନ୍ୟୁଜ ୪ ଏପ୍ରିଲ, ୨୦୨୬ର ସଂସ୍କରଣ ଦେଖନ୍ତୁ।
*ଅତିରିକ୍ତ କମିଶନର (ପ୍ରଶାସନ)*
**CBC 21106/12/0001/2627**

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ